

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 2 OCTOBER 2020

Vol.No. 30 ■ No. 249 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,




Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


### ଅନଲକ୍ ୫.୦ ପାଇଁ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା

# ଅକ୍ଟୋବର ୩୧ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ , ମନ୍ଦିର ବନ୍ଦ

## ତିର୍ତୋଲ ଓ ବାଲେଶ୍ୱର ଉପ ନିର୍ବାଚନ ପାଇଁ ୧୦୦ଜଣ ଲୋକ ଏକଜୁଟ ହେବାକୁ ଅନୁମତି




ଭୁବନେଶ୍ୱର,୧।୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ରିଲିଫ କମିସନର ଗୁରୁବାର ଦିନ ଅକ୍ଟୋବର ମାସ ଲାଗି କୋଭିଡ୍ ୧୯ ଗାଇଡଲାଇନ୍ ଜାରି କରିଛନ୍ତି। ଗାଇଡ୍ ଲାଇନ୍ ଅନୁସାରେ ପୂର୍ବବତ୍ କଂଟେନମେଂଟ ଜୋନ୍‌ଗୁଡ଼ିକରେ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଲକଡାଉନ୍ ବଳବତର ରହିବ। କୋଭିଡ୍-୧୯ ସଂକ୍ରମଣ ଶୃଙ୍ଖଳାକୁ ଟକାଇବା ଉଦ୍ଦେଶ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସମସ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଏହି ଅଂଚଳରେ କେବଳ ଜରୁରୀ କାର୍ଯ୍ୟକଳାପ ପାଇଁ ଅନୁମତି ମିଳିବ। ଅନ୍‌ଲକ-୫ରେ ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମଠ, ମନ୍ଦିର, ସିନେମା ହଲ୍, ସ୍କୁଲ-କଲେଜ ବନ୍ଦ ରହିବ। ତେବେ ଉପନିର୍ବାଚନ ଥିବାରୁ କୋଭିଡ୍ ଗାଇଡଲାଇନ୍ ପାଳନ କରି ତିର୍ତୋଲ ଓ ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୧୦୦ଜଣ ଲୋକ ଏକଜୁଟ ହେବା ନିମନ୍ତେ ଅନୁମତି ମିଳିବ। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନ, କୋଚିଂ ସେଂଟର, ଅଙ୍ଗନବାଡ଼ି ଆଦି ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ତେବେ ଅନଲାଇନ୍ ପାଠପଢ଼ା ଓ ଟେଲି କାଉନସେଲିଂ ଆଦି କାର୍ଯ୍ୟ ହୋଇପାରିବ। ପରୀକ୍ଷା ପରିଚାଳନା, ଖାତା ଦେଖା ଓ ଅନ୍ୟ ପ୍ରଶାସନିକ ଗତିବିଧି ହୋଇପାରିବ। ସେହିପରି ବିବାହଭୋଜିରେ ୫୦ଜଣ ଓ ମୃତ୍ୟୁଜନିତ କାର୍ଯ୍ୟରେ ୨୦ଜଣରୁ ଅଧିକ ଲୋକ ଏକଜୁଟ ହୋଇପାରିବେ ନାହିଁ। ସର୍ବସାଧାରଣ ସ୍ଥଳରେ ଛେପ ପକାଇବା ଦଣ୍ଡନୀୟ ହେବ। ମଦ,ଗୁଟଖା, ପାନ ଆଦି ସର୍ବସାଧାରଣ ସ୍ଥଳରେ ଖାଇବା ଉପରେ କଟକଣା ରହିବ। ତେବେ ତିର୍ତୋଲ ଓ ବାଲେଶ୍ୱର ବିଧାନସଭ ଆସନରେ ଉପନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଦୁଇଟି ସ୍ଥାନରେ ସର୍ବାଧିକ ୧୦୦ଲୋକଙ୍କୁ ଏକଜୁଟ ହେବା ନିମନ୍ତେ ଅନୁମତି ଦିଆଯାଇଛି। ତେବେ ଏଥିପାଇଁ ସମସ୍ତ ଲୋକଙ୍କୁ ମାସ୍କ, ସାମାଜିକ ଦୂରତ୍ୱ ସହ ସେମାନଙ୍କର ଥର୍ମାଲ ସ୍କ୍ରିନିଂ କରିବା ବାଧ୍ୟତାମୂଳକ ହେବ। ସ୍ଥାନୀୟ ଜିଲ୍ଲା ପ୍ରଶାସନ ରାଜନୀତିକ କାର୍ଯ୍ୟକ୍ରମ ନିମନ୍ତେ ଏହି ଲୋକଙ୍କ ଏକଜୁଟ ପାଇଁ ଅନୁମତି ଦେବେ । ଅଫିସ ହେଉ ଅବା ସର୍ବସାଧାରଣ ସ୍ଥଳୀ ଅବା ଯାନବାହନରେ ଯିବାବେଳେ ମାସ୍କ ପିନ୍ଧିବା ଜରୁରୀ ହେବ। ସର୍ବସାଧାରଣ ସ୍ଥଳରେ ୬ଫୁଟର ସାମାଜିକ ଦୂରତ୍ୱକୁ ପାଳନ କରିବେ । ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବାକୁ ଉଭୟ ଗ୍ରାହକ ଓ କର୍ମଚାରୀମାନେ ପାଳନ କରିବେ। ନିୟମ ଖିଲାପ କଲେ ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ମାର୍ଗଦର୍ଶିକା ଅନୁଯାୟୀ ଆସନ୍ତା ଅକ୍ଟୋବର ୩୧ ପର୍ଯ୍ୟନ୍ତ ରାଜ୍ୟରେ ଥିବା ସିନେମା ହଲ, ସୁଇମିଂ ପୁଲ, ଥିଏଟର, ମନୋରଞ୍ଜନ କଂପ୍ଲେକ୍ସ, ଅଡିଟୋରିୟମ,

▶▶ପୃଷ୍ଠା ୭

# ବିଧାନସଭାରେ ବିଜୁଳି ଦର ବୃଦ୍ଧି ଉପରେ ମୁଲତବୀ ନୋଟିସ୍

- ■ସବୁ ଦିଗକୁ ଅନୁଧ୍ୟାନ କରି ଦର ସ୍ଥିର କରାଯାଇଥାଏ : ଶକ୍ତି ମନ୍ତ୍ରୀ
- ■ବିଜେପି ସଭ୍ୟଙ୍କ କକ୍ଷତ୍ୟାଗ



ଭୁବନେଶ୍ୱର,୧।୧୦ (ନି.ପ୍ର): ବିଜୁଳି ଦର ସବୁ ଦିଗକୁ ଅନୁଧ୍ୟାନ କରି ଦର ସ୍ଥିର କରା ଯାଇଥାଏ କରିଥାଏ ।୭ ବର୍ଷ ପରେ ବିଜୁଳି ଦର ବଢ଼ିଛି । ଅନ୍ୟ ପକ୍ଷରେ କୃଷକ, ବିପିଏଲ ପରିବାରଙ୍କ ପାଇଁ ଦର ବୃଦ୍ଧି ହୋଇନାହିଁ। ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଅଣା ଯାଇଥିବା ବିଜୁଳି ଦର ବୃଦ୍ଧି ସମ୍ପର୍କିତ ମୁଲତବୀ ନୋଟିସ ଉପରେ ହେଲା ଆଲୋଚନା ବେଳେ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଉତରରେ ଅସନ୍ତୋଷ ପ୍ରକାଶ କରି ବିଜେପି ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ପରେ ବାଚସ୍ପତି ମୁଲତବୀ ପ୍ରସ୍ତାବଟିକୁ ଅଗ୍ରାହ୍ୟ କରିଦେଇଥିଲେ। ସଭ୍ୟ ମୋହନ ଚରଣ ମାଝୀ, ନିତ୍ୟାନନ୍ଦ ଗଣ୍ଡ, ଗଣେଶରାମ ସିଂ ଖୁଂଟିଆ ଓ ମୁକେଶ ମହାଲିଙ୍ଗ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ‘କରୋନା ମହାମାରୀ ସମୟରେ ଗରୀବଙ୍କୁ ବିଜୁଳି ମାଡ ସରକାରଙ୍କ ଅମାନବୀୟ ନୀତିର ନମୂନା’ ର ଉତରରେ ମନ୍ତ୍ରୀ କହିଛନ୍ତି ଯେ ୫୦ ୟୁନିଟରୁ ଅଧିକ ବ୍ୟବହାର କରୁଥିବା ଗ୍ରାହକଙ୍କ ପାଇଁ ଦର ବୃଦ୍ଧି ହୋଇଛି। ୟୁନିଟ ପିଛା ମାତ୍ର ୨୦ ପଇସା ବୃଦ୍ଧି କରାଯାଇଛି। ଏନଟିପିସି, ଏନଏଚପିସି ଓ ପିଜିସିଆଇଲ ଆଦି ୬୮ ପ୍ରତିଶତ ବୃଦ୍ଧି କରିଥିବାରୁ ଦର ବୃଦ୍ଧି କରାଗଲା। କେବଳ ଗୋଟିଏ ଦୁଇଟି ରାଜ୍ୟ ଛାଡିଲେ ବାକି ରାଜ୍ୟର ବିଜୁଳି ଦର ଓଡିଶା ଉପରେ ରହିଛି ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ ବିଜୁଳି ଦର ବୃଦ୍ଧି ନେଇ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଯେ ମନ୍ତ୍ରୀ ତିନୋଟି ରାଜ୍ୟର ଉଦାହରଣ ଦେଇ ସାମଗ୍ରିକ ଭାବେ ୪ ପ୍ରତିଶତ ବଢିଥିବାବେଳେ ପଡୋଶୀ ଛତିଶଗଡ଼ ର ଉଦାହରଣ ଦେଲେନି। ଯେଉଁଠି ୟୁନିଟ ପିଛା ଦର ଓଡ଼ିଶାଠୁ କମ ରହିଛି। ସରକାର ବଡ ବଡ କମ୍ପାନୀ ମାନଙ୍କୁ କୋଟି କୋଟି ଟଙ୍କା ଛାଡ଼ କରିଛନ୍ତି ଏବଂ ସାଧାରଣ ଲୋକଙ୍କ ଉପରେ ବୋଝ ଲଦିଛନ୍ତି। ରିଲାଏନ୍ସ ଓ ଇମ୍ପା ଭଳି ବଡ ବଡ କମ୍ପାନୀ ମାନଙ୍କୁ ବିଦ୍ୟୁତ ବକେୟା ଛାଡ଼ କରିବାରେ କି ରହସ୍ୟ ଅଛି ବୋଲି ପ୍ରଶ୍ନ କରିଛନ୍ତି ସନ୍ତୋଷ ସିଂ । ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ

▶▶ପୃଷ୍ଠା ୭

# ୩ ଟି ସିଫ୍ଟରେ ହେବ ଓଜେଇଇ ପରୀକ୍ଷା



ଭୁବନେଶ୍ୱର,୧।୧୦ (ନି.ପ୍ର): ଓଡିଶା ଜେଇଇ ପାଇଁ ପରୀକ୍ଷା ସୂଚୀ ପ୍ରକାଶ ପାଇଛଇ। ଦୈନିକ ତିନିଟି ସିଫ୍‌ଟରେ ଓଜେଇଇ ପରୀକ୍ଷା ହେବ। ସକାଳ ୯ରୁ ଦିନ ୧୧ ଟା , ଦିନ ୧୨ଟା୩୦ରୁ ଅପରାହ୍ନ ୨ଟା୩୦ ଓ ଅପରାହ୍ନ ୪ଟାରୁ ସଂଧ୍ୟା୬ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ସମସ୍ତ ପରୀକ୍ଷା କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ ମୋଡ୍‌ରେ ହେବ। ପରୀକ୍ଷାର୍ଥୀମାନେ ଆସନ୍ତା ଅକ୍ଟୋବର ୫ରୁ ଆଡମିଟ କାର୍ଡ ଡାଉନଲୋଡ କରିପାରିବେ। ଅକ୍ଟୋବର ୧୨ରୁ ୧୯ ତାରିଖ ଯାଏ ଓଜେଇଇ ପରୀକ୍ଷା ଅନୁଷ୍ଠିତ ହେବ। ଚଳିତବର୍ଷ ରେକର୍ଡ ୭୯ ହଜାର ୮ଶହ ପିଲା ଓଜେଇଇ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଛନ୍ତି। ୫୩ଟି ସେଂଟରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ଚଳିତବର୍ଷ ପ୍ରଥମ ଥର ପାଇଁ ରାଜ୍ୟ ବାହାରେ ପରୀକ୍ଷା କେନ୍ଦ୍ର କରାଯାଇଛି। ରାଜ୍ୟ ବାହାରେ ରାଂଚି, କୋଲକାତା ଓ ପାଟନାରେ ୩ଟି ସେଂଟର ଖୋଲାଯାଇଛି। ସେହିପରି. ରାଜ୍ୟ ଭିତରେ ୨୧ଟି ସହରରେ ୫୦ଟି କେନ୍ଦ୍ରରେ ପରୀକ୍ଷା ହୋଇଛି।

# ବଙ୍ଗୋପସାଗରରେ ଲଘୁଚାପ : ୬ ତାରିଖ ଯାଏଁ ବର୍ଷା ସମ୍ଭାବନା

## ସତର୍କ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ



ଭୁବନେଶ୍ୱର,୧।୧୦ (ନି.ପ୍ର): ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡିଶା ଉପକୂଳ ଅଂଚଳରେ ସୃଷ୍ଟି ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆସନ୍ତା୨୪ ଘଂଟା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୫ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣି ଓ ପ୍ରବଳ ବର୍ଷା ପାଇଁ ୧୫ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ଅନ୍ୟପକ୍ଷରେ ସତର୍କ ରହିବାକୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି ଏସଆରସି। ଅରେଞ୍ଜ ଓ ୟେଲୋ ୱାର୍ଣ୍ଣି ଜିଲ୍ଲାପ୍ରତି ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ଜଳ ନିଷ୍କାସନ, ପାହାଡ଼ିଆ ଅଂଚଳରେ ଭୂସ୍ଖଳନ ପ୍ରତି ନଜର ଦେବାକୁ ଏସ୍‌ଆରସି କହିଛନ୍ତି। ଗୁରୁବାର ଅପରାହ୍ନରେ ଜାରି ଏକ ସତର୍କ ସୂଚନାରେ ପାଣିପାଗ ବିଭାଗ କହିଛି ଯେ ଆଜି ଅପରାହ୍ନ ଠାରୁ ଆସନ୍ତା ୨୪ ଘଂଟା ମଧ୍ୟରେ ଗଞ୍ଜାମ, ବଲାଙ୍ଗୀର, ସୋନପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ସମସ୍ତ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣି ଜାରି କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ କନ୍ଧମାଳ, ବୌଦ୍ଧ, କଳାହାଣ୍ଡି,

▶▶ପୃଷ୍ଠା ୭

### ଅକ୍ଟୋବର ୯ରୁ ୧୮ ଭୁବନେଶ୍ୱର-ବଲାଙ୍ଗୀର ଇଂଟର ସିଟି ସ୍ୱତନ୍ତ୍ର ଟ୍ରେନ ଆଂଶିକ ବାତିଲ୍

ଭୁବନେଶ୍ୱର,୧।୧୦ (ନି.ପ୍ର): ବଲାଙ୍ଗୀର ଏବଂ ଲୋଇସିଂହା ଷ୍ଟେସନ ମଧ୍ୟରେ ରେଳପଥ ଦୋହରୀକରଣ କାର୍ଯ୍ୟକ୍ଷମ ସମ୍ବନ୍ଧୀୟ ସୁରକ୍ଷା ଜନିତ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୯ ରୁ ୧୮ ଅକ୍ଟୋବର, ପର୍ଯ୍ୟନ୍ତ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଂଟର ସିଟି ସ୍ପେଶାଲକୁ ଆଂଶିକ ବାତିଲ କରିବାକୁ ନିଷ୍ପତି ନିଆଯାଇଛି। ୦୨୮୯୩/୦୨୮୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଂଟର ସିଟି ସ୍ୱତନ୍ତ୍ର ଟ୍ରେନ୍ ଅକ୍ଟୋବର ମାସ ୯ ତାରିଖରୁ ୧୮ ତାରିଖ ମଧ୍ୟରେ ଭୁବନେଶ୍ୱର ଏବଂ ବରଗଡ ରୋଡ୍ ମଧ୍ୟରେ ଚଳାଚଳ କରିବ ଏବଂ ଏହା ବରଗଡ ରୋଡ୍ ଏବଂ ବାଲାଙ୍ଗୀର ମଧ୍ୟରେ ଉଭୟ ଦିଗରୁ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟରେ ଆଉ ୧୭ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୮୫୯ ହେଲା




ଭୁବନେଶ୍ୱର,୧।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୮୫୯ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ୪ ଜଣ,କଟକ ଓ ନୟାଗଡ ଜିଲ୍ଲାର ୨-୨ ଜଣ ରହିଛନ୍ତି ।ସେହିପରି ଅନୁଗୁଳ, ଭଦ୍ରକ, ବଲାଙ୍ଗୀର, ଢେଙ୍କାନାଳ, ଜଗତସିଂହପୁର, କଳାହାଣ୍ଡି, କେନ୍ଦ୍ରାପଡା, ପୁରୀ ଓ ରାୟଗଡା ଜିଲ୍ଲାର ଜଣେ ଜଣେ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ

▶▶ପୃଷ୍ଠା ୭

### ରକ୍ତଦାନ ସହ ଜଡିତ ଲୋକଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୦ (ନି.ପ୍ର): ଅକ୍ଟୋବର ୧ ତାରିଖକୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବରେ ପାଳନ କରାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟରେ ଜଡିତ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି। କରୋନା ମହାମାରୀ ସମୟରେ ପ୍ଲାଜମା ଦାନ କରି ଅନ୍ୟମାନଙ୍କ ଜୀବନ ବଂଚାଇ ଥିବା ପ୍ଲାଜମାଦାତାଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

# ବିଧାନସଭା ବାହାରେ ଯୁବକଙ୍କ ଉନ୍ମତ କାଣ୍ଡ

- ♦ମା’ ବେକରେ ଛୁରୀ ଲଗାଇ ଧମକାଇଲେ
- ♦କାବୁ କରି ଏସସିବି ମାନସିକ ରୋଗ ବିଭାଗକୁ ପଠାଇଲା ପୋଲିସ୍
- ♦ବିଧାନସଭାର ସୁରକ୍ଷା ବଳୟ ବାହାରେ ଘଟିଛି : କମିଶନରେଟ୍ ପୋଲିସ୍



ଭୁବନେଶ୍ୱର,୧।୧୦ (ନି.ପ୍ର): ବିଧାନସଭା ଚାଲୁଥିବାରୁ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା କଡାକଡି ରହିଛି। ଏହାସତ୍ତ୍ୱେ ବିଧାନସଭା ସମ୍ମୁଖରେ ଜଣେ ଯୁବକଙ୍କ ଉନ୍ମତ କାଣ୍ଡ ଦେଖିବାକୁ ମିଳିଛି। ନିଜ ମା ବେକରେ ଛୁରୀ ଲଗାଇ ଧମକ ଦେଉଥିବା ବେଳେ ପୋଲିସ୍ କୌଶଳର ସହ ତାଙ୍କୁ କାବୁ କରିବା ସହ ମାଙ୍କୁ ଉଦ୍ଧାର କରିଛି। ମା ପୁଅ ନୟାଗଡର ଝରଣା ପାଳ ଓ ଜିତେନ୍ଦ୍ର ପାଳ। ଚିକିତ୍ସା ପାଇଁ ଆସିଥିବା ବେଳେ ପୁଅ ଏଭଳି କାଣ୍ଡ ଘଟାଇଥିବା ଉଦ୍ଧାର ମା ଝରଣା ପାଳ କହିଛନ୍ତି। ଅନ୍ୟପକ୍ଷରେ ଘଟଣାଟି ବିଧାନସଭାର ସୁରକ୍ଷା ବଳୟ ବାହାରେ ଘଟିଛି ଏବଂ ସମ୍ପୃକ୍ତ ଯୁବକ ଜଣକ ମାନସିକ ରୋଗୀ ବୋଲି କମିଶନରେଟ୍ ପୋଲିସ୍ କହିଛି। କମିଶନରେଟ୍ ପୋଲିସ୍ ପକ୍ଷରୁ ଟୁଇଟ୍ କରି କୁହାଯାଇଛି ଯେ ଆଜି ବିଧାନସଭାର ସୁରକ୍ଷା ବଳୟ ବାହାରେ ଜଣେ ମାନସିକ ରୋଗାକ୍ରାନ୍ତ ଯୁବକ ତାଙ୍କ ମାଙ୍କୁ କବଳିତ କରି ରଖିଥିଲେ। ପୋଲିସ କର୍ମଚାରୀମାନେ ଉପସ୍ଥିତ ବୁଦ୍ଧି, ଧୈର୍ଯ୍ୟ ଓ ବୃତିଗତ ଦକ୍ଷତାର ସହ ମହିଳାଙ୍କୁ ତାଙ୍କ ପୁଅ କବଳରୁ ନିରାପଦ ଭାବେ ଉଦ୍ଧାର କରିଥିଲେ। ଦକ୍ଷତା ଦେଖାଇଥିବା ଏହି ପୋଲିସ କର୍ମଚାରୀ ମାନଙ୍କୁ ଉତ୍ସାହିତ କରାଯିବ ଓ ଯୁବକଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ମାନସିକ ରୋଗ ବିଭାଗକୁ ପଠା ଯାଉଛି । ସ୍ପଷ୍ଟ କରାଯାଉଛି ଯେ ସୁରକ୍ଷା ବ୍ୟବସ୍ଥାରେ କୌଣସି ତ୍ରୁଟି ଦୃଷ୍ଟି ଗୋଚର ହୋଇ ନାହିଁ ବୋଲି ଟୁଇଟ୍ ରେ ଉଲ୍ଲେଖ କରାଯାଇଛି। ଶୁକ୍ରବାର ସକାଳେ ବିଧାନସଭା ଚାଲିଥିବା

▶▶ପୃଷ୍ଠା ୭

# ଉତ୍ତରପ୍ରଦେଶରେ ରାହୁଲ ଗାନ୍ଧୀଙ୍କୁ ଆକ୍ରମଣ ଘଟଣାର ନିନ୍ଦା କଲେ ପିସିସି ସଭାପତି

ଭୁବନେଶ୍ୱର,୧।୧୦ (ନି.ପ୍ର): ଉତରପ୍ରଦେଶର ହାଥରସ୍ ଦଳିତ ନାବାଳିକା ମନିଷା ବାଲ୍ମିକିକୁ ଗଣଦୁର୍ଷ୍କମ ଘଟଣାରେ ଅଖିଳ ଭାରତ କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି ସାଂସଦ ଶ୍ରୀ ରାହୁଲ ଗାନ୍ଧୀ ତାଙ୍କ ପରିବାରକୁ ଭେଟିବାକୁ ଯିବାବେଳେ ଉତରପ୍ରଦେଶ ପୋଲିସର ତାଙ୍କ ପ୍ରତି ଅଶାଳୀନ ବ୍ୟବହାର ଓ ବର୍ବୋରୋଚିତ ଆକ୍ରମଣକୁ ପିସିସି ସଭାପତି ନିରଂଜନ ପଟ୍ଟନାୟକ ତୀବ୍ର ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ଏହି ଘଟଣା ଉତରପ୍ରଦେଶର ଯୋଗୀ ସରକାରଙ୍କ ହୀନ ମାନସିକତାର ଚରମ ଅମାନବିୟତାର ଜ୍ୱଳନ୍ତ ଉଦାହରଣ ଏବଂ ଏହା ଦୁଃଖଦାୟକ ଓ ଗଣତନ୍ତ୍ର ବିରୋଧି। ଗଣତନ୍ତ୍ରର ମୂଲ୍ୟବୋଧ ଓ ସମ୍ବିଧାନକୁ ଅସମ୍ମାନ ପ୍ରତି ଏହା ଚରମ କୁଠାରଘାତ। ଅବିଳମ୍ବେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରିବା ସହ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ଦିଅନ୍ତୁ। ଏଭଳି କ୍ରୁର ଘଟଣା ଭାରତବର୍ଷର ଗଣତନ୍ତ୍ରର ମୂଲ୍ୟବୋଧ ଓ ରାଜନୈତିକ ସମସ୍ତ ଶାଳିନତାକୁ କ୍ଷୁର୍ଣ୍ଣ କରିଥିବାରୁ କଂଗ୍ରେସ ଦଳ ତରଫରୁ ଘଟଣାର ତ୍ରୀବ ନିନ୍ଦା ଓ ଘୋର ପ୍ରତିବାଦ କରାଯାଉଛି ବୋଲି ସେକହିଛନ୍ତି।

# ୬୦ନଂ ଜାତୀୟ ରାଜପଥର ସୁବର୍ଣ୍ଣରେଖା ପୋଲତଳେ ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର : ହତ୍ୟାସନ୍ଦେହ



ଜଳେଶ୍ୱର,୦୧।୧୦ (ନି.ପ୍ର): ଆଜି ସକାଳେ ସୁବର୍ଣ୍ଣରେଖା ନଦୀର ଚାଲନ୍ତିସ୍ଥିତ ପୋଲ ତଳେ ଜଣେ ଅଚିହ୍ନ ଯୁବକଙ୍କ ଶବ ପଡିଥିବାର ସ୍ଥାନୀୟ ଲୋକେ ଦେଖି ପୋଲିସ୍‌କୁ ଖବର ଦେଇଥିଲେ । ମୃତ ଶରୀର ପଡିଥିବା ଅଳ୍ପ ଦୂରରେ ହଳେ ଚପଲ, ଖଣ୍ଡି କଳା ରଂଗର ଗେଞ୍ଜି ପଡିଥିବା ବେଳେ ବାଲି ରେ ଧସ୍ତାଧସ୍ତି ହୋଇଥିବା ବହୁ ଚିହ୍ନ ହୋଇଛି । ମୃତ ଲୋକଟି ପୋଥଲାକାୟ ଓ ଚନ୍ଦ ଅଟେ । ତା ଦେହର ବିଭିନ୍ନ ସ୍ଥାନରେ ବାଲି ଲାଗିଥିବା, ହାତରେ କାଦୁଅ ଲାଗିଥିବା ଏବଂ ଘୋଷଣା ଘୋଷରୀ ହୋଇଥିବା ଚିହ୍ନ ରହିଛି । ସେ ପିନ୍ଧିଥିବା ପ୍ୟାଣ୍ଟର ଚେନ୍ ଖୋଲା ରହିଛି । ଉପରକୁ ଆଁକରି ପଡି ରହିଥିବା ଦେଖିବାକୁ ମିଳିଛି । ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ବାରି ହେଉଛି । ତାର ପରିଚୟ ମିଳିନଥିବା ବେଳେ ପୋଲିସ୍ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି । ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଭୁବନେଶ୍ୱର, ୩୦ ସେପ୍ଟେମ୍ବର (ହି.ସ.) – ରାଜ୍ୟର ବିଭିନ୍ନ କୋଭିଡ୍ କେୟାର କେନ୍ଦ୍ର, ଟେମ୍ପରାରି ମେଡିକାଲ ସେଂଟର ଓ ପଂଚାୟତ ଓ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ସାମୟିକ ଭାବରେ ନିଯୁକ୍ତି ପାଇଥିବା ଫାର୍ମସିଷ୍ଟ, ଏ.ଏନ୍.ଏମ୍. ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଚାକିରୀରୁ ବାହର କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । କୋଭିଡ୍ ସଂକ୍ରମଣ ସମୟରେ ଏହି ସ୍ୱାସ୍ଥ୍ୟକର୍ମୀମାନଙ୍କର ସମାଜପ୍ରତି ଅବଦାନକୁ ଅଣଦେଖା କରି ସ୍ୱାସ୍ଥ୍ୟ ବିଭାଗର ଏହି ଛଟେଇ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଅନୁରୋଧ କରି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଏକ ପତ୍ର ଲେଖିଥିଲା । ସେହି ପତ୍ରରେ କୋଭିଡ୍ ଯୋଦ୍ଧାମାନଙ୍କର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କର ଅବଦାନକୁ ବିଚାରକୁ ନେଇ ସେମାନଙ୍କ ପାଇଁ ବିକଳ୍ପ ନିଯୁକ୍ତିର ସୁଯୋଗ ଦେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଯାହା ହେଉ ଶେଷରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ସ୍ୱାସ୍ଥ୍ୟକର୍ମୀମାନଙ୍କର ଅବଦାନକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟ ବିଭାଗକୁ ସେମାନଙ୍କ ନିଯୁକ୍ତି ଆଉ ତିନିମାସ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଗତକାଲି ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟଶାସନ ସଚିବ ଶ୍ରୀଯୁକ୍ତ ପ୍ରଦୀପ୍ତ ମହାପାତ୍ର ତାଙ୍କର ଚିଠି ନଂ-୨୧୯୭୧/ ୨୯.୯.୨୦୨୦ରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କୁ ଏହି ସ୍ୱାସ୍ଥ୍ୟକର୍ମୀମାନଙ୍କ ଚାକିରୀକୁ ଆସନ୍ତାକାଲି ଅର୍ଥାତ୍ ତା ୧.୧୦.୨୦୨୦ରିଖଠାରୁ ତା ୩୧.୧୨.୨୦୨୦ ପର୍ଯ୍ୟନ୍ତ ଆଉ ତିନିମାସ ପାଇଁ ବୃଦ୍ଧି କରିଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀଙ୍କର ଏହି ସମ୍ବେଦନଶୀଳ ପଦକ୍ଷେପ ପାଇଁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ରାଜ୍ୟର ହଜାର ହଜାର ଦୈନିକ ମଜୁରୀରେ କରୋନା ଯୁଦ୍ଧର ମୁକାବିଲା କରୁଥିବା ଏହି ସ୍ୱାସ୍ଥ୍ୟକର୍ମୀମାନଙ୍କ ପକ୍ଷରୁ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରାଯାଇଛି । ବହୁ ଯାଗାରେ ଏହି ସ୍ୱାସ୍ଥ୍ୟକର୍ମୀମାନେ ତାଙ୍କର ବାକିଆ ଦରମା ମଧ ପାଇନାହାଁନ୍ତି । ତେଣୁ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ସମ୍ବଲପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୯୮ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,,୦୧।୧୦ (ନି.ପ୍ର): ସମ୍ବଲପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୯୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସମ୍ବଲପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ଝାରସୁଗୁଡା ଜିଲ୍ଲାରେ ୬ ସ୍ପଞ୍ଜ ଆଇରନ୍ ଓ ୩ଟି ତାପଜ ବିଦ୍ୟୁତ୍ କେନ୍ଦ୍ର : ପରିବେଶ ମନ୍ତ୍ରୀ

ଭୁବନେଶ୍ୱର,୦୧।୧୦ (ନି.ପ୍ର): ଝାରସୁଗୁଡା ଜିଲ୍ଲାରେ ବର୍ତମାନ ୬ଗୋଟି ସ୍ପଞ୍ଜ ଆଇରନ୍ , ୩ଟି ତାପଜ ବିଦ୍ୟୁତ୍ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି । ଏହି କାରଖାନା ଗୁଡିକରୁ ନିର୍ଗତ ବର୍ଜ୍ୟବସ୍ତୁ ଗଛିତ କରିବା ନିମେନ୍ତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମତି ପ୍ରଦାନ କରିଥିବା ବିଜେପି ବିଧାୟିକା କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଉତରରେ କହିଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ । ବିଧାନସଭାରେ ଶ୍ରୀମତୀ ଟେଟେ ପଚାରିଥିବା ପ୍ରଶ୍ନର ଉତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଝାରସୁଗୁଡା ଜିଲ୍ଲାରେ ଥିବା ୬ଟି ସ୍ପଞ୍ଜ ଲୁହା କାରଖାନରୁ ବାହାରୁଥିବା କଠିନ ବର୍ଜ୍ୟବସ୍ତୁ ଗଚ୍ଛିତ ନିମନ୍ତେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମତି ଦେଇଛନ୍ତି । ଏହି କାରଖାନା ମଧ୍ୟରେ ଭଗବତୀ ଷ୍ଟିଲ୍ ପ୍ରାଇଭେଟ ଲିମିଟେଡ, ଠାକୁର ପ୍ରସାଦ ସାଓ ଆଣ୍ଡ ସନ୍ସ, ଏସଏମସି ପାୱାର, ଜୟ ହନୁମାନ ଉଦ୍ୟୋଗ, ସେଭେନ ଷ୍ଟାର ଷ୍ଟିଲ ଲିମିଟେଡ ଏବଂ ଏଲ.ଏନ.ମେଟାଲିକ୍ସ ଲିମିଟେଡ ରହିଛି । ଏହିସବୁ କାରଖାନାର ବର୍ଜ୍ୟବସ୍ତୁ ପ୍ରାୟ ୧୨୪ ଏକର ଜମିରେ ପକାଇବାକୁ ଅନୁମତି ଦିଆଯାଇଛି । ସେହିଭଳି ଝାରସୁଗୁଡା ଜିଲ୍ଲାର ବନହରପାଲି ଠାରେ ଥିବା ଓଡିଶା ତାଜପ ବିଦ୍ୟୁତ୍ ନିଗମ (ଓପିଜିସି) କାରଖାନାରୁ ବାହାରୁଥିବା ପାଉଁଶ ପକାଇବାପାଇଁ ୪ଟି ସ୍ଥାନ ଚିହ୍ନଟ ହୋଇଛି । ଜିଲ୍ଲାର ବଞ୍ଜାରୀ ଠାରେ ଥିବା ବେଦାନ୍ତ କାରଖାନାର ପାଉଁଶ ପକାଇବାପାଇଁ କଟିକେଲା ଠାରେ ୧୯୨ ଏକର ଓ କୁରେବାଗ ଠାରେ ୪୩ ଏକରର ଦୁଇଟି ପାଉଁଶ ପୋଖରୀ ରହିଛି । ଏଠାରେ ଯଥାକ୍ରମେ ୬.୧୭ଲକ୍ଷ ମେଟ୍ରିକ ଟନ୍ ଓ ୫.୪୬ଲକ୍ଷ ମେଟ୍ରିକ ଟନ୍ ପାଉଁଶ ରଖିବାର ବ୍ୟବସ୍ଥା ଥିବା ମନ୍ତ୍ରୀ ତାଙ୍କ ଉତରରେ ଦର୍ଶାଇଛନ୍ତି ।

# ଶହୀଦ୍ ପୀଠ ରକ୍ତତୀର୍ଥ ଇରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ,୦୧/୧୦(ହି.ସ): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଇରମ ସ୍ଥିତ ଶହୀଦ୍ ପୀଠରେ ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇ ଶହୀଦ୍ ହୋଇଥିବା ବୀରପୁରୁଷଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜିଲ୍ଲାପାଳ ଡ. ଜ୍ଞାନ ଦାସ ଇରମ ଶହୀଦ୍ ପୀଠରେ ପହଞ୍ଚି ସେଠାରେ ଶହୀଦ୍‌ସ୍ତମ୍ଭରେ ପୁଷ୍ପ ଅର୍ପଣ କରିଥିଲେ । ୧୯୪୨ ମସିହା ଆଜିର ଦିନରେ ଇରମ ମେଲଣ ପଡିଆରେ ସଂଗଠିତ ଲୋମର୍ଷଣକାରୀ ମର୍ମନ୍ତୁଦ ଗୁଳିକାଣ୍ଡରେ ୨୯ଜଣ ସ୍ୱାଧୀନତା ସଂଗ୍ରାମୀ ଦେଶ ପାଇଁ ଜୀବନ ବଳିଦାନ ଦେଇଥିଲେ । ସେମାନଙ୍କ ମଧ୍ୟରେ ପରି ବେଓ୍ୱା, ଗୋପାଳ ଚନ୍ଦ୍ର ଦାସ, ବିଶ୍ୱନାଥ ଦାସ, ବିଜୁଳି ଦାସ, ହୃଷିକେଶ ବେହେରା, ମଦନ ପଲାଇ, ବଲ୍ଲଭ ବେହେରା, ମାଘ ମହାଳିକ, ଭୁଆ ମାଝୀ, କାଳି ମାଝୀ, ରାଧୁ ମହାଳିକ, ଧ୍ରୁବ ଚରଣ ଦେ, ବାସୁଦେବ ସାହୁ, ହରି ବେହେରା, ଦିବାକର ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଭାବନ ରାଉତ, ନିଧି ମଳିକ, ବୃନ୍ଦାବନ ପଣ୍ଡା, ଉପ ମଳିକ, କୃପାସିନ୍ଧୁବେହେରା, ରାମ ମାଝୀ, ମଣି ବେହେରା, କଟିସାହୁ, ରତ୍ନାକର ପାଣି, ମଣିପ୍ରଧାନ, ପରି ଦାସ, ଶଙ୍କର ମଳିକ ଏବଂ ଗୋବିନ୍ଦ ରାଉତ ଇଂରେଜ ଫୌଜଙ୍କ ଗୁଳିରେ ଟଳି ପଡିଥିଲେ । ଯାହାକୁ ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସର ଦ୍ୱିତୀୟ ଜାଲିଓ୍ୱାନାଲାବାଗ ସହ ତୁଳନା କରାଯାଇଥାଏ । ସ୍ୱାଧୀନତା ସଂଗ୍ରାମକୁ ବାସୁଦେବପୁର ତଥା ଭଦ୍ରକ ମାଟିର ଅବଦାନ ଅତୁଳନୀୟ । ସେହି ବୀରପୁରୁଷଙ୍କ ସ୍ମୃତିରେ ଇରମ ରକ୍ତତୀର୍ଥ ନାମରେ ନାମିତ ହେବା ସହିତ ସେଠାରେ ସ୍ମୃତି ଫଳକ ନିର୍ମାଣ କରାଯାଇଛି । ଆଜି ସେହି ସ୍ମୃତି ଦିବସରେ ଜିଲ୍ଲାପାଳ ସ୍ମୃତି ସ୍ତମ୍ଭରେ ପୁଷ୍ପ ଅର୍ପଣ କରି ବୀର ପୁରୁଷଙ୍କୁ ସ୍ମରଣ କରିଥିଲେ । ତାଙ୍କ ସହିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ବାସୁଦେବପୁର ବିଡିଓ ପ୍ରଣବ ବେହେରା ସମେତ ଅନ୍ୟମାନେ ଯୋଗ ଦେଇଥିଲେ ।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ୧୫ବର୍ଷରୁ ଅଧିକ ସମୟ ରହିଲେଣି ୧୨୫ କର୍ମଚାରୀ : ପରିବେଶ ମନ୍ତ୍ରୀ

ଭୁବନେଶ୍ୱର,୦୧।୧୦ (ନି.ପ୍ର): ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ୧୨୫ଜଣ କର୍ମଚାରୀ ଓ ଅଧିକାରୀ ୧୫ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଅଛନ୍ତି । ବିଜେପି ବିଧାୟକ କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଉତରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଆରୁଖ ଦେଇଥିବା ଉତରରେ ଦର୍ଶାଇଛନ୍ତି ଯେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ କାର୍ଯ୍ୟରତ ମୁଖ୍ୟ ପରିବେଶ ବିଜ୍ଞାନୀ ଡ. ପ୍ରମୋଦ କୁମାର ପୃଷ୍ଟି ୧୯୮୫ ମସିହାରୁ କାର୍ଯ୍ୟରତ ଥିବାବେଳେ ପରିବେଶ ବିଜ୍ଞାନୀ ଲକ୍ଷ୍ମୀଧର ପାଲ୍ ୧୯୮୬ରୁ ଏଠାରେ କାର୍ଯ୍ୟ କରୁଛନ୍ତି । ସେହିଭଳି ମୁଖ୍ୟ ପରିବେଶ ଯନ୍ତ୍ରୀ ଡକ୍ଟର ଅଖିଳ କୁମାର ସୁଆର ୧୯୯୧ ମସିହାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ କାର୍ଯ୍ୟ କରୁଛନ୍ତି । ଏମାନଙ୍କ ବ୍ୟତିତ ଅନେକ ଅଧିକାରୀ ଓ କର୍ମଚାରୀ ୧୯୮୯ ଓ ୧୯୯୦ ମସିହାରୁ ଏଠାରେ ଚାକିରି ଆରମ୍ଭ କରି ଅଛନ୍ତି । ବୈଜ୍ଞାନିକ ଓ ଯନ୍ତ୍ରୀମାନଙ୍କ ସହିତ ଅନେକ ବରିଷ୍ଠ ଓ କନିଷ୍ଠ ସହାୟକ ୧୫ବର୍ଷରୁ ଅଧିକ ସମୟ ଧରି ବୋର୍ଡରେ କାର୍ଯ୍ୟ କରୁଛନ୍ତି । ମନ୍ତ୍ରୀ ତାଙ୍କ ଉତରରେ ଆହୁରି ଦର୍ଶାଇଛନ୍ତି ଯେ ଗତ ବର୍ଷକ ମଧରେ ବୋର୍ଡର ବରିଷ୍ଠ ଆଇନ୍ ଅଧିକାରୀ ଭଗବତ ପ୍ରସାଦ ପାଟ୍ଟଯୋଶୀ ଚଳିତବର୍ଷ ଜୁଲାଇ ୩୧ ତାରିଖରେ ଅବସର ନେବାପରେ ସରକାରଙ୍କ ଅନୁମୋଦନ କ୍ରମେ ତାଙ୍କୁ ଦପ୍ତରରେ ଆଇନ୍ ପରାମର୍ଶଦାତା ଭାବେ ପୁନଃ ନିଯୁକ୍ତି ମିଳିଛି । ସେହିଭଳି ପରିବେଶ ପ୍ରଦୂଷଣ ଜନିତ ୯୭୯ଟି ମାମଲା ଦେଶର ବିଭିନ୍ନ ନ୍ୟାୟାଳୟରେ ବର୍ତମାନ ବିଚାରାଧିନ ରହିଛି । ଉକ୍ତ ବିଚାରାଧିନ ମୋକଦ୍ଦମାଗୁଡିକୁ ନିୟମିତ ଅନୁସରଣ କରିବାପାଇଁ ତାଙ୍କର ଅଭିଜ୍ଞତା ଓ ଦକ୍ଷତା ଆଧାରରେ ତାଙ୍କୁ ଏକବର୍ଷ ପାଇଁ ସର୍ତମୂଳକ ନିଯୁକ୍ତି ଦିଆଯାଇଥିବା ମନ୍ତ୍ରୀ ତାଙ୍କ ଉତରରେ ଦର୍ଶାଇଛନ୍ତି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୦୨ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୦୧।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୨୦୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୧୨୬୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୪୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏହି ସମୟ ମଧ୍ୟରେ ୩ଟି ଦୋକାନ ସିଲ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ବେଦବ୍ୟାସ ଗୁରୁକୁଳ ଟ୍ରଷ୍ଟିଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,୦୧।୧୦ (ନି.ପ୍ର): ଓଡିଶାର ସର୍ବପୁରାତନ ବୈଦିକ ଗୁରୁକୁଳ ଆଶ୍ରମ, ବେଦବ୍ୟାସର ଟ୍ରଷ୍ଟି ତଥା ପୂର୍ବତନ ପ୍ରଧାନଶିକ୍ଷକ ଏବଂ ବେଦ ଓ ଆର୍ଯ୍ୟ ସମାଜର ଜଣେ ସମର୍ପିତ ପ୍ରଚାରକ ପଣ୍ଡିତ ଧନେଶ୍ୱର ବେହେରାଙ୍କ ଅକାଳ ବିୟୋଗରେ ଆର୍ଯ୍ୟ ସମାଜ ଓଡିଶାର ସଭାପତି ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଗଭୀର ଶୋକପ୍ରକଟ କରିଛନ୍ତି । ଏକ ଶୋକବାର୍ତାରେ କହିଛନ୍ତି ଯେ ପଣ୍ଡିତ ସ୍ୱର୍ଗତଃ ବେହେରା ସ୍ୱାମୀ ବ୍ରହ୍ମାନନ୍ଦଙ୍କର ଦକ୍ଷିଣ ହସ୍ତ ଭାବେ ବେଦବ୍ୟାସ ଆଶ୍ରମକୁ ପ୍ରତିଷ୍ଠିତ କରିବାରେ ସହଯୋଗ କରିଥିଲେ । ତାଙ୍କର ଆର୍ଯ୍ୟ ସମାଜ ଓ ବେଦ ପ୍ରତି ଶ୍ରଦ୍ଧା ଥିଲା ଅନନ୍ୟ । ଏହିଭଳି ଜଣେ ସର୍ବଗୁଣସଂପନ୍ନ ବ୍ୟକ୍ତିଙ୍କର ଅଭାବକୁ ଆର୍ଯ୍ୟ ସମାଜ ପରିବାର ମର୍ମେ ମର୍ମେ ଅନୁଭବ କରୁଛି । ଏହି ଅବସରରେ ଆର୍ଯ୍ୟ ଭବନ ଠାରେ ଏକ ବୈଦିକ ଶାନ୍ତିଯଜ୍ଞ ଆଜି ଅନୁଷ୍ଠିତ ହୋଇଥିଲା ।

# ଦିର୍ଘ ଦିନର ବ୍ୟବଧାନ ପରେ ବାରିପଦା ଷ୍ଟେସନରୁ ଗଡ଼ିବ ଟ୍ରେନ

ବାରିପଦା,୦୧।୧୦ (ନି.ପ୍ର): କରୋନା କଟକଣାକୁ ନେଇ ତାଲାବନ୍ଦ ଆରମ୍ଭ ହେବା ସମୟରୁ ବାରିପଦା ଷ୍ଟେସନରୁ ଟ୍ରେନ ଗଡ଼ି ନାହିଁ । ତେବେ ପୁଣି ଥରେ ବାରିପଦା ଷ୍ଟେସନରୁ ୨୦ଟି ବଗି ଥିବା ଟ୍ରେନ ନମ୍ବର ୦୭୯୨୫ ସ୍ୱତନ୍ତ୍ର ଟ୍ରେନ ଅକ୍ଟୋବର ୩ ରାତି ୧୧.୫୫ରୁ ୟୁପିଏସସି ପରୀକ୍ଷାର୍ଥୀମାନଙ୍କୁ ଧରି ତାର ଯାତ୍ରା ଆରମ୍ଭ କରିବାକୁ ଯାଉଥିବା ସମୟରେ ଏହା ବେତନଟୀ, ରୁପ୍ସା, ବାଲେଶ୍ୱର, ସୋର, ମାର୍କୋଣା, ଭଦ୍ରଖ, ଯାଜପୁର ହୋଇ କଟକରେ ପ୍ରାତଃ ୫.୧୫ ମିନିଟ ସମୟରେ ପହଁଚିବ । ସେହିପରି ପରୀକ୍ଷାର୍ଥୀମାନଙ୍କୁ ଧରି ଉକ୍ତ ଟ୍ରେନଟି ପରବର୍ତି ଦିନ ଅର୍ଥାତ୍ ଅକ୍ଟୋବର ୪ ସନ୍ଧ୍ୟା ୫.୪୦ରେ କଟକରୁ ଛାଡ଼ିବା ପରେ ଯାଜପୁର, ଭଦ୍ରଖ, ମାର୍କୋଣା, ସୋର, ବାଲେଶ୍ୱର, ରୁପ୍ସା, ବେତନଟୀ ଆଦି ଷ୍ଟେସନରେ ରହଣି ପରେ ବାରିପଦା ଷ୍ଟେସନରେ ପହଁଚିବ । କୋଭିଡ଼-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ପର୍ଶ୍ଚିମବଙ୍ଗ ରାଜ୍ୟର ସାନ୍ତ୍ରାଗାଛିରୁ ସମ୍ପୂର୍ଣ୍ଣ ଭାବେ ବିଶୋଧିତ କରାଯାଇଥିବା ଟ୍ରେନରେ ପରୀକ୍ଷାର୍ଥୀମାନଙ୍କ ସହ ସେମାନଙ୍କ ଅଭିଭାବକମାନେ ଆଡ଼ମିଟକାର୍ଡ଼ ସହିତ ରିଜର୍ଭେସନ ଟିକଟ ଦେଖାଇ ଯାତ୍ରା କରିପାରିବେ । ୟୁପିଏସସି ପରୀକ୍ଷା ନିମନ୍ତେ ଭିଡ଼କୁ ଏଡ଼ାଇବା ସଙ୍ଗେ ସଙ୍ଗେ ପରୀକ୍ଷାର୍ଥୀମାନଙ୍କ ଯାତାୟତର ସୁବିଧା ନିମନ୍ତେ ଏହି ଟ୍ରେନର ବ୍ୟବସ୍ଥା କରାଯାଇଥିବାର ଜଣାପଡ଼ିଛି ।

# ସୌରା ଲିପିକୁ ଡିଜିଟାଇଜେସନ କଲେ ରାୟଗଡ଼ାର ଆଇଆଇଟି ଛାତ୍ରୀ ସୋନି ସଲମା

## ଏଣିକି ସୁଗମ୍ୟ ହେବ ଅନ ଲାଇନ ଓ ଡିଜିଟାଲ ଶିକ୍ଷା

ରାୟଗଡା,୦୧।୧୦ (ନି.ପ୍ର): ସଉରା ଲିପିର ଡିଜିଟାଇଜେସନ୍ କରିଛନ୍ତି ରାୟଗଡ଼ାର ଆଇଆଇଟି ଛାତ୍ରୀ ତଥା ବିଶିଷ୍ଟ ସମାଜସେବୀ, ଗବେଷକ ଓ ପ୍ରବର୍ତ୍ତକ ଶ୍ରୀ ବାଦଲ କୁମାର ତା ଓ ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ସଂସ୍ଥାର ଲୋକପାଳ ଶ୍ରୀମତୀ ବିଦୁଲତା ହୁଇକାଙ୍କ ସୁକନ୍ୟା ସୋନି ସଲମା ପ୍ରିୟଦର୍ଶିନୀ । ଦୀର୍ଘ ବର୍ଷ ଧରି ସଉରା ଲିପି ଉପରେ ଗବେଷଣା କରିବା ପରେ ଲିପିର ମୁଦ୍ରାଙ୍କନ କରିବାରେ ସକ୍ଷମ ହୋଇଛନ୍ତି । ଯାହା ଏହି ବିରଳ ଜନଜାତିର ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର କରିବା ସହ ସଉରା ସଂପ୍ରଦାୟର ପିଲାଙ୍କୁ ପାଠ ପ୍ରତି ଆକୃଷ୍ଟ କରିପାରିବ । ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ବର୍ତ୍ତମାନ କମ୍ପ୍ୟୁଟର ମାଧମରେ ସଉରା ଲିପିକୁ ଲେଖା ଯାଇ ଅଙ୍ଗନବାଡ଼ି କେନ୍ଦ୍ର, ପ୍ରାଥମିକ ଶିକ୍ଷା ପାଇଁ ପାଠ୍ୟପୁସ୍ତକ ଛପା ଯାଇ ପାରିବ । ବମ୍ବେ ଆଇଆଇଟିର ପ୍ରଫେସର ଗିରିଶ ଡାଲଭିଙ୍କ ସହାୟତାରେ ସୋନି ସଲମା ସଉରା ଲିପିର ଡିଜିଟାଇଜେସନ କରିଛନ୍ତି । କମ୍ପ୍ୟୁଟର ଇଂଜିନିୟରିଂ ଶେଷ କରି ୨୦୧୪ରେ ଇଣ୍ଡଷ୍ଟ୍ରିଆଲ୍ ଡିଜାଇନ୍ ସଂପର୍କିତ ସ୍ନାତକୋତ୍ତର ପାଠ ପଢ଼ିବାକୁ ସୋନି ବମ୍ବେ ଆଇଆଇଟିରେ ନାମ ଲେଖାଇଥିଲେ । ପରବର୍ତ୍ତୀ ସମୟରେ ଟାଇପୋଗ୍ରାଫି (ମୁଦ୍ରାଙ୍କନ) ଉପରେ ନିଜର ପ୍ରୋଜେକ୍ଟ କରିଥିଲେ । ରାୟଗଡ଼ାରେ ଜନ୍ମିତ ସୋନି ସଉରା ଭାଷାର ପ୍ରଚାର, ପ୍ରସାର ସହିତ ଏହି ପିଢ଼ିକୁ ଶିକ୍ଷିତ କରିବା ପାଇଁ ସଉରା ଲିପିର କମ୍ପ୍ୟୁଟରକୃତ ଅକ୍ଷରମାଳା ତିଆରି କରିବାକୁ ପ୍ରୟାସ ଆରମ୍ଭ କରିଥିଲେ । ସଉରା ସଂପ୍ରଦାୟର ସହାୟତାରେ ପ୍ରଥମେ ଶବର ପଣ୍ଡିତ ମଙ୍ଗେଇ ଗମାଙ୍ଗ ପ୍ରସ୍ତୁତ କରିଥିବା ଅକ୍ଷର ମାଳାକୁ ନେଇ ନୀରିକ୍ଷଣ କରିବା ପରେ ଆଧୁନିକ ପ୍ରଣାଳୀରେ ତିଆରି ହୋଇଥିବା ବର୍ଣ୍ଣମାଳାରେ ୧୮ଟି ବ୍ୟନବର୍ଣ୍ଣ, ୭ଟି ସ୍ୱରବର୍ଣ୍ଣ ତିଆରି କରିବାରେ ସକ୍ଷମ ହୋଇଛନ୍ତି । ଯେଉଁଥି ପାଇଁ ତାଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଛି । ଏପରିକି ଏଥି ପାଇଁ ସେ ବାଙ୍ଗାଲୋର ସ୍ଥିତ ଏକ ଜର୍ମାନୀ ସଂସ୍ଥାରୁ ଚାକିରୀ ଛାଡି ପଳାଇ ଆସିଛନ୍ତି । ଚାକିରୀରେ ଅଧିକ ଟଙ୍କା ମିଳୁଛି, କିନ୍ତୁ ନିଜ ମାଟି ଓ ଜାତି ପାଇଁ କରିବାର କିଛି ସୁଯୋଗ ମିଳୁନଥିଲା ଯାହା ତାଙ୍କୁ ଭଲ ଲାଗିନଥିଲା । ଫଳରେ ଜର୍ମାନୀ କମ୍ପାନୀର ଚାକିରୀ ଛାଡ଼ି ଆସି ସେ ଏବେ ସଉରାଙ୍କ ବର୍ଣ୍ଣମାଳା ତିଆରିରେ ନିଜକୁ ନିୟୋଜିତ କରିଛନ୍ତି । ସୋନି କହିଛନ୍ତି, ଡିଜିଟାଇଜେସନ୍ ସହ ଅନଲାଇନରେ ଭାଷା ଉପଲବ୍ଧ ନହେଲେ କମ ଦିନରେ ସଉରା ଭାଷା ଲୋପ ପାଇଯିବ । ପୂର୍ବରୁ ଏମିତି ଅନେକ ଆଦିବାସୀ ଭାଷା ପ୍ରଚାର, ପ୍ରସାର ଅଭାବରୁ ଲୋପ ପାଇଯିବାର ନଜିର ରହିଛି । ଏବେ ସଉରା ଲିପିର ୨୫ଟି ବର୍ଣ୍ଣ, ୧୦ଟି ସଂଖ୍ୟାର ଡିଜିଟାଇଜେସନ୍ ହୋଇଛି । କେବଳ କୋଡିଂ ବାକି ଅଛି । ପ୍ରତି ଅକ୍ଷର ଭିତରେ ବ୍ୟବଧାନ, ବଡ ଅକ୍ଷର, ଛୋଟ ଅକ୍ଷର, ବୋଲଡ୍ ଅକ୍ଷର ଓ ମାତ୍ରା ବନାଇବାକୁ ବହୁ ଗବେଷଣା କରିବାକୁ ପଡିଛି । କମ୍ପ୍ୟୁଟରରେ ଟାଇପ୍ ସମୟରେ କୋଡିଂର ନିହାତ ଆବଶ୍ୟକତା ଥିବାରୁ ଖୁବ୍ କମ୍ ଦିନ ମଧ୍ୟରେ ଏହି କାମ ଶେଷ କରିବାକୁ ସୋନି ଲକ୍ଷ୍ୟ ରଖିଛନ୍ତି । ଏତଦ ବ୍ୟତୀତ ସେ ଚିତ୍ରକଳା, ସଙ୍ଗୀତ, ଆନନ୍ଦଦାୟକ ଶିଶୁ ଶିକ୍ଷା, ପର୍ବତାରୋହଣରେ ମଧ ରୁଚି ରଖନ୍ତି । ବାଉଁଶ ଘର ଓ ଉପକରଣ ଏବଂ ନଡ଼ିଆ ସାଢ଼ଇରୁ ସରାମ ଡିଜାଇନ କରିଛନ୍ତି ସୋନି ସଲମା । ଏସବୁକୁ ପାଥେୟ କରି ସ୍ଥାନୀୟ ଉନ୍ନୟନ କିପରି ଅଗ୍ରଗତି ହୋଇପାରିବ ସେ ବିଷୟରେ ସେ ସବିଶେଷ ଅନିସନ୍ଧିତ୍ସୁ । ଓଡ଼ିଶାରେ ବାସ କରୁଥିବା ୬୨ ପ୍ରକାର ଆଦିବାସୀ ସଂପ୍ରଦାୟ ମଧ୍ୟରୁ କେବଳ ୫ଟି ସଂପ୍ରଦାୟର ଲିପି ଅଛି ଓ ତନ୍ମଧ୍ୟରୁ କେବଳ ୩ଟି ଲିପିର ଡିଜିଟାଇଜେସନ୍ ହୋଇ ପାରିଛି । ଏବେ ସଉରା ଭାଷାର ଡିଜିଟାଇଜେସନ୍ ହେବା ପରେ ଗଂଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ବାସ କରୁଥିବା ୩୦ ହଜାରରୁ ଉର୍ଦ୍ଧ୍ୱ ସଉରା ସଂପ୍ରଦାୟ ଏହା ଦ୍ୱାରା ଉପକୃତ ହେବେ । ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ଶିକ୍ଷା ନୀତି-୨୦୨୦ରେ ମାତୃ ଭାଷାରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥିବାରୁ ଏହା ରାଜ୍ୟ ସରକାର ଓ ସଉରା ସଂପ୍ରଦାୟ ଲୋକଙ୍କ ପାଇଁ ବରଦାନ ସଦୃଶ୍ୟ ହୋଇଛି ବୋଲି କହିଛନ୍ତି ସୋନିଙ୍କ ମାଆ ତଥା ଆଦିବାସୀ ନେତ୍ରୀ ଶ୍ରୀମତୀ ବିଦୁଲତା ହୁଇକା । ସୂଚନାଯୋଗ୍ୟ, ୧୯୩୬ ମସିହାରେ 'ଶବର' ସଂପ୍ରଦାୟ ମଧ୍ୟରେ ସଂସ୍କାର ଆଣିବାକୁ ଶବର ପଣ୍ଡିତ ମଙ୍ଗେଇ ଗମାଙ୍ଗ ସୌରା ଅକ୍ଷର ମାଳା ତିଆରି କରିଥିଲେ । ଶବର ଜାତିର ଆରାଧ ଦେବତା ଦାରୁବ୍ରହ୍ମଙ୍କୁ ସ୍ମରଣ କରିବା ପରେ ମାତାର ବନମ ପାହାଡରେ ଥିବା ପଥରରେ ପ୍ରସ୍ଫୁଟିତ ଓଁ ମଧରେ ୨୪ଟି ବର୍ଣ୍ଣ ୯ଟି ସଂଖ୍ୟା ସ୍ପଷ୍ଟ ରୂପେ ଉଲ୍ଲେଖ ହୋଇଥିଲେ । ସୌରା ଭାଷାର ପ୍ରଚାର, ପ୍ରସାର ପାଇଁ ମଙ୍ଗେଇ ଓଡ଼ିଶା ତଥା ଆନ୍ଧ୍ରପ୍ରଦେଶର ସମସ୍ତ ଆଦିବାସୀ ଅଞ୍ଚଳରେ ୨୫ଟି ଉପକେନ୍ଦ୍ର, ସୌରା ଭାଷା ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଏଥି ସହ ସୌରା ଭାଷା ସଂପର୍କିତ ପୁସ୍ତକ, ବର୍ଣମାଳା ଶିକ୍ଷା ପୁସ୍ତକ ଛାପିବା ପାଇଁ ଗୁଣପୁର ବ୍ଲକର ଡମ୍ବସରାରେ ମଙ୍ଗେଇ ପ୍ରତିଷ୍ଠା କରିଥିଲେ ମାତାର୍ ବନମ୍ ପ୍ରେସ୍ ଯାହା ଏବେ ବନ୍ଦ ହୋଇ ପଡିଛି । ସୌରା ଭାଷାର ଉଦ୍ଭାବନ ସହ ସମାଜ ସଂସ୍କାର ପଦକ୍ଷେପ ପାଇଁ ୧୯୭୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମଙ୍ଗେଇଙ୍କୁ 'ଶବର ପଣ୍ଡିତ' ଉପାଧିରେ ଭୂଷିତ କରାଯାଇଥିଲା । ସୋନିଙ୍କ ପିତା ଶ୍ରୀ ବାଦଲ କୁମାର ତା ଓଡ଼ିଶାର ଜଣେ ବିଶିଷ୍ଟ ସମାଜସେବୀ ଓ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାକ ପ୍ରାଥମିକ ଶିକ୍ଷାର ଗବେଷକ ଓ ପ୍ରବର୍ତ୍ତକ । ତୃଣମୂଳ ସ୍ତରରେ ଆଦିବାସୀ ଶିକ୍ଷାର କିପରି ମୂଳଭୂତ ସମସ୍ୟା ଦୂର ହେବ ସେଥିପାଇଁ ସୋନି ସର୍ବଦା ଉଦବିଗ୍ନ ଓ ଉକ୍ତ ଚିନ୍ତନ ପାଇଁ ସେ ତାଙ୍କ ପିତାମାତାଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି ବୋଲି କହନ୍ତି ସୋନି ସଲମା । ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା ର ବୁଦ୍ଧିଜୀବୀ ଓ ବିଭିନ୍ନ ମହଲରୁ ସୋନୀଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରାଯାଇଛି । ଆଗାମୀ ଦିନରେ ସୋନି ସମାଜ ପାଇଁ ଆହୁରି ଅଧିକରୁ ଅଧିକ ଗବେଷଣା କରନ୍ତୁ ଏବଂ ତାଙ୍କ ଭବିଷ୍ୟତ ଉଜ୍ୱଳ ମୟ ହେଉ ଏହା ଜିଲ୍ଲା ବାସୀଙ୍କ ଆଶା ଓ ଆକାଂକ୍ଷା ।

# ରାଜ୍ୟରେ ବାଉଁଶ ଚାଷର ବିକାଶ ପାଇଁ କେନ୍ଦ୍ରୀୟ ସହାୟତା ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

## ଗତ ତିନି ବର୍ଷରେ ନ୍ୟାସନାଲ୍ ବାମ୍ବୋ ମିଶନ୍‌ରେ ଓଡିଶାକୁ ମିଳିଛି ୬.୭୭ କୋଟି - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୦୧।୧୦ (ନି.ପ୍ର): ନ୍ୟାସନାଲ ବାମ୍ବୋ ମିଶନ୍ ଅଧୀନରେ ଗତ ତିନି ବର୍ଷରେ ଓଡ଼ିଶାକୁ ୬.୭୭ କୋଟି ଟଙ୍କା ଅନୁଦାନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅର୍ଥ ରାଜ୍ୟର ସାମଗ୍ରିକ ବାଉଁଶ କ୍ଷେତ୍ରର ବିକାଶକୁ ଅଧିକ ସୁଦୃଢ଼ କରିବା ସହ ବାଉଁଶ ଶିଳ୍ପର ବୃଦ୍ଧି କରିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଅମାପ ଜଙ୍ଗଲ ସମ୍ପଦରେ ଭରପୂର ଓଡ଼ିଶାରେ ପ୍ରାକୃତିକ ଜଙ୍ଗଲ ସମ୍ପଦର ଏକ ତୃତୀୟାଂଶ ବାଉଁଶ ରହିଛି । ବାଉଁଶ ଚାଷ ରାଜ୍ୟର ଲୋକମାନଙ୍କ ପାଇଁ ବିଶେଷ କରି ଜନଜାତି ଏବଂ ଜଙ୍ଗଲରେ ବସବାସ କରୁଥିବା ଲୋକଙ୍କ ଅର୍ଥନୀତି ଏବଂ ଜୀବିକା ସହ ପରିବେଶର ସୁରକ୍ଷାକୁ ସୁନିଶ୍ଚିତ କରିଛି । ବଜେଟରେ କୃଷି ଯୋଜନାରେ ମହିଳାଙ୍କ ପାଇଁ ୩୦ ପ୍ରତିଶତ ବ୍ୟବସ୍ଥା ରହିଛି । ନ୍ୟାସନାଲ ବାମ୍ବୋ ମିଶନ୍ ଅଧୀନରେ ଥିବା ଅର୍ଥ ବାଉଁଶ ଚାଷ କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରି କ୍ଷୁଦ୍ର, ମଧ୍ୟମ, ମହିଳା ଏବଂ ଜନଜାତି ଚାଷୀଙ୍କ ଆୟକୁ ବୃଦ୍ଧି କରିବ । ନ୍ୟାସନାଲ ବାମ୍ବୋ ମିଶନ୍ ବଜାରର ଆବଶ୍ୟକତା ଅନୁଯାୟୀ ବାଉଁଶ କାରିଗରୀ ମାନଙ୍କ ଦକ୍ଷତା ବିକାଶ କରିବା ଦିଗରେ କାର୍ଯ୍ୟ କରୁଛି । ଏହି ମିଶନ କୃଷକଙ୍କ ଆୟକୁ ବୃଦ୍ଧି କରିବା ସହ ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାରେ ବିଶେଷ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଟ୍ୱିଟ୍ କରିଛନ୍ତି ।

# ଧାନ ବାଛିବା ବେଳେ ବଜ୍ରପାତ : ପୁତୁରା ବୋହୁ ମୃତ, ଖୁଡିଶାଶୁ ଗୁରୁତର

ବାରିପଦା,୦୧।୧୦ (ନି.ପ୍ର): ଆଜି ଅପରାହ୍ନରେ ବୈଶିଙ୍ଗା ଥାନା ଅଧୀନ ଡାହିସାହି ଗ୍ରାମର ଖୁଡିଶାଶୁ ବିଭୁତି ସିଂଙ୍କ ପତ୍ନୀ ବୁଦ୍ଧୁନୀ ସିଂ ଓ ତାଙ୍କର ପୁତୁରା ବୋହୁ ସଞ୍ଜିତ ସିଂଙ୍କ ପତ୍ନୀ ଗୌରୀ ସିଂ ଧାନ ଜମିରେ ବଛାବଛି କାର୍ଯ୍ୟ କରୁ ଥିଲେ । ଏହି ସମୟରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହିତ ପ୍ରବଳ ବର୍ଷା ହୋଇ ଥିଲା । ଏହି ବର୍ଷାରେ ବଜ୍ରପାତ ହେବା ଫଳରେ ପୁତୁରା ବୋହୁ ଗୌରୀ ସିଂ ଓ ଖୁଡିଶାଶୁ ବୁଦ୍ଧୁନୀ ସିଂ ଉଭୟ ଜମିରେ ପଡି ଯାଇ ଥିଲେ । ଖବର ପାଇ ପରିବାର ମୁଖ୍ୟ ରୁପେଇ ସିଂ ଓ ଅନ୍ୟ ଲୋକ ମାନେ ୧୦୮ ଆମ୍ବୁଲାନସକୁ ଖବର ଦେଇ ଥିଲେ । ୧୦୮ ଆମ୍ବୁଲାନସ ପହଂଚି ଉଭୟଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣି ଥିଲେ । ହେଲେ ଏଠାରେ ଡାକ୍ତର ଗୌରୀ ସିଂଙ୍କୁ ମୃତ ଘୋଷଣା କରି ଥିଲେ । ଖୁଡିଶାଶୁ ବୁଦ୍ଧୁନୀ ସିଂଙ୍କ ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ ପିଆରଏମ ମେଡିକାଲ କଲେଜ ତଥା ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇ ଥିବାର ଜଣା ପଡିଛି । ମୃତା ଗୌରୀଙ୍କ ବୟସ ୨୫ ବର୍ଷ ହେବ ଓ ତାଙ୍କର ଗୋଟିଏ କନ୍ୟା ସନ୍ତାନ ଥିବାର ଜଣା ପଡିଛି । ଘଟଣାକୁ ନେଇ ବୈଶିଙ୍ଗା ଥାନା ପୋଲିସକୁ ଖବର ଦିଆ ଯାଇ ଥିଲା । ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରା ଯିବ ବୋଲି ଜଣା ପଡିଛି ।

# ପ୍ରବାସୀ ମାନଙ୍କୁ କାମ ନ ମିଳିବା ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର,୦୧।୧୦ (ନି.ପ୍ର): ବୁଧବାର ଦିନ ବିଧାନସଭାରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ବିରୋଧୀ ଦଳର ନେତା । କରୋନା କାରଣରୁ ଓଡିଶାକୁ ଫେରିଥିବା ପ୍ରବାସୀ ମାନଙ୍କୁ ରାଜ୍ୟ ସରକାର କର୍ମ ସଂସ୍ଥାନ ଯୋଗାଇ ଦେବାରେ ବିଫଳ ହୋଇଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ । ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ କରୋନା କାରଣରୁ ବିଭିନ୍ନ ରାଜ୍ୟରେ କାମ କରୁଥିବା ପ୍ରବାସୀ ଓଡିଆ ମାନେ ରାଜ୍ୟକୁ ଫେରିଥିଲେ । ହେଲେ ରାଜ୍ୟ ସରକାର ତାଙ୍କୁ ସଠିକ ଭାବେ ରଖି ପାରିଲେ ନାହିଁ । ସେମାନଙ୍କ ପାଇଁ ସରକାର କର୍ମ ସଂସ୍ଥାନର ବ୍ୟବସ୍ଥ କରିବାରେ ବିଫଳ ହେଲେ । ତେଣୁ ସେମାନେ ବାହାର ରାଜ୍ୟକୁ କାମ ପାଇଁ ପୁଣି ଥରେ ଯାଉଛନ୍ତି । ରାଜ୍ୟ ସରକାର ସେମାନଙ୍କ ପାଇଁ ରୋଜଗାର ସୃଜନ କରି ପାରି ନାହାନ୍ତି ବୋଲି କହି ସରକାରଙ୍କୁ ଶ୍ରୀ ନାୟକ କାଠଗଡାରେ ଠିଆ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶୁକ୍ରବାର, ୨ ଅକ୍ଟୋବର, ୨୦୨୦

## ୟୁ|ଥ|ଆ|ଲ|ର୍ଟ

# କମାନ୍ତୁ ଇନ୍ଧନ ଖର୍ଚ୍ଚ

**ଦିନକୁ ଦିନ ଗାଡ଼ି ମୋଟର ସଂଖ୍ୟା ଯେଉଁ ଭଳି ବଢ଼ି ଚାଲିଛି ସେହି ଅନୁପାତରେ ପୃଥିବୀକୁ କ୍ରମଶଃ ଇନ୍ଧନ ହ୍ରାସ ପାଉଛି । ଗାଡ଼ି ବ୍ୟବହାର କରୁଥିଲେ କେତୋଟି ଛୋଟ କଥା ପ୍ରତି ଦୃଷ୍ଟି ଦେଲେ ଆପଣ ପେଟ୍ରୋଲ, ଡିଜେଲ ଆଦି ଇନ୍ଧନ ଖର୍ଚ୍ଚ କମାଇ ପାରିବେ । ଜାଣି ରଖନ୍ତୁ ସେ ସମ୍ପର୍କରେ...**

➢ପେଟ୍ରୋଲ କିମ୍ବା ଡିଜେଲ୍ ବଞ୍ଚାଇବା ଲାଗି ସବୁଠାରୁ କମ୍ ଦୂରତା ବା ଶର୍ଟକଟ୍ ରାସ୍ତା କେଉଁଟା ପୂର୍ବରୁ ଜାଣିଲେ ମଧ ଯିବା ସମୟରେର ଆପଣ ଅସୁବିଧାର ସମ୍ମୁଖୀନ ନ ହେବା ସହ ଯଥେଷ୍ଟ ସମୟ ଏବଂ ଇନ୍ଧନ ବଞ୍ଚାଇ ପାରିବେ ।

➢ଦୁଇଚକିଆ ହେଉ କିମ୍ବା ବଡ଼ ଗାଡ଼ିରେ ଯାତ୍ରା କରୁଥିଲେ ଟ୍ରାଫିକ୍‌ରେ ରାସ୍ତା ପାର କରିବା ଲାଗି ଅପେକ୍ଷା କରିବା ସମୟରେ ହେଉ କିମ୍ବା ହଠାତ୍ କାହା ସହ ଭେଟ ହୋଇଗଲେ କଥା ହେବା କିମ୍ବା ରାସ୍ତାକଡ଼ରୁ କିଛି କିଣିବା ସମୟରେ ଗାଡ଼ିକୁ ଷ୍ଟାର୍ଟ ମୋଟ୍‌ରେ ନରଖି ବନ୍ଦ କରିଦିଅନ୍ତୁ ।

➢ବଡ଼ ଗାଡ଼ିରେ ବିନା ଏସିରେ କେଉଁଆଡ଼େ ଯିବା ଲାଗି ଅନେକେ କୁଣ୍ଠାବୋଧ କରିଥାନ୍ତି । ଯଦିଓ ଏହା ଆରାମଦାୟକ ହେଲେ ଆପଣ ଜାଣନ୍ତି କି, ଏସି ପ୍ରାୟ ୧୦% ପେଟ୍ରୋଲ ଖର୍ଚ୍ଚ କରିଥାଏ ।



ତେଣରୁ ଏସି ଅନ୍ କରୁଥିଲେ ଗାଡ଼ି ଭିତରେ ଥଣ୍ଡା ହେବାର ତୁରନ୍ତ ପରେ ବନ୍ଦ କରିଦିଅନ୍ତୁ ଏବଂ ଅଳ୍ପ ସମୟ ଫ୍ୟାନ୍ ଅନ୍ କରିଦିଅନ୍ତୁ । ଏହାଦ୍ୱାରା ଗାଡ଼ି ଭିତର ଥଣ୍ଡା ରହିବା ସହ ଆପଣ ଇନ୍ଧନ ମଧ ବଞ୍ଚାଇ ପାରିବେ ।

➢ଦିନବେଳା ଗାଡ଼ିକୁ ସବୁବେଳେ ଉପରେ ଛାତ ବା ଯେକୌଣସି ଛପର ଥିବା ସ୍ଥାନରେର ରଖନ୍ତୁ । ଏଭଳି ସୁବିଧା ନ ଥିଲେ ଗଛ ଛାଇରେ ପାର୍କ କରନ୍ତୁ । କାରଣ ସିଧା ସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ଗାଡ଼ି ସହ ଏହାର ଇଞ୍ଜିନ ଗରମ ହୋଇଥାଏ । ଗାଡ଼ି ଷ୍ଟାର୍ଟ ହେବା ପରେ ଇଞ୍ଜିନ ଥଣ୍ଡା ହେବା ଲାଗି ଅଧିକ ଇନ୍ଧନ ଆବଶ୍ୟକ କରଥାଏ । ତେଣୁ ଥଣ୍ଡା ଏବଂ ଛାଇ ସ୍ଥାନରେ ଗାଡ଼ି ପାର୍କ କରିବା ଦ୍ୱାରା ଆପଣ ଇନ୍ଧନ ବଞ୍ଚାଇ ପାରିବେ ।

➢ଗାଡ଼ି ଚାଳନା ମଧ ଏକ କଳା । କାରଣ ଭଲ ଭାବେ ଗାଡ଼ି ଚଳାଇପାରିଲେ ଜଣେ ନା କେବଳ ନିଜ ସହିତ ଗାଡ଼ିକୁ ସୁରକ୍ଷା ଦେଇପାରିବ ବରଂ ଅନାବଶ୍ୟକ ଇନ୍ଧନ ନଷ୍ଟକୁ ମଧ ରୋକିପାରିବ । କାରଣ ରଫ୍ ଡ୍ରାଇଭିଂ କରିବା, ମନଇଚ୍ଛା ଗାଡ଼ିର ଏକ୍ସିଲେରେଟର ବଢ଼ାଇବା, ହଠାତ୍ ବ୍ରେକ୍ କରିବା ଆଦି ଦ୍ୱାରା ଗାଡ଼ିର ଇନ୍ଧନ ମଧ ସେହି ଅନୁପାତରେ ଅଧିକ ସରିଥାଏ । ତେଣୁ ସ୍ମୁଥ୍ ଡ୍ରାଇଭିଂ ଦ୍ୱାରା କିଛି ମାତ୍ରାରେ ପେଟ୍ରୋଲ, ଡିଜେଲ ସେଭ୍ କରାଯାଇପାରିବ ।

➢ଇନ୍ଧନ ଖର୍ଚ୍ଚ ବଢ଼ିବାରେ ଗିୟର ପରିବର୍ତ୍ତନ ଠିକ୍ ଭାବେ ନ ହେବା ମଧ ଏକ କାରଣ । ହାଇ ସ୍ପିଡ୍‌ରେ ଲୋ ଗିୟର ଏବଂ ଲୋକ ସ୍ପିଡ୍‌ରେ ହାଇ ଗିୟର ବ୍ୟବହାର କରିବା ଦ୍ୱାରା ଆବଶ୍ୟକରୁ ଅଧିକ ଇନ୍ଧନ ସରିଥାଏ । ତେଣୁ କେତେ ସ୍ପିଡ୍‌ରେ କେତେ ନମ୍ବର ଗିୟର ପଡ଼ିବା ଦରକାର ଭଲଭାବେ ଜାଣନ୍ତୁ ଏବଂ ସେହି ଅନୁଯାୟୀ ଏହାର ଉପଯୋଗ କରନ୍ତୁ ।



## ପର୍ବତ ଧାରରେ ବ୍ୟାକ୍‌ଫ୍ଲିପ୍

ପର୍ବତ ଧାରରେ ଜଣେ ବ୍ୟକ୍ତିଙ୍କ ବ୍ୟାକ୍‌ଫ୍ଲିପ୍ ଭିଡିଓ ସୋସିଆଲ୍ ମିଡିଆ ୟୁଜରଙ୍କ ଦୃଷ୍ଟି ଆକର୍ଷଣ କରିଛି । ତାଙ୍କର ଏ ପ୍ରକାର ମୂର୍ଖାମି ସମସ୍ତଙ୍କୁ ଚକିତ କରିଛି । ବ୍ୟବସାୟୀ ହର୍ଷ ଗୋଏଙ୍କା ନିଜ ଟ୍ୱିଟର୍ ଆକାଉଣ୍ଟରେ ୧୪ ସେକେଣ୍ଡର ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯାହାକୁ ଏବେ ସୁଦ୍ଧା



୬୭ ହଜାରରୁ ଅଧିକ ଥର ଦେଖାଯାଉଛି । ଭିଡିଓରେ ବ୍ୟକ୍ତି ଜଣକ ଏକ ବନ୍ଧୁର ପର୍ବତର ଠିକ୍ ଧାରରେ ଠିଆ ହୋଇ ବିପଦପୂର୍ଣ୍ଣ ବ୍ୟାକ୍‌ଫ୍ଲିପ୍ ଷ୍ଟଣ୍ଟ ଦେଖାଇଛନ୍ତି । ଏହାକୁ ସେ ଖୁବ୍ ସହଜରେ କରିଛନ୍ତି । ବିପଦପୂର୍ଣ୍ଣ ବ୍ୟାକ୍‌ଫ୍ଲିପ୍ କରିବା ପରେ ସେ କ୍ୟାମେରାକୁ ଚାହିଁ ବିଜୟ ସଙ୍କେତ ଦେଇଛନ୍ତି । ତାଙ୍କର ଏହି ଷ୍ଟଣ୍ଟ ପ୍ରଶଂସାଯୋଗ୍ୟ କିମ୍ବା ମୂର୍ଖତା ଭାବେ ବିବେଚନା କରାଯିବା ଉଚିତ, ତାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି ହର୍ଷ ଗୋଏଙ୍କା କ୍ୟାପ୍ସନ ଲେଖିଛନ୍ତି । କିନ୍ତୁ ଭିଡିଓଟି ନକାରାତ୍ମକ ଭାବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ହର୍ଷ ଗୋଏଙ୍କାଙ୍କ କମେଣ୍ଟ ବିଭାଗରେ ୟୁଜର୍ ଏଭଳି ବିପଦପୂର୍ଣ୍ଣ ଷ୍ଟଣ୍ଟ ପଇଁ ବ୍ୟକ୍ତି ଜଣଙ୍କୁ ନିନ୍ଦା କରିଛନ୍ତି । ଭିଡିଓ ପ୍ରସ୍ତୁତି ଲାଗି ଜୀବନକୁ ବିପଦରେ ପକାଇଥିବାରୁ ଲୋକେ ତାଙ୍କୁ ଗାଳି କରୁଛନ୍ତି । ଷ୍ଟଣ୍ଟଟି ସଫଳ ହେଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ ଭାବେ ମୂର୍ଖାମି ବୋଲି କିଛି ୟୁଜର୍ ପ୍ରତିକ୍ରିୟା ଦେଇଛନ୍ତି । ଏହା ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି ଅନ୍ୟ କିଛି କହିଛନ୍ତି ।

# ବିବାହ ରୀତିନୀତିର ବୈଜ୍ଞାନିକ କାରଣ



**ଭାରତୀୟ ସଂସ୍କୃତି ତଥା ହିନ୍ଦୁ ପ୍ରଥା ପରମ୍ପରାର ବିବାହ କ୍ଷେତ୍ରରେ ରହିଛି କେତେକ ରୀତିନୀତି । ଏହାକୁ ପାଳନ କରିବା ଦ୍ୱାରା ଉଭୟ ବର ଓ କନ୍ୟାଙ୍କର ଶୁଭ ହୋଇଥାଏ । ବିବାହର ଏହି ରୀତିନୀତି ପଛରେ ରହିଛି ବୈଜ୍ଞାନିକ କାରଣ । ଏବେ ଜାଣିବା ବିବାହରେ ପାଳନ ହେଉଥିବା ରୀତିନୀତିର ବୈଜ୍ଞାନିକ କାରଣ....**

**ମେହେନ୍ଦୀ ଲଗାଇବା:** ବିବାହର ପୂର୍ବ ଦିନ ପ୍ରଥମେ କନ୍ୟା ହାତରେର ମେହେନ୍ଦୀ ଲଗାଯାଇଥାଏ । ମେହେନ୍ଦୀରେ ଆଣ୍ଟିସେପ୍ଟିକ ଗୁଣ ରହିଛି । ମେହେନ୍ଦୀରେର ଥଣ୍ଡା ପ୍ରଦାନ କରିବାର ଗୁଣର ରହିଛି । ଯାହା କନ୍ୟାକୁ ଚିନ୍ତା, ମୁଣ୍ଡବ୍ୟଥା, ଜ୍ୱରର ପରି ସମସ୍ୟାରୁ ରକ୍ଷା କରିଥାଏ । ଏହାବ୍ୟତୀତ ମେହେନ୍ଦୀ କେତେକ ଜୀବାଣୁ ସଂକ୍ରମଣରୁ ରକ୍ଷା କରିଥାଏ ।





**ହଳଦୀ ଲଗାଇବା:** ବିବାହ ଦିନ କନ୍ୟା ହଳଦୀ ପାଣିରେ ଗାଧୋଇଥାଏ । ଏହା ବହୁତ ଶୁଭ । କନ୍ୟାଠାରେ ଗ୍ରହ ଦୋଷ ଥିଲେ ଏହାଦ୍ୱାରା ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି । ଆୟୁର୍ବେଦିକ ବୈଜ୍ଞାନିକଙ୍କ ମତାନୁସାରେ ହଳଦୀରେ ଅନେକ ଔଷଧୀୟ ଗୁଣ ରହିଛି । ଯାହା ତ୍ୱଚାରୁ ଜୀବାଣରୁ ମାରି ଶରୀରକୁ ଶୁଦ୍ଧ କରେ । ଏହାସହ ତ୍ୱଚାରେ ଚମକ୍ ଆଣେ ।

**ଚୁଡ଼ି ପିନ୍ଧିବା:** ବିବାହ ପୂର୍ବରୁ କନ୍ୟାର ଦୁଇହାତରେ ବହୁତ ଚୁଡ଼ି ପିନ୍ଧାଯାଏ । ମଣିବନ୍ଧରେ କେତେକ ଆକ୍ୟୁପ୍ରେସର୍ ପଏଣ୍ଟ ରହିଛି । ଚୁଡ଼ି ପିନ୍ଧିବା ଦ୍ୱାରା ଏହି ପଏଣ୍ଟରେ ଚାପ ପଡ଼େ । ଏହାଦ୍ୱାରା କନ୍ୟା ସୁସ୍ଥ ରହେ । ଏହା ସହିତ ଚୁଡ଼ି ଓ ତ୍ୱଚା ମଧରେ ହେଉଥିବା ଘର୍ଷଣ ଯୋଗୁଁ ରକ୍ତ ସଞ୍ଚାଳନ ସୂଚାରୁରୂପେ ହୋଇଥାଏ ।



**ସିନ୍ଦୂର ପିନ୍ଧିବା:** ବିବାହ ନୀତିନିୟମରେ କନ୍ୟାର ମଥାରେ ସିନ୍ଦୁର ଲଗାଇବାର ବଡ଼ ମହତ୍ୱ ରହିଛି । ମହିଳା ଜଣକ ବିବାହ କରିଥିବା ମଥାର ସିନ୍ଦୂର ହେଉଛି ପ୍ରମାଣ । ଏହା ବ୍ୟତୀତ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଏଥିରେ ହଳଦୀ, ଚୂନା ଓ କିଛି ଧାତୁ ରହିଛି । ଯାହା କନ୍ୟାର ମନରେ ଏକାଗ୍ରତା ଆଣିଥାଏ । ଚଳଚଞ୍ଚଳ କନ୍ୟା ସିନ୍ଦୂର ପିନ୍ଧିଲା ପରେ ଧୀରସ୍ଥିର ବୋହୂ କନ୍ୟା ମଥାରେର ସିନ୍ଦୂର ଭରିବା ସମୟରେ ଏହା କନ୍ୟାକୁ ଥଣ୍ଡା ପ୍ରଦାନ କରିଥାଏ । ଏହାଦ୍ୱାରା କନ୍ୟା ଆରାମ ଅନୁଭବ କରିଥାଏ ।

**ଗୋଡ଼ମୁଦି ପିନ୍ଧିବା:** ବିବାହ ସମୟରେ କନ୍ୟାକୁ ଗୋଡ଼ମୁଦି ପିନ୍ଧାଯାଏ । ଏହାର ମଧ ବୈଜ୍ଞାନିକ କାରଣ ରହିଛି । ଗୋଡ଼ର ବୁଢ଼ାଙ୍ଗୁଳି ପାଖ ଆଙ୍ଗୁଠିରେ ବିଶେଷ ସ୍ନାୟୁ ରହିଛି । ଯାହା ଗର୍ଭାଶୟ ଓ ହୃଦପିଣ୍ଡ ସହିତ ସଂଯୁକ୍ତ ରହିଛି । ଗୋଡ଼ମୁଦି ଗର୍ଭାଶୟକୁ ଶକ୍ତିଶାଳୀ କରିଥାଏ । ଓ ମାସିକ ଧର୍ମକୁ ନିୟମିତ କରିଥାଏ । ଏହି ମୁଦି ରୂପାରେ ତିଆରି । ଏହା ପୃଥିବୀପୃଷ୍ଠକୁ ଆସୁଥିବା ଧ୍ରୁବଶକ୍ତିକୁ ଶରୀରକୁ ସ୍ଥାନାନ୍ତରିତ କରିଥାଏ ।





**ହୋମ କରିବା:** ଅଗ୍ନି ପବିତ୍ର । ଏହାକୁ ସାକ୍ଷୀ ରଖି ପତିପତ୍ନୀ ଜୀବନସାରା ସାଥୀ ହୋଇ ରହିବା ପାଇଁ ସଂକଳ୍ପ କରିଥାନ୍ତି । ଏହାବ୍ୟତୀତ ଅଗ୍ନି ଆଖପାଖର ବାତାବରଣ ଶୁଦ୍ଧ କରିଥାଏ । ଏହା ନକରାତ୍ମକ ଶକ୍ତିକୁ ଦୂର କରି ସକାରାତ୍ମକ ଶକ୍ତି ବିଚ୍ଛୁରଣ କରିଥାଏ । ଏହା ସହିତ ହୋମରେ ବିଭିନ୍ନ ପ୍ରକାର କାଠ, ଘିଅ, ଚାଉଳ ଆଦି ଦିଆଯାଇ ଅଗ୍ନି ସଂଯୋଗ କରାଯାଇଥାଏ । ଏହା ଶରୀର ଓ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଏ । ବିଶେଷ କରି ବରକନ୍ୟାଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଏ ଓ ସେମାନଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ।

# ପୃଥିବୀର ରହସ୍ୟମୟ ସ୍ଥାନ

**ପୃଥିବୀ ପୃଷ୍ଠରେ ଅନେକ ରହସ୍ୟମୟ ସ୍ଥାନ ରହିଛି, ଯାହା ସମ୍ପର୍କରେ ନାନାଦି ଲୋକକଥା ଥିଲେ ହେଁ ବାସ୍ତବ ରହସ୍ୟ ସମ୍ପର୍କରେ ଜାଣିବା ଲାଗି ଏଯାଏ କୌଣସି ବୈଜ୍ଞାନିକ ଗବେଷଣା ବି ସଫଳ ହୋଇପାରିନି । ଜାଣି ରଖନ୍ତୁ ଏଭଳି କିଛି ରହସ୍ୟମୟ ସ୍ଥାନ ସମ୍ପର୍କରେ...**



**ସେଣ୍ଟିନଲ୍ ଦ୍ୱୀପ:** ଆଣ୍ଡାମାନ୍ ନିକୋବର ଦୀପସମୂହରେ ରହିଛି ଏହି ସେଣ୍ଟିନେଲ୍ ଦ୍ୱୀପ । ଯେଉଁଠାରେ ଶହଶହ ବର୍ଷ ଧରି ରହିଆସୁଛନ୍ତି ସେଣ୍ଟିନେଲିସ୍ ଜନଜାତି । ହେଲେ ବାହ୍ୟଦୁନିଆ ସହ ସେମାନଙ୍କର କୌଣସି ସମ୍ପର୍କ ନାହିଁ । ଏମିତିକି ଏହି ଜନଜାତି ସେମାନେ ରହୁଥିବା ଦ୍ୱୀପକୁ କାହାକୁ ପ୍ରବେଶ କରିବାକୁ ଦେଇ ନଥାଆନ୍ତି କିମ୍ବା କେବେ ସେଠାରୁ ବାହାରକୁ ଆସିନଥାନ୍ତି । ସେଠାକୁ ଯିବା ଲାଗି କିମ୍ବା ସେମାନଙ୍କ ସହ ଯୋଗାଯୋଗ କରିବା ଲାଗି ଚେଷ୍ଟା କରୁଥିବା ଲୋକଙ୍କୁ ସେମାନେ ହତ୍ୟା କରିଦିଅନ୍ତି । ଏବେ ବି ସେମାନେ ଫଳମୂଳ, କଞ୍ଚାମାଛ ଏବଂ ଜଙ୍ଗଲରରୁ ପଶୁ ଶିକାର କରି ଖାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ନିଆଁରର ବ୍ୟବହାର ଶିଖି ନଥିବା କୁହାଯାଏ । ତେବେ ଏହା ପଛରରେ କ'ଣ ରହସ୍ୟ ରହିଛି ଏଯାଏଁ ଜଣାପଡ଼ିନି ।

**ଡାନାକିଲ୍ ମରୁଭୂମି:** ଉତ୍ତର ଇଥିଓପିଆ, ଦକ୍ଷିଣ ଏରିଟ୍ରିଆ, ଉତ୍ତରପଶ୍ଚିମ ଦିଜ୍‌ବୌତି ଅଞ୍ଚଳରେ ପ୍ରାୟ ୫୨,୮୭୯ ବର୍ଗ ମାଇଲ୍ ସ୍ଥାନ ବ୍ୟାପି ରହିଛି ଡାନାକିଲ୍ ମରୁଭୂମି, ଯାହାକୁ ପୃଥିବୀର ସବୁଠୁ କ୍ରୁର ସ୍ଥାନ ବା 'କ୍ରୁଏଲେଷ୍ଟ ପ୍ଲେସ୍ ଅନ ଆର୍ଥ' ବୋଲି କୁହାଯାଏ । ଏଠାରେ ସାଧାରଣର ତାପମାତ୍ରା ୪୮ ଡିଗ୍ରୀ ସେଲ୍‌ସିଅସ୍ ରହୁଥିବା ବେଳେ କେବେ କେବେ ତାହା ୧୪୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହୋଇଥାଏ । ଅଧିକାଂଶ ସମୟରେ ମାଟିରୁ ଅଗ୍ନି ଉଦ୍‌ଗିରଣ ମଧ ହୋଇଥାଏ । ସେଠାରେ ସବୁବେଳେ ଜଳାଶୟଗୁଡ଼ିକରେ ପାଣି ଫୁଟିଥାଏ । ଫଳରେ ମଣିଷ ବସବାସ କରିବା ଅସମ୍ଭବ । ସେଠାରେ ଏତେ ଅଧିକ ତାପମାତ୍ରା ରହିବାର କାରଣ ଏଯାଏ ଅସ୍ପଷ୍ଟ ।

**ସ୍ନେକ୍ ଆଇସ୍‌ଲାଣ୍ଡ:** ଆଟଲାଣ୍ଟିକ୍ ମହାସାଗର ମଧରେ ବ୍ରାଜିଲ୍ ସୀମାକୁ ଲାଗି ରହିଛି ପ୍ରାୟ ୧୦୬ ଏକର ସ୍ଥାନ ପରିମିତ ଇଲ୍‌ହା ଡା କ୍ୱାମାଦା ଗ୍ରାଣ୍ଡ ଆଇସ୍‌ଲାଣ୍ଡ । ପଥର ପାହାଡ଼ ଏବଂ ଘଞ୍ଚଜଙ୍ଗଲ ଘେରା ଏହି ଦ୍ୱୀପରେ ରହିଛନ୍ତି ବହୁସଂଖ୍ୟାରେ ବିଷାକ୍ତ ସାପ ଦେଖିବାକୁ ମିଳିଥାନ୍ତି, ଯେଉଁଥିଲାଗି ଏହାକୁ ସ୍ନେକ୍ ଆଇସ୍‌ଲାଣ୍ଡ ବୋଲି କୁହାଯାଏ । ବ୍ରାଜିଲ୍ ନୌସେନା ପକ୍ଷରୁର ଉକ୍ତ ଦ୍ୱୀପକୁ ଯିବା ଲାଗି ସାଧାରଣର ଲୋକଙ୍କୁ ପ୍ରତିବନ୍ଧକ ଲଗାଯାଇଛି । ସେଠାରେର ଏତେ ସଂଖ୍ୟାରେର ସାପ ରହିବା ପଛରେ ଥିବା କାରଣର ବୈଜ୍ଞାନିକ ବି ଖୋଜି ପାଇନାହାନ୍ତି ।





## ଜଣେ ମଣିଷ: ୧୪୯୭ କ୍ରେଡିଟ୍ କାର୍ଡ୍

'ଗିନିଜ୍ ବୁକ୍' ଅନୁଯାୟୀ କାଲିଫର୍ନିଆ ଅନ୍ତର୍ଗତ ସାନ୍ତା କ୍ଲାରାର ୱାଲ୍‌ଟର୍ କାଭାନା, ବିଶ୍ୱରେ ସବୁଠାରୁ ଅଧିକ ବୈଧ କ୍ରେଡିଟ୍ କାର୍ଡ ରଖିଛନ୍ତି । ତାଙ୍କ ପାଖରେ ମୋଟ ୧୪୯୭ ବୈଧ କ୍ରେଡିଟ୍ କାର୍ଡ ଅଛି ଏବଂ ସେ ସବୁତକ ବ୍ୟବହାର କରୁଛନ୍ତି । ଏହା ଛଡ଼ା ସେ ମଧ୍ୟ ବିଶ୍ୱର ସବୁଠାରୁ ଲମ୍ବା ୱାଲେଟ୍‌ର ମାଲିକ । ୱାଲେଟ୍‌ର ଓଜନ ୧୭.୨ କିଲୋଗ୍ରାମ; ଏବଂ ସେଥିରେ ଆଠ ଶହ କ୍ରେଡିଟ୍ କାର୍ଡ୍ ରହିପାରୁଛି । ଅବଶିଷ୍ଟ କାର୍ଡ୍ ସେ ବ୍ୟାଙ୍କ୍ ଲକର୍‌ରେ ରଖିଛନ୍ତି । କାଭାନା ମାର୍କିନ୍ ସେନାର ଅବସରପ୍ରାପ୍ତ କର୍ମଚାରୀ । ଜଣେ ବନ୍ଧୁଙ୍କ ସହ ବାଜି ଲଗାଇ ସେ କ୍ରେଡିଟ୍ କାର୍ଡ ସଂଖ୍ୟା ବଢ଼ାଇବା ଆରମ୍ଭ କରିଥିଲେ ।




## ଓଜନ ବଢ଼ାଇବା ସହ ଚର୍ମସମସ୍ୟା, ଦନ୍ତ ସମସ୍ୟା ବଢ଼ାଇଥାଏ ସ୍ନାକ୍-ଫୁଡ୍



ଚକ୍‌ଲେଟ୍, ଚିପ୍‌ସ, କାଣ୍ଡିଜ୍ ଏବଂ ସମସ୍ତ ପ୍ରକାରର ମୃଦୁ ପାନୀୟର ପୁଷ୍ଟି-ଦାୟକ ମୂଲ୍ୟ କିଛି ନାହିଁ । ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ । ଏସବୁ ସ୍ନେହସାର, ଲବଣ ଶର୍କରା, ବିଭିନ୍ନ ପ୍ରକାର ରଙ୍ଗ ଏବଂ ଅନ୍ୟ କୃତ୍ରିମ ରାସାୟନିକରେର ଭରପୂର । ଏସବୁକୁ 'ସ୍ନାକ୍-ଫୁଡ୍' କୁହାଯାଏ । ଏସବୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଚର୍ମଜନିତ ସମସ୍ୟା, ଦାନ୍ତ ରୋଗ ଦେଖାଯାଏ । କର୍କଟ ଓ ହୃଦ୍‌ରୋଗର ଆଶଙ୍କା ମଧ୍ୟ ବଢ଼େ । ଛେନା, ମଞ୍ଜି, କମଳା, ଅଙ୍ଗୁରର, କିସମିସ, ଲେମ୍ବୁ-ପାଣି, ଶୁଷ୍କ ଫଳ, ନଟ୍‌ସ, ଗାଜର ଓ ସେଓ ଅଧିକ ଖାଆନ୍ତୁ । ଚକ୍‌ଲେଟ୍, ବିସ୍କିଟ୍, ଚିପ୍‌ସ, ମିଲ୍‌କ ସେକ୍, ପପ୍-କର୍ନ, ମଫିନ୍, କୋଲା ଓ ଅନ୍ୟ ସମସ୍ତ ମୃଦୁ ପାନୀୟ, ଆଇସ୍-ଲସି କ୍ରଏସାଣ୍ଟ, ସମସ୍ତ ପିଜା ଓ ବର୍ଗରଠାରୁ ଦୂରେଇ ରହନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସମସ୍ୟାର ସମାଧାନ...

ଅଯୋଧ୍ୟାର ବାବ୍ରୀ ମସଜିଦ ଭଙ୍ଗା ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ଲକ୍ଷ୍ନୌର ସ୍ୱତନ୍ତ୍ର ସିବିଆଇ ଅଦାଲତ ବୁଧବାର ଦିନ ନିର୍ଦ୍ଦୋଷ ବୋଲି ରାୟ ଘୋଷଣା କରିଛନ୍ତି । ବାବ୍ରୀ ମସଜିଦ୍ ଭଙ୍ଗାଯିବାର ଦୀର୍ଘ ୨୮ ବର୍ଷ ପରେ ଏହି ରାୟ କେବଳ ଅଭିଯୁକ୍ତମାନଙ୍କୁ କିମ୍ବା ବିଶ୍ୱ ହିନ୍ଦୁ ପରିଷଦକୁ ନୁହେଁ, ରାମଜନ୍ମଭୂମି ପ୍ରତି ଶ୍ରଦ୍ଧା ଥିବା ଦେଶର ଅଗଣିତ ଜନତାଙ୍କୁ ଆଶ୍ୱସ୍ତ କରିଛି । ଏହି ଘଟଣାରେ ପୂର୍ବତମ ଉପ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡ଼ଭାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର ମୁରଲୀ ମନୋହର ଯୋଶୀ, ଉମାଭାରତୀ, ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂହଙ୍କ ସମେତ ମୋଟ ୪୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା । କିନ୍ତୁ ସିବିଆଇ ସ୍ୱତନ୍ତ୍ର ଜଜ୍ ଏସ କେ ଯାଦବ ତାଙ୍କର ଦୀର୍ଘ ୨୩୦୦ ପୃଷ୍ଠାର ରାୟରେ ଏହା ସ୍ପଷ୍ଟ କରିଛନ୍ତି ଯେ ବାବ୍ରୀ ମସଜିଦ ଭାଙ୍ଗିବା ସକାଶେ କୌଣସି ପ୍ରାକ୍ ଯୋଜନା କିମ୍ବା ଷଡ଼ଯନ୍ତ୍ର ରଚନାଯାଇନଥିଲା । ୧୯୯୨ ମସିହା ଡିସେମ୍ବର ୬ ତାରିଖ ଦିନ ଅଯୋଧ୍ୟାଠାରେ ଅତ୍ୟଧିକ ସଂଖ୍ୟକ କର ସେବକ ସାମୟିକ ଭାବାବେଗର ବଶବର୍ତ୍ତୀ ହୋଇ ଏହି କାଣ୍ଡ ଭିଆଇଥିଲେ । ବରଂ ଅଭିଯୁକ୍ତମାନେ ମସଜିଦକୁ ରକ୍ଷା କରିବା ସକାଶେ ପ୍ରୟାସ କରିଥିଲେ । ବୋଲି ବିଚାରପତି ସମସ୍ତେ ସାକ୍ଷ୍ୟ ପ୍ରମାଣକୁ ତର୍ଜମା କରି ରାୟ ଦେଇଛନ୍ତି । ସେହିଭଳି ବିଶ୍ୱ ହିନ୍ଦୁ ପରିଷଦର ବାବ୍ରୀ ମସଜିଦ ଭଙ୍ଗା ଘଟଣାରେ କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭୂମିକା ନାହିଁ ବୋଲି ଏହା ରାୟ ଦର୍ଶାଇଛି । ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ସହ ଏକ ଦୀର୍ଘ ଜଟିଳ ବିବାଦ ଓ ଅନିଶ୍ଚିତତାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ରାୟକୁ ସମସ୍ତ ଅଭିଯୁକ୍ତ ସ୍ୱାଗତ କରିବା ସହ ସତ୍ୟର ଜୟ ବୋଲି ଅଭିହିତ କରିଛନ୍ତି । ପ୍ରାୟ ତିନି ଦଶନ୍ଧି ଧରି ଚାଲିଥିବା ଏହି ମାମଲାର ଶୁଣାଣି ପ୍ରକ୍ରିୟାରେ ଏବେସୁଦ୍ଧା ୧୬ଜଣ ଅଭିଯୁକ୍ତଙ୍କ ପରଲୋକ ଘଟିସାରିଛି । ରାୟ ପ୍ରକାଶ ଦିନ ସମସ୍ତ ଅଭିଯୁକ୍ତ ଲକ୍ଷ୍ନୌର ସ୍ୱତନ୍ତ୍ର ଅଦାଲତାରେ ଉପସ୍ଥିତ ରହିବାକୁ ବିଚାରପତିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ୩୨ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଶ୍ରୀ ଆଡ଼ଭାନୀ, ଡକ୍ଟର ଯୋଶୀ, ଉମାଭାରତୀ ଓ କଲ୍ୟାଣ ସିଂହ, ମହନ୍ତ ନୃତ୍ୟଗୋପାଳ ଦାସ ଆଦି ଅଭିଯୁକ୍ତ ସ୍ୱାସ୍ଥ୍ୟଗତ କାରଣରୁ ବ୍ୟକ୍ତିଗତ ଭାବେ ଉପସ୍ଥିତି ହୋଇପାରିନଥିଲେ । ତେବେ ସେମାନେ ନିଜ ନିଜ ବାସସ୍ଥାନରେ ରହି ସୁଦ୍ଧା ଏହି ରାୟ ଉପରେ ନିଜର ଧ୍ୟାନ କେନ୍ଦ୍ରୀତ କରିଥିଲେ ଏବଂ ରାୟ ପ୍ରକାଶ ପାଇବା ମାତ୍ରେ ଏହାକୁ ସ୍ୱାଗତ କରିଛନ୍ତି । ଉଲ୍ଲେଖଯୋଗ୍ୟଯେ ଗତବର୍ଷ ଅଯୋଧ୍ୟାର ବିବାଦୀୟ ଭୂମିକୁ ଏକ ରାମମନ୍ଦିର ନିର୍ମାଣ ସକାଶେ ସୁପ୍ରିମକୋର୍ଟ ତାଙ୍କର ରାୟରେ ପ୍ରଦାନ କରିବା ପରଠାରୁ ଏହି ମାମଲା ତା'ର ଗାମ୍ଭୀର୍ଯ୍ୟ ହରାଇଥିଲା । ଇତି ମଧ୍ୟରେ ଅଯୋଧ୍ୟାଠାରେ ଏକ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ଅଗଷ୍ଟ ୫ ତାରିଖ ଦିନ ଭୂମିପୂଜନ ସମ୍ପନ୍ନ ହୋଇସାରିଛି । ତେବେ ବାବ୍ରୀ ସୌଧ ଭଙ୍ଗା ମାମଲା ଜାରି ରଖିବାକୁ ସର୍ବୋଚ୍ଚ ନ୍ୟାୟାଳୟ ସ୍ୱତନ୍ତ୍ର କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଚୂଡ଼ାନ୍ତ ରାୟ ପ୍ରକାଶ ନିମନ୍ତେ ସେପ୍ଟେମ୍ବର ୩୦ ତାରିଖକୁ ଚୂଡ଼ାନ୍ତ ଦିବସ ରୂପେ ଧାର୍ଯ୍ୟ କରାଯାଇଥିଲା । ତେଣୁ ଏହା ଉପରେ ସାରା ଦେଶର ଦୃଷ୍ଟି ନିବଦ୍ଧ ରହିଥିଲା । ବାବ୍ରୀ ମସଜିଦ-ରାମଜନ୍ମଭୂମି ପ୍ରସଙ୍ଗ ଦୀର୍ଘ ଦିନଧରି ଯେତିକି ବିବାଦୀୟ ହୋଇ ରହି ଆସିଥିଲା, କରସେବକଙ୍କ ଦ୍ୱାରା ମସଜିଦ ଭଙ୍ଗାକୁ ନେଇ ସେତିକି ମାତ୍ରାରେ ରାଜନୈତିକ ଝଡ଼ ଓ ବିବାଦ ସୃଷ୍ଟି ହୋଇଥିଲା । ଏହା କେବଳ ଚଳନ୍ତି ରାଜନୀତିକୁ ନୁହେଁ, ଦେଶର ସାମାଜିକ ସଂହତିକୁ ମଧ୍ୟ ଆକ୍ରାନ୍ତ କରିଥିଲା । ତେଣୁ ପୂର୍ବରୁ ସୁପ୍ରିମକୋର୍ଟଙ୍କ ଫଇସଲା ଏବଂ ଏବେ ସିବିଆଇ ସ୍ୱତନ୍ତ୍ର ଅଦାଲତଙ୍କ ରାୟ ଏହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଏହି ଘଟଣାର ତଦନ୍ତ ସିବିଆଇ ଦୀର୍ଘଦିନ ଧରି କରିଥିଲେ ଏବଂ ସେହି ମର୍ମରେ ୩୫୧ ଜଣଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରିବା ସହ ପ୍ରାୟ ୬୦୦ ନଥି ପ୍ରମାଣର ତର୍ଜମା କରିଥିଲେ । ତେବେ କେବଳ କିଛି ଫଟୋଚିତ୍ର ଆଧାରରେ କାହାକୁ ଦୋଷୀ ବୋଲି ସାବ୍ୟସ୍ତ କରିବା ଯୁକ୍ତିକୁ କୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି । ବରଂ ସାକ୍ଷ୍ୟ ପ୍ରମାଣକୁ ଅଦଳବଦଳ କରାଯାଇଛି ବୋଲି କୋର୍ଟ ମତ ପୋଷଣ କରିଛନ୍ତି । ବାବ୍ରୀ ମସଜିଦ ଭଙ୍ଗା ମାମଲାର ରାୟ ପ୍ରକାଶ ସହ ଦେଶ ଏକ ଦୀର୍ଘ ଦୁର୍ଶ୍ଚିନ୍ତାରୁ ମୁକ୍ତ ହୋଇଛି । ଏବେ ବିଚାରଳୟର ରାୟକୁ ଗ୍ରହଣ କରି ସାମାଜିକ ସଂହତି ରକ୍ଷା କରିବାର ଦାୟିତ୍ୱ ସମସ୍ତଙ୍କର ।




## ବାରମାସୀ ଚଢେଇ ମୁଁ...




ବଦଳେ ମୋ ରଂଗ
ହେଲେ ମୋ କଣ୍ଠରେ
ନାହିଁ ସଂଗୀତ ତରଂଗ ।।୦।।

କେବେ ଦିନେ ଗାଉଥିଲି
ମିଠାମିଠା ସୁରେ
ଯାହା ପାଇଁ ଗାଉଥିଲି ସିଏ ଆଉ ପୁରେ
ଏ ମରତ ଲାଗୁଥିଲା ମୋ ପାଇଁ ସରଗ
ତା ବିନୁ ମରିଯାଇଛି
ମନରୁ ସରାଗ ।। ୧ ।।

ମୋ ମନ ମରୁରେ ସିଏ ଥିଲା
ଫଲଗୁ ଧାରା
ତା ବିନା ବନିଲା ପୁଣି
ଏ ମନ ସାହାରା
ହଜିଛି ମିଳନ ସ୍ୱପ୍ନ ମିଳିଛି ବୈରାଗ୍ୟ
ତେଣୁ ମୋ କଣ୍ଠରେ ନାହିଁ ସଂଗୀତ
ତରଂଗ ।।୨ ।।

ବିନୟ କୁମାର ଦାସ
ବାରମାସୀ ଚଢେଇ ମୁଁ

+ ଅଂଗାରଗଡିଆ, ବାଲେଶ୍ୱର ୧

## ଉପାସ୍ୟଙ୍କ ପୂଣ୍ୟବ୍ରତ ବନାମ ଶାନ୍ତିର ପୁରୋହିତ

### ୨ ଅକ୍ଟୋବର ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଉପଲକ୍ଷେ

ବିପିନ ବିହାରୀ ମହାନ୍ତି



ଗାନ୍ଧିଜୀ : ଉପାସ୍ୟଙ୍କ ପୂଣ୍ୟବ୍ରତ

ଗାନ୍ଧିଜୀ, ଜାତିର ପିତା, ସବୁରି ତୁଣ୍ଡରେ 'ବାପୁ' ଯାହାଙ୍କର ଭାରତର ସ୍ୱାଧୀନତା ସଂଗ୍ରାମକୁ ନେତୃତ୍ୱ ଦେବାରେ ତଥା ବିନା ରକ୍ତପାତରେ ସ୍ୱାଧୀନତା ଆଣିବାରେ ପଟ୍ଟାନ୍ତର ନାହିଁ, ଯିଏ ନିଜ ପାଇଁ ରଚି ଯାଇଛନ୍ତି ଇତିହାସ ଏବଂ ନିଜେ ଜଣେ ଦେଶ ଓ ବିଶ୍ୱ ପାଇଁ କିମ୍ବଦନ୍ତୀ ପୁରୁଷ, ସିଏ ୨ ଅକ୍ଟୋବର ୧୮୬୯ ମସିହାରେ ଗୁଜୁରାଟର ପୋର ବନ୍ଦର ଠାରେ ଜନ୍ମ ହୋଇଥିଲେ । ତାଙ୍କର ପିତାଙ୍କ ନାମ କରମଚାନ୍ଦ ଗାନ୍ଧୀ ଏବଂ ମାତାଙ୍କ ନାମ ପୁତୁଲୀ ବାଇ ଏବଂ ତାଙ୍କ ନିଜର ପୂରାନାମ ମୋହନ ଦାସ କମରଚାନ୍ଦ ଗାନ୍ଧୀ; କିନ୍ତୁ ତାଙ୍କର ବିଶ୍ୱବ୍ୟାପି କାର୍ଯ୍ୟ କୁଶଳତା ତଥା ବ୍ୟକ୍ତିତ୍ୱ ପାଇଁ ସାର୍ବଜନୀନ ଏବଂ ସାଧାରଣ ଭାବରେ "ମହାତ୍ମାଗାନ୍ଧି" ଭାବେ ବିଶ୍ୱରେ ସମ୍ବୋଦ୍ଧିତ ଓ ପରିଚିତ ହୋଇଛନ୍ତି ।

'ଗାନ୍ଧିଜୀଙ୍କର ଅହିଁସା' ଏବଂ 'ସତ୍ୟ'ର ଦର୍ଶନତତ୍ୱ ଉପରେ ଗଭୀର ବିଶ୍ୱାସଥିଲା । ସେହି ଦୁଇଟିକୁ ଆଧାର କରି ଯେଉଁ ଆନ୍ଦୋଳନ ସେ ଭାରତର ସ୍ୱାଧୀନତା କ୍ଷେତ୍ରରେ ଚଳାଇଥିଲେ, ତାକୁ ସତ୍ୟାଗ୍ରହ କୁହାଯାଏ । ତାଙ୍କ ବିଶ୍ୱାସରେ ସତ୍ୟ ଏବଂ ଅହିଂସା ଏକମାତ୍ର ବିଶ୍ୱଶାନ୍ତିର ଆଧାର । ସତ୍ୟ ଓ ଅହିଁସା ତାଙ୍କ ମତରେ କହିବା ସହଜ ହୋଇପାରେ ; କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଏହାକୁ ପ୍ରୟୋଗ କରିବା ବହୁତ କଠିନ । ଏଥି ପାଇଁ ଅସୀମ ଧୈର୍ଯ୍ୟ ଦରକାର ଏବଂ ଶେଷରେ ସତ୍ୟ ଓ ଅହିଂସାର ହିଁ ଜୟ ହୋଇଥାଏ । ଏହା ସମସ୍ତ ଶକ୍ତିଶାଳୀ ଅସ୍ତ୍ରମାନଙ୍କ ମଧ୍ୟରେ ମହାଶକ୍ତି ଶାଳୀ । ବିଶ୍ୱର ମଙ୍ଗଳାର୍ଥେ ଏହା ହିଁ ଏକ ନୂତନ ଆବିଷ୍କାରର ପବିତ୍ର ଶାନ୍ତିର ଅସ୍ତ୍ର । ଏଣୁ ଯିଶୁଙ୍କ ପରି ଶାନ୍ତିର ବାର୍ତ୍ତା ଧରି ସେ ପଦାର୍ପଣ କରିଥିଲେ ଏହି ଭାରତ ଭୂଖଣ୍ଡରେ ଏବଂ ବିଶ୍ୱ ଶାନ୍ତି ପାଇଁ ଯୀଶୁ କ୍ରୁଶବିଦ୍ଧ ହୋଇ ପ୍ରାଣବଳି ଦେଲାପରି ସେ ମଧ୍ୟ ଆତତାୟୀର ଗୁଳିଚୋଟରେ ଚିରଶାନ୍ତି ଲଭିଲେ । ଏକଦା ସେ କହିଥିଲେ : ଏମିତି ଜଣେ ପବିତ୍ର ବ୍ୟକ୍ତିତ୍ୱ କେହି ନାହିଁ ଯିଏ ନିଜ ଜୀବନର ମୂଲ୍ୟବାନ ସଂପଦ - ଜୀବନକୁ ଦେବାରେ କୁଣ୍ଠାବୋଧ କରେ ନାହିଁ । ମୋର ବିଶ୍ୱାସ ଏବଂ ପ୍ରାର୍ଥନା ଯେ ମୋ ପାଖରେ ସେ ପବିତ୍ରତାକୁ ପ୍ରମାଣ କରିବାରେ ଅବସାଦ ବି ନାହିଁ । (ଘକ୍ଟ ଜ୍ଞବଭ ସଲ ଷର ସଗ୍ବ କ୍ରଙ୍କକ୍ସର ଷବଗ୍ବ ବଭଜ୍ଞଗ୍ବଷସଭଶ ବଭୟ କ୍ରକ୍ସରମସକ୍ଟଙ୍କଗ୍ବ ଗ୍ବକ୍ଟ ଶସଙ୍ଗର ଗ୍ବଷବଭ ଷସଗ୍ବ କ୍ଷସଲର. ଓ ଷକ୍ଟକ୍ତ୍ରର ବଭୟ କ୍ରକ୍ସବଚ ଗ୍ବଷବଗ୍ବ ଓ ଷବଙ୍ଗର ଗ୍ବଷର କ୍ରଙ୍କକ୍ସସଗ୍ବଚ ସଭ ଜ୍ଞର ଗ୍ବକ୍ଟ ହଙ୍କଗ୍ବଗ୍ବସଲଚ ଗ୍ବଷର ଗ୍ବଗ୍ବରକ୍ତ). ସେ ଏକଥା ମଧ୍ୟ ଜୀବନରେ ପ୍ରମାଣ କରାଇଦେଲେ । ମହତ୍ମ । ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱ ସଂପର୍କରେ ଆଲୋକପାତ କରିବା ଏକ ବଡ କଠିନ ବ୍ୟାପାର । ଏଇଟା ଯେମିତି ଗୋଟାଏ ପୃଥିବୀକୁ ହାତ ପାପୁଲିରେ ଧରିବା ସଦୃଶ ହେବ । ତେବେ ସଂକ୍ଷେପରେ ଏତିକିରେ କୁହାଯାଇପାରେ ସେ ଜଣେ ସଂପୂର୍ଣ୍ଣ ପବିତ୍ର ବ୍ୟକ୍ତିତ୍ୱ ଯାହାର ଜୀବନ ଭବିଷ୍ୟତ ବିଶ୍ୱ ପାଇଁ ଏକ ବାର୍ତ୍ତା, ଯାହାର ଚିନ୍ତାଧାରା ଆମ ପାଇଁ ମହାନଶିକ୍ଷା, ଯାହାର ଆଦର୍ଶ ଅପ୍ରତିଦ୍ୱନ୍ଦୀ ଓ ଅଦ୍ୱିତୀୟ ନାୟକତ୍ୱର ଉର୍ଦ୍ଧ୍ୱରେ, ଯାହାର କାର୍ଯ୍ୟାବଳୀ ସର୍ବଦା ଅବିସ୍ମରଣୀୟ, ଯାହାର ସାହସିକତା ଓ ଦେଶପ୍ରେମ ସର୍ବୋପରି ସର୍ବୋପମ । ପୃଥିବୀରେ ଶୃଙ୍ଖଳ, ଦୁର୍ବଳ, ଚିର ଦଳିତ ଏବଂ ଅବହେଳିତ ବ୍ୟକ୍ତିଙ୍କର ମୁକ୍ତି ଓ ଶାନ୍ତି ପାଇଁ, ସେ ନିଜେ ଜୀବନରେ କାର୍ଯ୍ୟତଃ ପ୍ରମାଣିତ କରି ଯାଇଛନ୍ତି । ସେ ଜଣେ ମୁକ୍ତିମଶାଲଧାରୀ ଶାନ୍ତିର ପୁରୋହିତ ।

ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରତି ବର୍ଷ ୨ ଅକ୍ଟୋବରକୁ ଭାରତରେ ଛୁଟିଦିବସ ରୂପେ ପାଳିତହୁଏ । ଏହି ଦିନ ନାନା ଭାଷଣ, ପ୍ରତିଯୋଗିତା, ଦୂରଦର୍ଶନ, ଆକାଶବାଣୀ ତଥା କଳାକାର ଏବଂ ବାଲୁକାଶିଳ୍ପୀମାନଙ୍କ ଦ୍ୱାରା ସେମାନଙ୍କର ସୌନ୍ଦର୍ଯ୍ୟ ବୋଧ ସୃଷ୍ଟିମାନଙ୍କ ମାଧ୍ୟମରେ ଗାନ୍ଧି ବାର୍ତ୍ତା ଓ କାର୍ଯ୍ୟା ପ୍ରତିଫଳନ କରାଯାଏ ।

ଗାନ୍ଧି ଜୟନ୍ତୀ ୨ ଅକ୍ଟୋବରକୁ ଆନ୍ତର୍ଜାତିକ ସ୍ତରରେ "ଅହିଁସା" (ଘକ୍ଟଭ-ଠସକ୍ଟକ୍ଷରଭମର) ଦିବସ ରୂପେ ପାଳିତ ହୁଏ । ଗାନ୍ଧିଙ୍କ ପ୍ରତି ବିଶ୍ୱବାସୀଙ୍କର ଏହା ହିଁ ଭକ୍ତି ଓ ଶ୍ରଦ୍ଧାର ଉପହାର ।

ଆମ ଶାସ୍ତ୍ରୀଜୀ : ଶାନ୍ତିର କପୋତ

୨ ଅକ୍ଟୋବରକୁ ଗାନ୍ଧିଜୟନ୍ତୀ ହିସାବରେ ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ପାଳନ କରାଯାଏ । କିନ୍ତୁ ଏଇ ଭାରତରେ ଆଉ ଜଣେ ମହାନ ବ୍ୟକ୍ତିତ୍ୱ ଅଛନ୍ତି ଯାହାଙ୍କ ଜନ୍ମ ତିଥି ମଧ୍ୟ ଏହି ଦିନ ପାଳିତ ହୁଏ । ସେ ହେଉଛନ୍ତି ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ, ସଂକ୍ଷେପରେ ଶାସ୍ତ୍ରୀଜୀ ଯିଏକି ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଥିଲେ । ସେ ଜଣେ ମଧ୍ୟ ସ୍ୱାଧୀନତା ସଂଗ୍ରାମୀ ଯିଏ କି ଦେଶର ମୁକ୍ତି ସଂଗ୍ରାମରେ ଝାସ ଦେଇ ନିଜ ପାରିବାରିକ ଜୀବନ ପ୍ରତି ଆଖି ବୁଝି ଦେଇଥିଲେ । ସେ ଭାରତର ଉନ୍ନତି କଳ୍ପେ ବହୁ ପ୍ରକାର କାର୍ଯ୍ୟମାନ କରିଯାଇଛନ୍ତି । ସେ ଜଣେ ସଂପୂର୍ଣ୍ଣମାନବବାଦୀ ବ୍ୟକ୍ତିତ୍ୱ ଯିଏକି ମଣିଷକୁ କେବଳ ଗୋଟିଏ ମଣିଷ ଜାତି ହିସାବରେ ଦେଖୁଥିଲେ । ସେ ଥିଲେ ସକଳ ଜାତି-ଧର୍ମ ଏବଂ ସଂପ୍ରଦାୟର ଉର୍ଦ୍ଧ୍ୱରେ । ଏଇଥି ପାଇଁ ସେ ତାଙ୍କର ସାଙ୍ଗିଆ ବା ସରନେମ 'ଶ୍ରୀବାସ୍ତବ'କୁ କାଟିଦେଇଥିଲେ କାରଣ ଏହା ଏକ ଜାତିର ପ୍ରତୀକ ଥିଲା ଏବଂ ସେ ଏହାକୁ ଘୃଣା କରୁଥିଲେ। ଲାଲ ବାହାଦୂରଙ୍କର ଜନ୍ମ ୨ ଅକ୍ଟୋବର ୧୯୦୪ ମସିହାରେ ହୋଇଥିଲା । ତାଙ୍କ ପିତା ଓ ମାତାଙ୍କ ନାମ ଯଥାକ୍ରମେ ଶାରଦା ପ୍ରସାଦ ଏବଂ ରାମଦୁଲାଲୀ ଦେବୀ । ତାଙ୍କ ପିତା ଜଣେ ଶିକ୍ଷକ ଥିଲେ । ଦୁଃଖ ଯେ ତାଙ୍କୁ ଦେଢବର୍ଷ ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ଏଣୁ ତାଙ୍କ ମା'ଲାଲବାହାଦୁରଙ୍କୁ ଧରି ନିଜ ପିତାଘରକୁ ଚାଲିଗଲେ । ସେଠାରେ ତାଙ୍କର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାପରେ, ସେ ବାରଣାସୀ ଯାଇ କାଶୀ ବିଦ୍ୟାପୀଠରେ ପଢି ଶାସ୍ତ୍ରୀ ଉପାଧି ପାଇଥିଲେ । ଏହା ଏକ ଉଚ୍ଚ ଶିକ୍ଷାଗତ ଉପାଧି ଥିଲେ ହେଁ, ତାଙ୍କର ଜ୍ଞାନ ଓ ବୁଦ୍ଧିର ବିଚକ୍ଷଣତା କାରଣରୁ ଏହି ଉପାଧି ନାମରେ ସେ ସବୁଦିନ ପାଇଁ ପରିଚିତ ହୋଇଗଲେ । ଶାସ୍ତ୍ରୀଜୀ ଅର୍ଥ ଜ୍ଞାନୀ ।



୧୯୧୫ ମସିହାରେ ଗାନ୍ଧିଙ୍କର ଏକ ଭାଷଣ ଶୁଣିବାରେ ତାଙ୍କୁ ସୁଯୋଗ ମିଳିଲା ଯାହା ତାଙ୍କୁ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ ନିମନ୍ତେ ଅନୁପ୍ରାଣୀତ କଲା । ୧୯୨୧ ମସିହାରେ ସେ ଡେଫିୟାନସ୍ ଅଫ୍ ପ୍ରୋହିବିଟାରୀ ଅର୍ଡର ଶୋଭାଯାତ୍ରାରେ ଯୋଗଦେଇ ବନ୍ଦୀ ହେଲେ ; କିନ୍ତୁ ନାବାଳକ ହେତୁ ତାଙ୍କୁ ମୁକ୍ତି କରାଗଲା । ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ସେ ଅଢେଇବର୍ଷ କାଳ ଜେଲ ଯାଇଥିଲେ । ୧୯୪୦ରେ ସେ ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହକୁ ପୂର୍ଣ୍ଣ ସମର୍ଥନ ସାବ୍ୟସ୍ତ କଲେ ଏବଂ ପୁଣି ଜେଲ ଗଲେ । ପରେ ବ୍ରିଟିଶ ଭାରତ ଭାରତ ଛାଡ ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରେତ୍ସାହନ ଯୋଗାଇ ୧୯୪୬ ଯାଏଁ ପୁନଶ୍ଚ ଜେଲ ଭୋଗ କଲେ ।

ଜବାହାର ନେହୁରୁ ଆମର ପ୍ରଥମ ପ୍ରଧାନ ମନ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଭାରତର ପ୍ରଧାନ ମନ୍ତ୍ରୀପଦ ୯ ଜୁଲାଇ ୧୯୬୪ରେ ଗ୍ରହଣ କଲେ । ତାଙ୍କର ପ୍ରଧାନ ମନ୍ତ୍ରୀତ୍ୱ ବେଳେ ଭାରତର ପ୍ରଗତି ଓ ଉନ୍ନତି କାମନାକରି ସେ ସବୁଜ ବିପ୍ଳବ ଏବଂ ଶ୍ୱେତ ବିପ୍ଳବର ସେ ଆହ୍ୱାନ ଦେଇଥିଲେ । କୃଷି ଓ କୃଷକଙ୍କର ଉନ୍ନତି କାରଣାର୍ଥେ ତାଙ୍କର ସ୍ଲୋଗାନ ଥିଲା "ଜୟ କିଶାନ" ଏବଂ ସୈନିକ ମାନଙ୍କ ପାଇଁ ଥିଲା "ଜୟ ଜଓ୍ୱାନ" । ତାଙ୍କ ମତରେ ଦେଶର ନିରାପତ୍ତା ସୈନିକ ମାନଙ୍କ ହସ୍ତରେ ଏବଂ ଦେଶର ଅର୍ଥନୈତିକ ମେରୁଦଣ୍ଡ କୃଷକମାନଙ୍କ ହସ୍ତରେ ନ୍ୟସ୍ତ ଥିବାରୁ ସେମାନେ ପ୍ରଥମେ ବନ୍ଦନୀୟ । ଏହା ବ୍ୟତୀତ ଅନ୍ୟାନ୍ୟ ଉନ୍ନତିମୂଳକ କାମରେ ତାଙ୍କର ଭୂମିକା ସ୍ୱୀକାର୍ଯ୍ୟ ।

ଶାସ୍ତ୍ରିଜୀଙ୍କର ମୃତ୍ୟୁର କାରଣ ଏବେ ବି ଅନ୍ଧକାରାଚ୍ଛନ୍ନରେ ଅଛି । ଭାରତ ଓ ପାକିସ୍ଥାନ ମଧ୍ୟରେ ଦୀର୍ଘକାଳୀନ ଯୁଦ୍ଧର ଅବସାନ ତଥା ଶାନ୍ତି ପ୍ରତିଷ୍ଠା ପାଇଁ ସୋଭିଏତ ଦେଶର ପ୍ରଧାନମନ୍ତ୍ରୀ ଆଲେକ୍‌ସି କୋସିଜୀନଙ୍କ ମଧ୍ୟସ୍ଥତାରେ ଏକ ମୀମାଂସାଜନିତ ସୂତ୍ରପାତ ହେଲା ସୋଭିଏତର ତାସଖେଣ୍ଡରେ । ଶାନ୍ତିକାମୀ ଶାସ୍ତ୍ରୀଜୀ ଏଥିରେ ଆନନ୍ଦର ସହିତ ଯୋଗଦେଲେ । ପାକିସ୍ଥାନ ତରଫରୁ ଜେନେରାଲ ଆୟୁବ୍ ଖାଁ ସେଥିରେ ଉପସ୍ଥିତ ଥିଲେ । ଅଳିଆ ତୁଟିଲା । ୧୦ ଜାନୁୟାରୀ ୧୯୬୬ ମସିହା ଦିନ ପାକିସ୍ଥାନର ଆୟୁବ୍ ଖାଁ ଏବଂ ଆମ ଶାସ୍ତ୍ରୀଜୀ ଶାନ୍ତିପ୍ରସ୍ତାବ ଉପରେ ଦସ୍ତଖତ କଲେ । ଏହି ସର୍ତ୍ତ ଅନୁଶାରେ ଉଭୟ ଦେଶର ସୈନ୍ୟ ୨୫ ଜାନୁୟାରୀ ୧୯୬୬ ସୁଦ୍ଧା ନିଜ ନିଜର ପୂର୍ବସ୍ଥାନକୁ ଫେରିଯିବା କଥା । ଏ ସମ୍ବାଦରେ ଭାରତୀୟମାନେ ଅତି ବା ଆନନ୍ଦିତ ହେଲେ ।

୧୦ ଜାନୁୟାରୀ ୧୯୬୬ ରାତିକୁ ତାଙ୍କର ଛାତିରେ ଯନ୍ତ୍ରଣାହେଲା । ୧୧ ଜାନୁୟାରୀ ସକାଳୁ ସକାଳୁ ତାଙ୍କର ଦେହାନ୍ତ ହେଲା । ଅନେକଙ୍କ ମତରେ ତାଙ୍କର ହୃଦକ୍ରିୟା ଜନିତ ମୃତ୍ୟୁ ହୋଇଛି ଅଥଚ ଅନେକଙ୍କର ମତ ଯେ ତାଙ୍କୁ ବିଷ ପ୍ରୟୋଗ କରାଇ ମାରି ଦିଆଯାଇଛି କାରଣ ତାଙ୍କର ମୃତ ଦେହଟି ସଂପୂର୍ଣ୍ଣ ନୀଳ ପାଲଟିଯାଇଥିଲା ଯାହାକି ବିଷ ପ୍ରୟୋଗର ଲକ୍ଷଣ । ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଏକ ରହସ୍ୟାବୃତ୍ତ ହୋଇ ରହିଯାଇଛି ।

ଶାସ୍ତ୍ରୀଜୀ ତାଙ୍କ ମୃତ୍ୟୁ ପୂର୍ବରୁ ଯେତିକି ପ୍ରସାରିତ ଓ ପ୍ରଚାରିତ ହୋଇନଥିଲେ, ତାଙ୍କ ମୃତ୍ୟୁ ସେ କ'ଣ ବୋଲି ପ୍ରମାଣିତ କରିଦେଲା । ଭାରତର ଶୋକାକୂଳ ଜନତା ତାଙ୍କୁ ଦିଲ୍ଲୀର ଯେଉଁଠାରେ ଦାହ କଲେ, ତାହାର ନାମ ରଖିଲେ ବିଜୟ ଘାଟ । ଦେଶ ପାଇଁ ତାଙ୍କ ମୃତ୍ୟୁ ତାଙ୍କୁ ବିଜୟର ଠିକା ପିନ୍ଧାଇ ଦେଇଛି, ଖାସ୍ ଏଇ ତାସଖେଣ୍ଡ ଚୁକ୍ତିରେ ।

ନିଜ ସଂପର୍କରେ ସେ କହିଯାଇଛନ୍ତି : ମୁଁ ଶାସକ ନୁହେଁ, ମାତ୍ର ଜଣେ ସେବକ ; ମୁଁ ଜଣେ ସାଧାରଣମାନଙ୍କ ମଧ୍ୟରେ ସାଧାରଣ ।

ସତରେ ଶେଷଯାଏଁ - ସେହିଁ ସାଧାରଣ ଥିଲେ । ତାଙ୍କ କର୍ମ, ସେବା ତଥା ମହତ ପଣିଆ ପାଇଁ ସେ ସଦାକାଳେ ଆମ ପାଖେ ଥିବେ ।

ଆଜିର ଜୟନ୍ତୀ ଅବସରେ ଆସନ୍ତୁ, ଏହି ଦୁଇ ଭାରତୀୟ ମହାନ ବ୍ୟକ୍ତିଙ୍କ ପ୍ରତି ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା । ଏହା ହିଁ ସେମାନଙ୍କ ପ୍ରତି ଆମ୍ଭମାନଙ୍କର ଶ୍ରେଷ୍ଠ ସମ୍ମାନ ହେଉ ।

+ ଅଧ୍ୟକ୍ଷ ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ଜଟଣୀ
ଶୂନ୍ୟଭାଷ : ୯୯୩୮୩୪୪୧୩୮

## ପବ୍‌ଜି ସେନା

ଇଂ. ବିଦ୍ୟାଧର ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ..) ସେହି ସଭାରେ ସମସ୍ତ ଅଭିଭାବକ ଉପସ୍ଥିତ ରହି ଜଣକ ପରେ ଜଣେ ଛୁଆମାନଙ୍କୁ ଭାଷଣଦେବା ଆଳରେ ପ୍ରକୃତ ସତ୍ୟକୁ ଉଜାଗର କଲେ। ପ୍ରାୟ ଦଶଜଣ ଅଭିଭାବକ ଯେଉଁମାନଙ୍କର ପିଲା ଏହି ପବ୍‌ଜି ଖେଳ ରୋଗରେ ଆକ୍ରାନ୍ତ, ସେମାନେ ଛୁଆମାନଙ୍କ ସାମ୍ନାରେ ଗୋଟିଏ ଧାଡିରେ ଛିଡାହୋଇ ଏହି ଖେଳର ମହାତ୍ମ୍ୟ ଏବଂ ମାରାତ୍ମକ ଦିଗ ବିଷୟରେ ପିଲାମାନଙ୍କୁ ବୁଝାଇବାକୁ ଚେଷ୍ଟାକଲେ। ବାଁ କଡରୁ ଆରମ୍ଭରେ ଛିଡା ହୋଇଥିବା ଦାମବାବୁ ପ୍ରଥମେ ମାଇକ୍‌ର ଫୋନ୍‌ଟିକୁ ନିଜ ହାତକୁ ନେଲେ।

'ଶ୍ରଦ୍ଧେୟ ଛାତ୍ରଗଣ ! ମୁଁ ଆପଣମାନଙ୍କୁ ଚୁମ୍ବକରେ କହିରଖେ ଯେ ଏ 'ଚାଇନା ସେନାନ୍ତ ଏବଂ 'ପବ୍‌ଜି ସେନା' ର ଆଭିମୁଖ୍ୟ ଗୋଟିଏ। ଚାଇନିଜ୍ ଲୋକଙ୍କର ଆଖି ସିନା ଛୋଟ, କିନ୍ତୁ ଦୂରଦୃଷ୍ଟିକୁ ମାନିବାକୁ ହେବ। ଚାଇନା ସେନା ପଶୁଛି ଆମ ସୀମାଭିତରେ ପଶି ଆମ ଜମିଅଧିଗ୍ରହଣ କରି ନିଜର ସାମ୍ରାଜ୍ୟ ବିସ୍ତାର କରିବ। ଗୁଇନ୍ଦାମାନଙ୍କୁ ପଠେଇ ଆମ ସରକାରଙ୍କ ଗୁପ୍ତତଥ୍ୟ ଚୋରି କରି ଆମଦେଶର ଅର୍ଥନୀତିକୁ କମ୍‌ଜୋର୍ କରିବ। ଆମର ପ୍ରଗତିକୁ ରୋକିବ ଏବଂ ଆମର ଦେଶର ସ୍ୱପ୍ନକୁ ଧୂଳିସାତ୍ କରିଦେବ। ଆମକୁ କାଙ୍ଗାଳ କରିବା ଚାଇନାର ଏକମାତ୍ର ଲକ୍ଷ। ଏଥିପାଇଁ ଚାଇନା ବହୁତ ଅଲଗାଅଲଗା ରାସ୍ତା ଦେଇ ଚକ୍ରାନ୍ତଧର୍ମୀ କାର୍ଯ୍ୟକ୍ରମ ଜାରି ରଖିଛି। ତନ୍ମଧ୍ୟରେ ଏ ପବ୍‌ଜିଆପ୍ ମଧ୍ୟ ଅନ୍ୟତମ। ଆପଣମାନେ ଆମ ସମାଜର ଭବିଷ୍ୟତ। ଆପଣମାନଙ୍କୁ ସିଏ ଏମିତି ଏକ ନିଶାରେ ବାନ୍ଧି ରଖି ପାଠରୁ ଦୂରେଇ ରଖୁଛି। ଆପଣମାନଙ୍କର ବହୁମୂଲ୍ୟ ସମୟ ଏହି ପବ୍‌ଜି ଖେଳଦ୍ୱାରା ଅଯଥା ନଷ୍ଟ ହେବାରୁ କୌଣସି ଗଠନ ମୂଳକ ଚିନ୍ତାଧାରା ମନଭିତରେ ପଶୁନି। ତେଣୁ ଆପଣମାନଙ୍କ ଭବିଷ୍ୟତରେ ପ୍ରଶ୍ନବାଚୀ ସୃଷ୍ଟି ହେଲାବେଳେ ଦେଶର ଭବିଷ୍ୟତ ଅନ୍ଧାର ଦେଖାଯାଉଛି। ଏସବୁ ଚାଇନାର ଏକ ସୁଚିନ୍ତିତ ଷଡଯନ୍ତ୍ର, ଯାହା ଆପଣ ଏହି କିଶୋର ଜୀବନରେ ବୁଝିବାକୁ ଅସମର୍ଥ। କିଏ କିଏ ଏହି ଖେଳ ଖେଳିବାପାଇଁ ଏତେ ବ୍ୟାକୁଳ ଯେ ଅଭିଭାବକ ମନାକଲେ ତାଙ୍କୁ ଅସଭ୍ୟ ବ୍ୟବହାର ଦେଖାଇ ମାର୍‌ପିଟ୍ ବି କରୁଛନ୍ତି। ଏସବୁ ଉପାଖ୍ୟାନକୁ ତର୍ଜମା କଲେ ଜଣାଯାଏ ଯେ ଭାରତରେ ତୁମେମାନେ ଚାଇନା ସେନାର ପ୍ରତିନିଧି ସ୍ୱରୂପ। ତୁମେ ଯେଉଁ କୋଟିକୋଟି ଟଙ୍କାର ଧନ ଏହି ଖେଳମାଧ୍ୟମରେ ଚାଇନା ଦେଶକୁ ଦେଉଛ, ସେ ସେଥିରେ ଆମ ବରୁଦ୍ଧରେ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ତିଆରି କରୁଛି। ଦିନେ ନା ଦିନେ ଉପଯୋଗ କରି ତୁମରି ଦେଶବାସୀ ଭାଇ ଭଉଣୀମାନଙ୍କୁ ମାରିବ। ଏହା ଯଦି ତୁମକୁ ମଂଜୁର ତେବେ ଖେଳ, ଆଉରି ବେଶୀବେଶୀ ଖେଳ। ଚାଇନା ଧନବାନ ହେଉ ଏବଂ ତୁମ ମାତୃଭୂମିକୁ ବରବାଦ୍ କରୁ। ଏତିକି କହି ମୁଁ ମୋ ବାଣୀକୁ ବିରାମ ଦେଉଛି।'

'ତା'ପରେ ମାଇକ ଧରିଲେ ଫନିବାବୁ। ସ୍ନେହଁର ଛାତ୍ରଛାତ୍ରୀ ବୃନ୍ଦ ! ସମାଜର ବିକାଶରେ ତୁମମାନଙ୍କର ମୁଖ୍ୟ ଭୂମିକା ବିଦ୍ୟମାନ। ତୁମେମାନେ ଦେଶର ଭବିଷ୍ୟତ ଓ କର୍ଣ୍ଣଧାର। ଏ ଦେଶର ଭବିଷ୍ୟତ ନେତୃତ୍ୱ ଏବଂ ବିକାଶ ତୁମମାନଙ୍କ ହାତରେ। ଦେଶପ୍ରତି ସାକାର ଦୃଷ୍ଟିଭଙ୍ଗି ଏବଂ ସମାଜପାଇଁ ଏକ ନିଷ୍ଠାପର ଅଙ୍ଗୀକାର ବଦ୍ଧତା ଛାତ୍ରସମାଜକୁ ଉନ୍ମାଦିତ କରିଥାଏ। କୁସଂସ୍କାର ଏବଂ ଆର୍ଥିକ ସ୍ଥାଣୁତା ବିରୁଦ୍ଧରେ ତୁମେମାନେ ସଜାଗରହି ସ୍ୱର ଉତ୍ତୋଳନ କରିବା ଉଚିତ୍। ଆଜି ବଡ କ୍ଷୋଭର ବିଷୟ ଯେ ଉପଯୁକ୍ତ ଦିଗ୍‌ଦର୍ଶନ ଅଭାବରୁ ତୁମେମାନେ ପଥଭ୍ରଷ୍ଟ ହେଲାପରି ଲାଗୁଛ। ତୁମ୍ଭମାନଙ୍କ ମେଳରେ ମୋ ଝିଅ ବି ଅଛି। ତେଣୁ ମୁଁ ସମସ୍ତଙ୍କ ଅଭିଭାବକ ହିସାବରେ କହିବାକୁ ଚାହେଁ ଯେ ଦେଶଭକ୍ତି ସର୍ବୋପରି। ଆମେ ଏମିତି କୌଣସି ଆଚରଣ କରିବାନି ଯେଉଁଥିରେ ଆମର ଶତ୍ରୁ ଦେଶର ଉପକାର ହେବ ଏବଂ ଅପରପକ୍ଷରେ ଆମର ଛାତ୍ରସମାଜର ଲକ୍ଷଲକ୍ଷ ଘଂଟାସମୟ ଅଯଥା ଅପଚୟ ହେବ। ବହିଗଲା ପାଣି ଏବଂ ଗ୍ଳଳିଗଲା ସମୟ କେବେ ବି ଫେରେନି। ଏହି ଛାତ୍ର ଜୀବନ ସବୁଠାରୁ ଜୀବନ ଗଠନର ପ୍ରକୃଷ୍ଟ ସମୟ। କିନ୍ତୁ ପରିତାପର ବିଷୟ ଯେ ଆଜି ଛାତ୍ରସମାଜ ବିଶୃଙ୍ଖଳାର ଚରମସୀମାରେ ପହଁଚିଛି। ରାସ୍ତାଘାଟ ଅବରୋଧ, ଜାତୀୟ ସମ୍ପତ୍ତି ଧ୍ୱଂସ, ଦେଶଦ୍ରୋହ କାର୍ଯ୍ୟଧାରା, ଶିକ୍ଷକମାନଙ୍କ ପ୍ରତି ଦୂର୍ବ୍ୟବହାର, ଅଭିଭାବକଙ୍କୁ ଅସମ୍ମାନ, ପରୀକ୍ଷାରେ କପି ପରି ବହୁତ ଅନ୍ୟାୟ ଅନୀତି ପଥରେ ଛାତ୍ର ସମାଜ ଗତି କରୁଛି। ଆଜିକାର ପିତାମାତା ଏବଂ ଅଭିଭାବକ ଯେଉଁମାନେ ତୁମର ହିତୈଷୀ ସେମାନେ ବହୁତ ମର୍ମାହତ ଏବଂ ତୁମ୍ଭମାନଙ୍କର ଭବିଷ୍ୟତ ପାଇଁ ବିଚଳିତ। ମୋର ବକ୍ତବ୍ୟ ମୁଁ ଏତିକିରେ ଇତି କରି ଆଶା କରୁଛି ଯେ ସମସ୍ତେ ଏ ବିଷୟରେ ଅଧିକ ଚିନ୍ତା କରି ନିଜନିଜର ବିଗ୍ରହକୁ ଶୁଦ୍ଧକରିବା ଦିଗରେ ନିହାତି ଯତ୍ନବାନ୍ ହେବେ।'

▶▶ପୃଷ୍ଠା ୭




## ଯାତ୍ରା ପଥରେ ଦିନେ..

ସୁଦର୍ଶନ ମହାପାତ୍ର

ଏଇ ପଥ ଦେଇ ଫେରୁଥିଲି ଦିନେ
ଛାଇ ଲେଉଟାଣି ବେଳେ
ଦେଖିଲି ଗୋଧୂଳି ଲୋହିତ କିରଣ
ପଶ୍ଚିମ ଆକାଶେ ଖେଳେ ।।

ବହୁ ପ୍ରତିକ୍ଷିତା ବିରହୀ ଆଖିରେ
ନିରିମାଖୀ ସେହି ମୁହଁ
ଛପି ଯାଇଥିଲା ସନ୍ଧ୍ୟାର ପଣତେ
ଦିଶିଥିଲା ଧାରେ ଲୁହ ।।

ଚଳିଲା ଯାନର ଖିଡ଼ିକି ଉହାଡୁ
ନିରେଖି ଚାହିଁଲି ମୁହିଁ
ଭଜା କଣ୍ଠେ କିଏ କହିଲା ଆବେବେ
ମୋତେ ଭୁଲିଯିବା ନାହିଁ ।।

ପ୍ରାଚୀ ଗଗନରେ ଦିଶିଲା ଉଜ୍ଜ୍ୱଳ
ତୋରା ଭରା ଜହ୍ନ ରାତି
ରେଣୁ ରେଣୁ ହୋଇ ଜଡ଼ି ରହିଥିଲା
ବିପୁଳା ନଈର ଛତି ।।

ଧୋବ ଫରଫର ହଂସୁଳି ଶେଯରେ
ସୁନାନାକି ରାଜା ଝିଅ
ଯୋଗୀ କେନ୍ଦରାରେ ସୁର ଧରିଥିଲା
ଶିଳା ସୁନ୍ଦରୀର କୋହ ।।

ଶୂନ୍ୟକୁ ଯେବେ ମୁଁ କୋଳାଗ୍ରତ କଲି
ସ୍ୱପ୍ନ ଥିଲା ମୋର ସାଥେ
ମନ୍ମୟ ମୋହରେ ମରମ ଛୁଇଁଲା
ଅତି ଆପଣାର ସତେ ।।

ଯାତ୍ରା ପଥ ପରେ ଦୃଶ୍ୟ ଅଦୃଶ୍ୟରେ
ଭାବ ପ୍ରବଣତା ଫୁଟେ
ସ୍ମୃତି କେବେ ଫେରେ ଏକାନ୍ତ ମୁହୂର୍ତ୍ତେ
ଖୁସି ଅବା ଦୁଃଖ ବାଣ୍ଟେ ।

+ କୁଞ୍ଜବିହାରୀ ଲେନ, କଟକ ।

## ନେଲି ବଡ଼ ଶପଥ

ଧୀରେନ୍ଦ୍ର ମଲ୍ଲିକ

ବୋଉ ରାନ୍ଧିଥିଲେ ଆଜି
ରୋହୀ ମାଛ ବାଗେଇ,
ଘରେ ରଖି ଯତନରେ
ମତେ ଦେଲେ ଜଗେଇ,,

କହି ଗଲେ ଆରେ ବାବୁ
ଯିବୁନାହିଁ ବାହାର,
ଖାଇଦେବ କାଳେ ଭୁଆଁ
ରଖିଥିବୁ ନଜର,,

ଥକା ମତେ ଲାଗିଲାଣି
ଟିକିଏ ମୁଁ ଶୋଉଛି,
ଡାକିଦେବୁ କିଛି କ୍ଷଣେ
ମନେ କରି ଦେଉଛି,,

ବୋଉ କଥା ମାନି ମୁହିଁ
ସେଇଠାରେ ରହିଛି,
ଭୁଆଁ ଘଉଡ଼ିବା ଲାଗି
ବାଡ଼ି ଖଣ୍ଡେ ଧଇଲି,,

କିଛିକ୍ଷଣ ପରେ ମୋର
ସାଙ୍ଗ ରବି ଆଇଲା,
କ୍ରିକେଟ ଖେଳିବା ଲାଗି
ଖୁସି ହୋଇ କହିଲା,,

ଭାବିଲି ମୁଁ ଆସିବନି
ଭୁଆଁ ବୋଧେ ଏଠାକୁ,
ପଳେଇଲି ସାଥିରେ ତା
ଖେଳିବାକୁ ତୋଟାକୁ,,

ଖେଳ ସାରି ଘରକୁ ମୁଁ
ବେଗି ଗଲି ଧାଇଁକି,
ବୋଉ ଠିଆ ହୋଇ ଥାନ୍ତି ।
ବାଟ ମୋର ଚାହିଁକି,,

ରାଗିଯାଇ ପଚାରିଲେ
ଯାଇଥିଲୁ କୋଉଠି,
ଭୁଆଁ ଖଇଦେଲା ସବୁ
ତରକାରୀ ନାହିଁଟି,,

ଏଡ଼େ ତୁହି ବଦମାସ
କାହିଁ ତତେ କହିଲି
ଦିନ ଯାକ ତୋର ଲାଗି
ଉପାସ ମୁଁ ରହିଲି,,

ସେଇ ଦିନୁ ମନେ ମୁହିଁ
ନେଇ ବଡ଼ ଶପଥ,
ଗୁରୁଜନ କଥା ମାନି
ଚାଲିବି ମୁଁ ନିରତ,,

+ ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ଫୋନ-୭୯୦୪୩୯୨୬୮୬

# ଇ ଡେଟିଂ ଆପ୍ଃ ବଢୁଛି କ୍ରେଜ୍

**ଏବେ ଆଉ ଦେଖିବାକୁ ମିଳୁନି ପାର୍କ, ସିନେମାହଲ୍, ଶପିଂ ମଲ କି କାଫେ ଅବା ଫୁଡହବ୍‌ଗୁଡ଼ିକରେ ହଳ ହଳ ହୋଇ ବୁଲୁଥିବା ପ୍ରେମୀଯୁଗଳଙ୍କ ଦୃଶ୍ୟ । କାରଣ ଘରୁ ବାହାରିଲେ କରୋନା ସଂକ୍ରମଣର ଭୟ ସେମାନଙ୍କ ପାଦରେ ବି ଲଗାଇଛି ବେଡ଼ି ; ଯେଉଁଥି ପାଇଁ ବର୍ତ୍ତମାନ ଅଧିକାଂଶ ଯୁବତୀମାନଙ୍କ ଠାରେ ବଢ଼ିବାରେ ଲାଗିଛି ବିଭିନ୍ନ ଅନ୍‌ଲାଇନ୍ ଡେଟିଂ ଆପ୍‌ର କ୍ରେଜ୍...**



ବର୍ତ୍ତମାନ କରୋନା ଭୟରେ ଅତ୍ୟାବଶ୍ୟକ ନ ଥିଲେ ସଭିଙ୍କର ଘରୁ ବାହାରିବା ଏକପ୍ରକାର ବନ୍ଦ ହୋଇଯାଇଛି । ଯେଉଁଥିରୁ ବାଦ୍ ପଡ଼ି ନାହାନ୍ତି ପ୍ରେମୀଯୁଗଳ । ହେଲେ ଏ ସମୟରେ ଭେଟ ହେବା ଏକ ପ୍ରକାର ମୁସ୍କିଲ୍ ହୋଇଥିଲେ ହେଁ ସୋସିଆଲ୍ ସାଇଟ୍‌ଗୁଡ଼ିକ ଏହି ସମସ୍ୟା ଦୂର କରିବାରେ ସାହାଯ୍ୟ କରୁଛି । ଏହା ଦ୍ୱାରା କେବଳ ନିଜ ଚିହ୍ନା ପରିଚିତ ନୁହଁନ୍ତି ଅପରିଚିତଙ୍କ ସହ ମଧ ଧୀରେ ଧୀରେ ବନ୍ଧୁତାର ସମ୍ପର୍କ ଯୋଡ଼ି ପାରୁଛି । ତେବେ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ବିଭିନ୍ନ ଅନ୍‌ଲାଇନ୍ ଡେଟିଂ ଆପ୍ସର କ୍ରେଜ୍ ବଢୁଥିବା ଦେଖିବାକୁ ମିଳୁଛି । ଯାହାଦ୍ୱାରା ପରସ୍ପରଠାରୁ ସମ୍ପୂର୍ଣ୍ଣ ଅଚିହ୍ନା ଥିବା ଅନେକ ଯୁବତୀଯୁବକଙ୍କ ମଧ୍ୟରେ ଫ୍ରେଣ୍ଡଶିପ୍, ଚାଟିଂ, ଭିଡିଓ କଲିଂ ହୋଇପାରୁଛି । କେବଳ ଏତିକି ନୁହେଁ କେହି କେହି ପରସ୍ପରକୁ ଭେଟିବା ବା ଡେଟ୍‌ରେ ଯିବାକୁ ବି ପଛାଉ ନାହାନ୍ତି । ଏମିତିକି କେତେକଙ୍କ ଲାଗି ଏହା ନିଜ ଲାଇଫ୍ ପାର୍ଟନର ବାଛିବାର ବି ମାଧ୍ୟମ ପାଲଟିଛି । ତେବେ ଏହି ଇ-ଡେଟିଂ ଆପ୍ସ ଦ୍ୱାରା ଅନେକେ ଉପକୃତ ହେଉଥିଲେ ହେଁ ଏଥିରେ ବିପଦର ଆଶଙ୍କା ବି କିଛି କମ୍ ନୁହେଁ । କାରଣ ଏଥିଯୋଗୁଁ କେହି କେହି ଠକାମି, ପ୍ରତାରଣା ଏବଂ ଅନ୍ୟାନ୍ୟ ଅପରାଧର ଶିକାର ହେଉଥିବାର ବି ନଜିର ରହିଛି । ତେଣୁ ଅନ୍‌ଲାଇନ୍ ଡେଟିଂ କରୁଥିଲେ କେତୋଟି ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...



**ସର୍ବାଧିକ ବ୍ୟବହୃତ ଇ-ଡେଟିଂ ସାଇଟ:**
ସର୍ବାଧିକ ବ୍ୟବହୃତ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଟ୍ୱିଟର ଭଳି ସୋସିଆଲ୍ ସାଇଟ୍‌କୁ ଛାଡ଼ିଦେଲେ ବର୍ତ୍ତମାନ ଟିଣ୍ଡର, ବମ୍ବଲ, ହିଞ୍ଜ, ଓକେକ୍ୟୁପିଡ୍, କଫି ମିଟ୍ସ ବାଗ୍‌ଲ, ହାପ୍‌ନ, ଦି ଲିଗ୍, ହର, କ୍ଲଭର, ପ୍ଲେଣ୍ଟି ଅଫ୍ ଫିସ୍, ମ୍ୟାଚ୍ ଭଳି ବିଭିନ୍ନ ଅନ୍‌ଲାଇନ୍ ଡେଟିଂ ଆପ୍‌ଗୁଡ଼ିକ ଅଧିକ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ତେବେ ବିଶ୍ୱସ୍ତରୀୟ ହୋଇଥିବା ଏକ ସର୍ଭେ ରିପୋର୍ଟ ମୁତାବକ ସମଗ୍ର ପୃଥିବୀରେ ଏଭଳି ଆପ୍ ବ୍ୟବହାର କରିବାରେ ଆମେରିକା ପ୍ରଥମ ସ୍ଥାନରେ ଥିବା ବେଳେ ଦ୍ୱିତୀୟରେ ଭାରତ ରହିଛି ।



**ତଥ୍ୟର ଗୋପନିୟତା ଆବଶ୍ୟକ:**
କୌଣସି ଡେଟିଂ ସାଇଟ୍‌ରେ ନିଜ ପ୍ରୋଫାଇଲ୍ କ୍ରିଏଟ୍ କରୁଥିଲେ ପ୍ରଥମେ ତାହା ରେଜିଷ୍ଟର୍ଡ ସାଇଟ୍ କି ନୁହେଁ ଜାଣନ୍ତୁ । ଏକାଧିକ ଏଭଳି ସାଇଟ୍‌ରେ ନିଜର ସମସ୍ତ ତଥ୍ୟ ଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ । ସୁରକ୍ଷା ଦୃଷ୍ଟିରୁ ଯଥା ସମ୍ଭବ ପ୍ରାଇଭେସି ମେଣ୍ଟେନ୍ କରିବା ଆବଶ୍ୟକ । ଏଭଳି ସାଇଟ୍‌ରେ ଆସୁଥିବା ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରିବା ସମୟରେ ତାହା ଫେକ୍ ନା ବାସ୍ତବ ଜାଣିବାକୁ ଚେଷ୍ଟା କରନ୍ତୁ । ତାହା ଲୋକାଲ କିମ୍ବା ଗ୍ଲୋବାଲ ମଧ ପ୍ରଥମେ ଜାଣନ୍ତୁ । କାରଣ କେହି କେହି ଅନ୍ୟର ଭାବନା ସହିତ ଖେଳିବାର ମଜା ନେବା ଲାଗି ଫେକ୍ ପ୍ରୋଫାଇଲ୍ ପ୍ରସ୍ତୁତ କରିଥାନ୍ତି ଏବଂ ଡେଟିଂ ବାହାନାରେ ଡାକି ବିଭିନ୍ନ ଅପରାଧ ଘଟାଇଥାନ୍ତି । ଯଦି ଆପଣଙ୍କ ଅନ୍‌ଲାଇନ୍ ବନ୍ଧୁ କମ୍ ଦିନ ମଧ୍ୟରେ ନିବିଡ଼ ହେବାକୁ ଚେଷ୍ଟା କରୁଛନ୍ତି, କିମ୍ବା ଆପଣଙ୍କ ଫଟୋର ଆବଶ୍ୟକରୁ ଅଧିକ ପ୍ରଶଂସା କରୁଛନ୍ତି, ଆପଣଙ୍କ ନିଜ ଜୀବନ ବିଷୟରେ ସମସ୍ତ ତଥ୍ୟ ଜାଣିବା ଲାଗି ଇଚ୍ଛା ପ୍ରକାଶ କରୁଛନ୍ତି ଏବଂ ନିଜ ସମ୍ପର୍କରେ ଠିକ୍ ତଥ୍ୟ ଦେବା କିମ୍ବା କହିବାରେ କର୍ଣ୍ଣାବୋଧ କରୁଛନ୍ତି ତେବେ ସତର୍କ ହୋଇଯାଆନ୍ତୁ । ସନ୍ଦେହ ହେବା ମାତ୍ରେ ଉକ୍ତ ପ୍ରୋଫାଇଲ୍‌କୁ ବ୍ଲକ୍ କରିଦିଅନ୍ତୁ । ନୂଆ ନୂଆ ବନ୍ଧୁ ହୋଇଥିବା କୌଣସି ଯୁବତୀ ଅବା ଯୁବକଙ୍କୁ ବିଶ୍ୱାସରେ ହଠାତ୍ ନିଜର ଠିକ ପରିଚୟ, ଠିକଣା, ଫଟୋ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସୂଚନା ଦେଇ ଦିଅନ୍ତୁ ନାହିଁ । ଯଦି କିଛି ଦିନ କଥା ହେବା, ପରସ୍ପରକୁ ଭଲ ଭାବେ ଜାଣିବା ଲାଗି ସମୟ ନ ଦେଇ କେହି ହଠାତ୍ ଡେଟିଂ ପାଇଁ ପ୍ରସ୍ତାବ ଦିଅନ୍ତି ତେବେ ତତ୍‌କ୍ଷଣାତ୍ ରାଜି ହୋଇଯିବା ବୁଦ୍ଧିମତ୍ତାର କାମ ନୁହେଁ । ଯଦି କେହି ଖୁବ୍ କମ୍ ସମୟରେ ଭାବନାତ୍ମକ ଭାବେ ଆପଣଙ୍କ ସହ ନିବିଡ଼ ହେବାକୁ ଚେଷ୍ଟା କରନ୍ତି, ବାରମ୍ବାର ଡେଟ୍ ପ୍ରସ୍ତାବ ଦିଅନ୍ତି ଏବଂ ଏପରି ବ୍ୟବହାରକୁ ନେଇ ଆପଣଙ୍କ ମନରେ କିଛି ବି ସନ୍ଦେହ ଆସେ ତେବେ ପ୍ରଥମେ ସମୟ ନେଇ ସତ କ'ଣ ଜାଣିବାକୁ ଚେଷ୍ଟା କରନ୍ତୁ । ମନା କରିବା ଦ୍ୱାରା ଅନ୍ୟକୁ ଦୁଃଖ ହେବ ଭାବି ଭାବପ୍ରବଣତା ବଶତଃ କୌଣସି ଭୁଲ ନିଷ୍ପତ୍ତି ନିଅନ୍ତୁ ନାହିଁ ।

**ବ୍ୟକ୍ତିଗତ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ:**
କିଛିଦିନ କଥା ହେବା ପରେ ଯଦି ଡେଟିଂରେ ଯିବାକୁ ନିଷ୍ପତ୍ତି ନିଅନ୍ତି ତେବେ ଏହି କରୋନା ସମୟ ଏଥିପାଇଁ ଉପଯୁକ୍ତ ନୁହେଁ । ତଥାପି ଯଦି ଦେଖା କରିବାକୁ ଚାହାନ୍ତି ତେବେ ସୁରକ୍ଷା ଦୃଷ୍ଟିରୁ ମାସ୍କ ପିନ୍ଧି ପରସ୍ପର ଦୂରରେ ରହି କଥା ହୁଅନ୍ତୁ । ହ୍ୟାଣ୍ଡସେକ୍ କରିବା, ଏକାଠି ଖାଇବା, ଗାଡ଼ିରେ ବୁଲିବା ଆଦି ଠାରୁ ଦୂରେଇ ରୁହନ୍ତୁ । ମନେରଖନ୍ତୁ ପ୍ରଥମ ଦେଖା ଲାଗି କୌଣସି ନିରୋଳା ସ୍ଥାନ ପରିବର୍ତ୍ତେ ସାର୍ବଜନୀନ ସ୍ଥାନ ବାଛନ୍ତୁ । ତେବେ ସୁରକ୍ଷା ଦୃଷ୍ଟିରୁ ସାଙ୍ଗରେ କେହି ପରିବାର ସଦସ୍ୟ କିମ୍ବା ସାଙ୍ଗକୁ ନେଇ ଯିବା ମଧ ଭଲ ।



## ୧୧ କୋଟିର 'କରୋନା ମାସ୍କ'



ଇଜ୍ରାଏଲୀ ଅଳଙ୍କାର ନିର୍ମାତା 'ଓ୍ୱାଇଭେଲ' ପକ୍ଷରୁ ବିଶ୍ୱର ସବୁଠାରୁ ମୂଲ୍ୟବାନ 'କରୋନା ମାସ୍କ' ଗଢ଼ାଯାଇଛି, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ଏଗାର କୋଟି ଟଙ୍କାରୁ ଅଧିକ । ଅ୦ର କାରେଟ୍ ସୁନା ଏବଂ ୩୬୦୦ଟି କ୍ଷୁଦ୍ର ହୀରା ଖଣ୍ଡରେ ଏହା ନିର୍ମିତ । ଡିଜାଇନର୍ ଆଇଜାକ୍ ଲେଭି ଏହାର ସ୍ରଷ୍ଟା । ଯୁକ୍ତରାଷ୍ଟ୍ର ଆମେରିକାରେ ବାସକରୁଥିବା ଚାଇନିଜ୍ ବ୍ୟବସାୟୀ ଏହାକୁ କିଣିବା ପାଇଁ ଯୋଗାଯୋଗ କରିଥିବା ପ୍ରକାଶ ।

## କଫି, ସେଓ ଓ ଏନର୍ଜି

ଅଫିସରେ ହେଉ ଅବା ଘରେ ହେଉ ସମସ୍ତେ ରିଫ୍ରେସ୍‌ମେଣ୍ଟ ପାଇଁ କଫି ପିଇଥାନ୍ତି । କଫି ଟିକେ ପିଇଦେଲେ ହାଲ୍‌କା ଲାଗିବା ସହ କାମ କରିବାକୁ ଆଗ୍ରହ ହୋଇଥାଏ । ତେବେ ଅନେକ ଲୋକ ଜାଣିନାହାନ୍ତି, କଫିଠାରୁ ମଧ୍ୟ ଏନର୍ଜିଯୁକ୍ତ କିଛି ଜିନିଷ ଅଛି ଯାହା ଥକ୍କାପଣକୁ ଦୂର କରେ ଓ ଅଧିକ ଏନର୍ଜି ବି ପ୍ରଦାନ କରେ । ସେଓ ଖାଉଥିବା ଲୋକ ଯଦି କଫିକୁ ବର୍ଜନ କରିବେ, ସେମିତି କିଛି ଅସୁବିଧା ନାହିଁ । କାରଣ ସେଓରେ ଅନେକ ପରିମାଣରେ କାର୍ବୋହାଇଡ୍ରେଟ, ଭିଟାମିନ ସି, ଫାଇବର ଓ ଅନେକ ଖଣିଷଜ ପୋଷକ ଥାଏ । ଯାହା ଶରୀରକୁ ଅଧିକ ପରିମାଣରେ ଶକ୍ତି ଯୋଗାଇବା ସହ ଥକ୍କାପଣ ବି ଦୂରକରେ । ଏଥିରେ ଚର୍ବି, କୋଲେଷ୍ଟୋରେଲ ଆଦି ନଥିବାରୁ ସ୍ୱାସ୍ଥ୍ୟପାଇଁ ମଧ୍ୟ ଖୁବ୍ ହିତକର । ଯେଉଁମାନେ କଫି ଅଭ୍ୟାସରୁ ମୁକୁଳିବା ପାଇଁ ଚାହୁଁଛନ୍ତି, ସେମାନେ ନିଶ୍ଚିତ ଭାବରେ ସେଓ ଖାଆନ୍ତୁ, ଶରୀର ପାଇଁ ଅନେକ ଭିଟାମିନ ମିଳିବା ସହ ସୁସ୍ଥ ଅନୁଭବ କରିପାରିବେ ।



## ସ୍ୱାସ୍ଥ୍ୟ, ସବୁଜ ପରିବେଶ ଲାଗି ସାଇକେଲ ଚାଳନା ଅଭିଯାନ

ସ୍ୱାସ୍ଥ୍ୟ ଓ ସବୁଜ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସୁରଟ ସ୍ଥିତ ଭାରାଛା କୋ-ଅପରେଟିଭ୍ ବ୍ୟାଙ୍କ ଲିଃ. ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି । ଏଠାରେ କାର୍ଯ୍ୟରତ କର୍ମଚାରୀ ମାନେ ଯଦି ଦୈନିକ ସାଇକେଲ ଚାଳନା କରି ବ୍ୟାଙ୍କ ଆସିବେ, ତେବେ ସେମାନଙ୍କୁ ପ୍ରୋତ୍ସାହନ ରାଶି ମିଳିବ । ସାଇକେଲରେ ବ୍ୟାଙ୍କ ଆସୁଥିବା କର୍ମଚାରୀଙ୍କୁ ଏହି ମାସରୁ ପ୍ରତି ମାସ ୫୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ଅଫିସ୍‌ଠାରୁ ୪-୫ କିମି ଦୂରରେ ରହୁଥିବା କର୍ମଚାରୀଙ୍କୁ ସାଇକେଲରେ ଆସିବାକୁ ବ୍ୟାଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ଏବେ ସୁଦ୍ଧା ୧୫ କର୍ମଚାରୀବ୍ୟାଙ୍କ 'ସାଇକେଲ ଟୁ ୱାର୍କ କ୍ୟାମ୍ପେନ୍' ରେ ସାମିଲ ହୋଇସାରିଛନ୍ତି । ଆଗାମୀ ଦିନରେ ଅନେକ କର୍ମଚାରୀ ଯୋଗ ଦେବେ ବୋଲି ବ୍ୟାଙ୍କର ଚେୟାରମ୍ୟାନ୍ କାନ୍‌ଜୀ ଭାଲାଲା କହିଛନ୍ତି । କର୍ମଚାରୀଙ୍କ ବ୍ୟାୟାମ ଅଭ୍ୟାସକୁ ପ୍ରୋତ୍ସାହିତ କରିବାକୁ ସାଇକେଲରେ କାମକୁ ଆସିବା ଉପାୟ ଚିନ୍ତା କରାଯାଇଛି । ଏହା ଦ୍ୱାରା ସେମାନେ ସୁସ୍ଥ ରହିବା ସହିତ ମୋଟରଯାନ ଯୋଗୁ ଖର୍ଚ୍ଚ ହେଉଥିବା ଇନ୍ଧନ ଏବଂ ପରିବେଶ ପ୍ରଦୂଷଣକୁ ମଧ କେତେକାଂଶରେ ଏଡ଼ାଯାଇପାରିବ । ଏହି ଏହି ପ୍ରୟାସକୁ ବ୍ୟାପକ ସ୍ତରରେ ପ୍ରୋତ୍ସାହିତ କରିବା ସହିତ ଦୈନନ୍ଦିନ ଜୀବନରେ ସାଇକେଲ ବ୍ୟବହାର କରିବାକୁ ଅଧିକରୁ ଅଧିକ ଲୋକଙ୍କୁ



© BCCL 2020. ALL RIGHTS RESERVED.

ଅନୁରୋଧ ରକରିବାକୁ ଚାହଁଥିବା କଥା ଭାଲାଲା କହିଛ ନ୍ତି । ଏହି ଅଭିଯାନ ଆରମ୍ଭ ହେବା ପରଠୁ ୪ କିମି ଦୂର ନିଜ ଘରୁ ଭାଲାଲା ପ୍ରତିଦିନ ସାଇକେଲରେ ବ୍ୟାଙ୍କକୁ ଆସୁଛନ୍ତି । ଏହା ତାଙ୍କ ଫିଟ୍ ରଖିବା ସହିତ ପରିବଶେକୁ ମଧ ଲାଭ ମିଳୁଛି । ଭାଲାଲାଙ୍କୁ ଏଥିପାଇଁ ପ୍ରୋତ୍ସାହନ ରାଶି ବି ମିଳୁଛି ।

## ହସ ବାିବାକୁ ଝରକା ବାଟେ କଫି

ଅଷ୍ଟ୍ରେଲିଆର ଜଣେ ବ୍ୟକ୍ତି 'କଫି ପେ ଚର୍ଚ୍ଚା' ଟ୍ରେଣ୍ଡ ଆରମ୍ଭ କରିଛନ୍ତି । ରିକ୍ ଏଭରେଟ୍ ନିଜ ରୋଷେଇ ଘର ବାହାରେ ଥିବା ଏକ ଛୋଟ ସ୍ଥାନକୁ ଲୋକଙ୍କୁ କଫି ପାଇଁ ନିମନ୍ତ୍ରଣ କରୁଛନ୍ତି । ଏଠାରେ ବସି କଫି ପିଇବା ସହିତ ଲୋକେ ବାର୍ତ୍ତାଳାପ କରିପାରିବେ । ତେବେ ଏଭରେଟ୍ କାଫେ ଖୋଲି ନାହାନ୍ତି । ସେ ପେସାରେ ଜଣେ ଆକ୍ରୋବଟ୍ । କରୋନା ମହାମାରୀ ଯୋଗୁ ଗତ ମାର୍ଚ୍ଚ ମାସରେ ତାଙ୍କ ଚାକିରି ଚାଲିଯାଇଥିଲା । ରୋଷେଇ କ୍ଷେତ୍ରରେ ଭଲ ଜ୍ଞାନ ଥିବାରୁ ଘରେ ବସିବା ଅପେକ୍ଷା ଅସହାୟଙ୍କୁ ସାହାର୍ଯ୍ୟର ହାତ ବଢ଼ାଇବାକୁ ସେ ନିଷ୍ପତ୍ତି ନେଲେ । ରୋଷେଇ ଘର ଝରକା ବାହାରେ ସେ ଏକ ଛୋଟ ଟେବଲ ଓ ଦୁଇଟି ଚେୟାର ପକାଇଛନ୍ତି । ସେହି ସ୍ଥାନକୁ ମଧ ଭଲଭାବେ ସଜାଇଛନ୍ତି । ଝରକା ତଳକୁ ସେ ଏକ ବୋର୍ଡ ଝୁଲାଇଛନ୍ତି, ଯେଉଁଥିରେ ଉଲ୍ଲେଖ ହୋଇଛି 'ଭାଇରସ୍ ସହ ଲଢ଼ିବାକୁ ମାଗଣା କଫି' ଆଉ ଏଖ ସାଇନ୍‌ବୋର୍ଡରେ ଏହି ଛୋଟ ପ୍ରୟାସ ପଛର ଉଦ୍ଦେଶ୍ୟ ବିଷୟରେ ସେ ଲେଖିଛନ୍ତି । ଏଥିରେ ଏଭରେଟ୍ ଉଲ୍ଲେଖ କରିଛନ୍ତି 'ଏହା ମୋର ମାଗଣା ଝରକା କଫି ପ୍ରୋଜେକ୍ଟ ହୋଇପାରେ । ତେବେ ଏହା କମର୍ସିଆଲ ନୁହେଁ ମୁଁ କାଫେ ଚଳାଉନାହିଁ । କେବଳ ଲୋକଙ୍କ ମୁହଁରେ ହସ ଫୁଟାଇବାକୁ ଏହା ଏକ ଛୋଟ ପ୍ରୟାସ । ବନ୍ଧୁତାଭାବ ସୃଷ୍ଟି କରିବା ମୋର ଉଦ୍ଦେଶ୍ୟ ।' ବିଭିନ୍ନ ପ୍ରକାର କଫି ସହିତ ଚା' ଓ କିଛି କୁକିଜ୍ ସେ ଲୋକଙ୍କୁ ପ୍ରଦାନ କରୁଛନ୍ତି । ତାଙ୍କ ହାତ ତିଆରି କଫି ପିଇବାକୁ ଆସୁଥିବା ଲୋକେ ତାଙ୍କଠାରୁ କିଛି ଆଶା କରୁନାହାନ୍ତି, ବରଂ ତାଙ୍କ ସହ କିଛି ସମୟ ବିତାଙ୍କ ଓ ବାର୍ତ୍ତାଳାପ କରି ବହୁତ ଖୁସିରେ ଫେରୁଛନ୍ତି । ଏଭରେଟ୍‌ଙ୍କର ଏହି ଛୋଟ ପ୍ରୟାସକୁ ସକାରାତ୍ମକ ପ୍ରତିକ୍ରିୟା ମିଳୁଛି । ବିଶ୍ୱର ବିଭିନ୍ନ କୋଣରୁ ଲୋକେ ତାଙ୍କ ପ୍ରଶଂସା କରଉଛନ୍ତି ।



## ବଲିଉଡ୍ ଡେବ୍ୟୁ କରିବେ ବିଜୟ !



ତେଲଗୁ ସୁପରଷ୍ଟାର ବିଜୟ ଦେବରକୋଣ୍ଡା ଏବେ ବଲିଉଡ୍ ଡେବ୍ୟୁ କରିବାକୁ ସଜବାଜ ହେଉଛନ୍ତି । ତାଙ୍କୁ ଅଭିଷେକ କପୁରଙ୍କ ଅପ୍‌କମିଙ୍ଗ ପ୍ରୋଜେକ୍ଟରେ ଦେଖିବାକୁ ମିଳିପାରେ । ଫିଲ୍ମର କାହାଣୀ ୨୦୧୯ ବାଲାକୋଟ ଏୟାରଷ୍ଟ୍ରାଇକ୍ ଉପରେ ପର୍ଯ୍ୟବସିତ ହେବ । ବିଜୟ ସେଥିରେ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନଙ୍କ ଭୂମିକାରେ ନଜର ଆସିବେ । ଏହି ପ୍ରୋଜେକ୍ଟର ଟାଇଟଲ୍ କ'ଣ ରହିବ ତାହା ଜଣାପଡ଼ିନାହିଁ । ଏ ସଂପର୍କରେ ଜଣେ ଘନିଷ୍ଠ ସୂତ୍ର କହିଛନ୍ତି, 'ବିଜୟଙ୍କୁ ଏହି ଫିଲ୍ମର ଅଫର ମିଳିବା ପରେ ସେ ଖୁବ୍ ଉତ୍ସାହିତ ଅଛନ୍ତି । ସ୍କ୍ରିପ୍ଟ ତାଙ୍କୁ ଭଲ ଲାଗିଥିବାରୁ ସେ ଶୀଘ୍ର ଏଥିନେଇ ଚୁକ୍ତିବଦ୍ଧ ହେବେ ବୋଲି ଆଶା କରାଯାଇଛି ।' ସୂଚନାଥାଉକି, ବିଜୟ 'ଅର୍ଜୁନ ରେଡ୍ଡି', 'ମହାନତୀ' ମଳି ଅନେକ ତେଲଗୁ ଫିଲ୍ମରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।

## ଡ୍ରଗ୍ସ ପରୀକ୍ଷା କରାଇଲେ ଟିଆ



'୧୯୨୦: ଏଭିଲ୍ ରିଟର୍ଣ୍ଣସ୍' 'ହଣ୍ଟେଡ୍ ୩ଡି' ଭଳି ଫିଲ୍ମରେ ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ଟିଆ ବାଜପେୟୀ । ବଲିଉଡ୍ ବହୁ କଳାକାର ଏବେ ଡ୍ରଗ୍ସ ସେବନ ଜାଲରେ ଛନ୍ଦି ହୋଇପଡ଼ିଥିବାବେଳେ ସେ ଏକ ପ୍ରଶଂସନୀୟ କାମ କରିଛନ୍ତି । ସ୍ୱେଚ୍ଛାକୃତ ଭାବେ ନିଜର ଡ୍ରଗ୍ସ ପରୀକ୍ଷା କରାଇବା ସହ ତାର ରିପୋର୍ଟକୁ ଇନ୍‌ଷ୍ଟାଗ୍ରାମରେ ସେୟାର କରିଛନ୍ତି । ରିପୋର୍ଟରେ ଟିଆ ନେଗେଟିଭ୍ ଥିବା ଦେଖିବାକୁ ମିଳୁଛି । କ୍ୟାପ୍ସନରେ ସେ ଲେଖିଛନ୍ତି, 'ସମସ୍ତେ ସେପରି ନୁହନ୍ତି' ମୋର ଯେଉଁ ସହକଳାକାରମାନେ ଡ୍ରଗ୍ସ ସେବନକାରୀ ଭାବେ ପରିଚିତ ହେବାକୁ ଚାହୁଁନଥିବେ, ସେମାନେ ଏଭଳି ପରୀକ୍ଷା କରି ତାର ରିପୋର୍ଟକୁ ସେୟାର କରିପାରିବେ ।' କ୍ୟାରିୟର ଏବଂ ପ୍ରଶଂସକଙ୍କ ପାଇଁ କଳାକାରମାନେ ଏପରି ପରିକ୍ଷା କରାଇନେବାକୁ ସେ ଅନୁରୋଧ କରିଛନ୍ତି । ଏହା ବ୍ୟତୀତ ତାଙ୍କ ପରି କଠିନ ପରିଶ୍ରମ କରୁଥିବା କଳାକାରଙ୍କୁ ଗୋଟିଏ ନିକିତିରେ ନ ତଉଲିବାକୁ ସେ ନିବେଦନ କରିଛନ୍ତି ।

# କୋଭିଡ୍ ପରିଚାଳନାରେ ସରକାର ବିଫଳ : ବିରୋଧୀ

## ସରକାର ତଥ୍ୟ ଲୁଚାଉଥିବା ଅଭିଯୋଗ , ଅଣକୋଭିଡ୍ ରୋଗୀଙ୍କ ଚିକିତ୍ସା କରାଯାଉନି

## ଓଡିଶାରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୦୧।୧୦ (ନି.ପ୍ର): ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ କରୋନା ସ୍ଥିତି ନିୟନ୍ତ୍ରଣ ଭିତରେ ରହିଛି । ରାଜ୍ୟରେ ମୋଟ ୩୬ ହାଜରରୁ ଉର୍ଦ୍ଧ୍ୱ ସକ୍ରିୟ ଆକ୍ରାନ୍ତ ରହିଛନ୍ତି ।ରାଜ୍ୟରେ ୨୯ ହଜାର କରୋନା ରୋଗୀ ଆଇସୋଲେସନରେ ଅଛନ୍ତି ଏବଂ ୭୩୪୮ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବୁଧବାର ଦିନ ବିଧାନସଭା ଗୃହରେ ପ୍ରକାଶ କରିଛନ୍ତି । ବିଧାୟକ ଜୟନାରାୟଣ ମିଶ୍ର, ଭାସ୍କର ମଢେଇ , ସୁବାଷ ପାଣିଗ୍ରାହୀ ଓ ମୋହନ ଚରଣ ମାଝୀଙ୍କ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ନୋଟିସ୍ "କରୋନା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳତା ଓ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ସରକାରଙ୍କ ଉଦାସୀନତା " ଉପରେ ବିବୃତି ରଖି ସ୍ୱାସ୍ଥ୍ୟମନ୍ତ୍ରୀ ଏହା କହିଛନ୍ତି । ବିରୋଧୀଙ୍କ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଥିଲେ ଯେ ଯଦି ସରକାର ବିଫଳ ତେବେ ରୋଗୀ ସୁସ୍ଥ କିପରି ହେଉଛନ୍ତି । ଜାତୀୟସ୍ତରରେ ମୃତ୍ୟୁ ହାର ୧.୬୦ ଥିବା ବେଳେ ଓଡ଼ିଶାରେ ୦.୩୮ । ଲକ୍‌ଡାଉନ ଯୋଗୁଁ ସଂକ୍ରମଣ ନିୟନ୍ତ୍ରରେ ଥିଲା । କିନ୍ତୁ ପ୍ରବାସୀ ଫେରିବା ପରେ ବଢିଥିଲା । ରୋଗୀଙ୍କ ଚିକିତ୍ସା ପାଇଁ ତ୍ରିସ୍ତରୀୟ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା । ଚିକିତ୍ସାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି । ଏପରିକି ପ୍ରତିଦିନ ହାରାହାରି ୫୦ ହଜାର ଟେଷ୍ଟିଂ କରାଯାଉଥିବା କହିଛନ୍ତି ନବ ଦାସ । ମୁଲତବୀ ପ୍ରସ୍ତାବ ଆଲୋଚନାରେ ଅଂଶ ଗ୍ରହଣ କରି ବରିଷ୍ଠ କଂଗ୍ରେସ ବିଧାୟକ ନରସିଂହ ମିଶ୍ର କହିଥିଲେ ଯେ ସରକାର ଯେଉଁ ତଥ୍ୟ ଦେଉଛନ୍ତି ତାହା ସମ୍ପୂର୍ଣ ଭୁଲ । ସରକାର ଜାରି କରିଥିବା ନମ୍ବରକୁ ଫୋନ କଲେ ବି ଚିକିତ୍ସା ମିଳୁନି । ସରକାର ଖାଲି ବାଃ ବାଃ ନେବା ପାଇଁ ଏଭଳି କହୁଛନ୍ତି । ରାଜ୍ୟରେ କୋଭିଡ୍ ସ୍ଥିତି ଗମ୍ଭୀର । ମେଡିକାଲ ରେ କୋଭିଡ କଥା ଛାଡ଼ନ୍ତୁ ଅଣ କୋଭିଡଙ୍କୁ ଚିକିତ୍ସା ମିଳୁନି । ମେଡିକାଲ ରେ ବେଡ୍ ନାହିଁ । ସରକାର କୋମାରେ ରହିଛନ୍ତି ବୋଲି କହିଥିଲେ ଶ୍ରୀ ମିଶ୍ର । ସେହିପରି ବିଜେଡି ବିଧାୟକ ଜୟନାରାୟଣ ମିଶ୍ର କହିଥିଲେ ଯେ କେବଳ କୋଭିଡ ନୁହେଁ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ମନ୍ତ୍ରୀଙ୍କ ଉତର ତଥ୍ୟଠୁ ବହୁତ ଦୂରରେ । ସରକାର ଶ୍ରେୟ ନେବାକୁ ଅନେକ କାମ କଲେ । ସାମାନ୍ୟ ଲକ୍ଷଣ ଥିବା ରୋଗୀଙ୍କୁ ହସ୍ପିଟାଲ ନେଇ ୨-୩ ଦିନ ପରେ ଛାଡିଦେଲେ । ଗୁରୁତର ରୋଗୀଙ୍କୁ ଭର୍ତି କରାଗଲା ଦେଖିବାକୁ କେହି ଗଲେନି । ରୋଗୀଙ୍କୁ ଜ୍ୱର ହେଉଛି, କୋଭିଡ ନଥିବା ରିପୋର୍ଟ ଅଛି କିନ୍ତୁ ହସ୍ପିଟାଲ ଆଡ଼ମିଟ କରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଅଭିଯୋଗ କରିଥିଲେ ଯେ କରୋନା ପ୍ରସଙ୍ଗରେ ତଥ୍ୟ ଲୁଚାଉଛନ୍ତି ସରକାର । ପ୍ରଶ୍ନ ପଚାରାଯାଉଥଲେ ବି ତଥ୍ୟ ସଂଗ୍ରହ କରାଯାଉଛି ସରକାର କହୁଛନ୍ତି । ଲୋକ ମରୁଛନ୍ତି କିନ୍ତୁ ସରକାର ତଥ୍ୟ ଲୁଚାଉଛନ୍ତି । ପ୍ରତିଦିନ ୧୦ ହଜାର ଲୋକ ସଂକ୍ରମିତ ହେଉଛନ୍ତି । ସରକାର କହୁଛନ୍ତି ୩ ହଜାର ରୁ ୪ ହଜାର । ଟେଷ୍ଟ ସଂଖ୍ୟା ମଧ୍ୟ କମୁଛି । ବିଧାନସଭାରେ ପ୍ରଥମ ଦିନରେ ୭୫୭ ହେଲା ୧୩୬ ପଜିଟିଭ । ଦ୍ୱିତୀୟ ଦିନରେ ୪୮ ପଜିଟିଭ । ମୋଟ ୧୦୩୭ ଟେଷ୍ଟ ହୋଇଥିଲା ୧୮୪ ପଜିଟିଭ । ଯାହାକି ହାରାହାରି ୧୮ ପ୍ରତିଶତ ପଜିଟିଭ ।ଏହି ତଥ୍ୟକୁ ଦେଖିଲେ ୭୨ ଲକ୍ଷ ଲୋକ ପଜିଟିଭ ବାହାରିବେ ।କିନ୍ତୁ ସରକାର ତଥ୍ୟ ଲୁଚାଉଛନ୍ତି ।କେତେ ଟିଏମସି ହେଲା,କେତେ ଖର୍ଚ୍ଚ ହେଲା, ଟିଏମସି ରେ କେତେ ଟେଷ୍ଟ ହେଲା ସେ ତଥ୍ୟ ଦେଉନାହାନ୍ତି । ପ୍ରତି ବ୍ଲକରେ ଦୈନିକ ୫୦୦ ଓ ପ୍ରତି ଜିଲ୍ଲାରେ ୫୦୦୦ ଟେଷ୍ଟ କରିବାକୁ ସେ ଦାବି କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ସଂକ୍ରମଣ ରାକିବାକୁ ରାଜ୍ୟରେ ଜୁନ୍ ୧୬ ତାରିଖରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଆଶା , ଅଙ୍ଗନବାଡି ଓ ଏଏନଏମ୍ ମାନେ ଘରକୁ ଘର ବୁଲି ଆକ୍ଟିଭ୍ ସର୍ଭେଇଲାନ୍ସ କରିଛନ୍ତି । ଏହା ମଧ୍ୟରେ ୯୩ ଲକ୍ଷ ୮୪ ହଜାର ୭୧୨ କଭର କରାଯାଇଛି । ଏଥିଲାଗି ୬ ଜଣ ନୋଡାଲ ଅଫିସର ଓ ୩୦ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଥିଲା । ୨୫୧୦୯ ଜଣ କରୋନା ଆକ୍ରାନ୍ତ ହୋମ୍ ଆଇସୋଲେସନ୍ ରେ ରହିଛନ୍ତି । ସେମାନଙ୍କୁ ମେଡିସିନ୍ ଓ ନିୟମାବଳୀ କିଟ୍ ଦିଆଯାଇଛି । ଜନସେଚତନତା ସୃଷ୍ଟି ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି । କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏହା ବ୍ୟତୀତ ଓଡିଶା ଦେଶର ପ୍ରଥମ ରାଜ୍ୟ ଭାବେ ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ପ୍ରସ୍ତୁତ କରିଥିଲା । ବର୍ତମାନ ଡିସିଏଚ ଓ ଡିସିଏଚସି ରେ ୮୨୪୫ ଶଯ୍ୟା ଥିବା ବେଳେ ୪୫୪୪ ରୋଗୀ ଚିକିତ୍ସାଧୀନ ଅଛନ୍ତି । କୋଭିଡ୍ କେୟାର ସେଂଟର ରେ ୧୬୮୨୮ ବେଡ୍ ଥିବା ବେଳେ ୨୮୫୯ ରୋଗୀ ଚିକିତ୍ସିତ ହେଉଛନ୍ତି । ୧୪୨୬ ଆସିୟୁ ଓ ଏଚଡିୟୁ ଥିବା ବେଳେ ସଥିରେ ୮୦୮ ରୋଗୀ ଅଛନ୍ତି । ୫୩୧ ଭେଂଟିଲେଟରରୁ ୨୨୬ ଜଣ ରୋଗୀ ଅଛନ୍ତି । ୪୮ଟି କୋଭିଡ୍ ହସ୍ପିଟାଲ ୧୪ଟି କୋଭିଡ୍ ହେଲ୍‌ଥ ସେଂଟର ରହିଛି । ଗୁରୁତର ରୋଗୀମାନଙ୍କୁ ପ୍ଲାଜମା ଥେରାପୀ ଦିଆଯାଉଛି ବୋଲି ମନ୍ତ୍ରୀ ଗୃହକୁ ଜଣାଇଥିଲେ ।

# ରକ୍ତଦାନ ଶିବିର ଅନୁଷ୍ଠିତ




ବାରିପଦା,୦୧।୧୦ (ନି.ପ୍ର): କରୋନା ମହାମାରୀ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ସାମାଜିକ ଦୂରତା ରକ୍ଷାକରି ମୋରଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରମାଇଲ ଗ୍ରାମପଂଚାୟତର କୋହି ଗ୍ରାମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଓଡିଶା-ମୋ ପରିବାର ଏବଂ ଜୀବନବିନ୍ଦୁ ଆନୁକୂଲ୍ୟରେ ଆୟୋଜିତ ଏହି ରକ୍ତଦାନ ଶିବିର ମୋରୋଡା ବିଧାୟକ ରାଜକିଶୋର ଦାସଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦଘାଟିତ କରିଥିଲେ । ଉକ୍ତ ରକ୍ତଦାନ ଶିବିରରେ ମୋଟ ୮୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ମୋରଡ଼ା ବିଧାୟକଙ୍କ ଧର୍ମ ପତ୍ନୀ ତଥା ନାରିନେତ୍ରୀ ପ୍ରୀତିନନ୍ଦା କାନୁନଗୋ ରକ୍ତଦାନ ଶିବିରରେ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ସମୀର ବେହେରା, ଗୁରୁପ୍ରସାଦ ତୁଙ୍ଗ, ସତ୍ୟ ସାହୁ, ତରଣୀ ସାହୁ, ଅସିତ ପଟ୍ଟନାୟକ, ପିତାମ୍ବର ଜେନା, ମହେନ୍ଦ୍ର ସେନାପତି, ସଚ୍ଚିଦାନନ୍ଦ ମହାନ୍ତ ରନ ମହନ୍ତଙ୍କ ସମେତ ମୋରଡ଼ା ନିର୍ବାଚନ ମଣ୍ଡଳୀର ଯୁବ ଓ ଛାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ସମସ୍ତ ରକ୍ତଦାତା ମାନଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ।

# ରାଉରକେଲା ଶ୍ରମବିଭାଗରେ ୧୪ କୋଟୀ ଟଙ୍କାର ଦୁର୍ନୀତି ଅଭିଯୋଗ ଆଣି ଭିଜିଲାନ୍ସ ତଦନ୍ତ ଦାବିକଲେ କଂଗ୍ରେସ ନେତା, ଏସପି କହିଲେ ତଦନ୍ତ ହେବ

ରାଉରକେଲା,୦୧।୧୦ (ନି.ପ୍ର): ରାଉରକେଲା ଶ୍ରମ ବିଭାଗରେ ପାଖା ପାଖି ୧୪ କୋଟି ଟଙ୍କାର ଦୁର୍ନୀତି ହେବା ସହ ଏଥିଲାଗି ୧୫୦୦୦ ଜାଲ୍ କାର୍ଡର ସହାୟତା ନିଆ ହୋଇଥିବା ନେଇ ଆଜି ପୂର୍ବତନ କଂଗ୍ରେସ ସମ୍ପାଦକ ରଶ୍ମି ରଂଜନ ପାଢୀ ରାଉରକେଲା ଭିଜିଲାନ୍ସ ଏସପିଙ୍କୁ ଏକ ଦାବି ପତ୍ର ଦେଇ ତଦନ୍ତ ଲାଗି ଦାବି କରିଥିବା ବେଳେ ଏନେଇ ତଦନ୍ତ କରାଜିବ ବୋଲି ଏସପି ଭିଜିଲାନ୍ସ ହରେକୃଷ୍ଣ ବେହେରା ପ୍ରକାଶ କରିଛନ୍ତି । ଏହି ବିଭାଗର ଅନ୍ୟ ଏକ ଲୁଟ୍ ଅନିୟମିତତାକୁ ନେଇ ଶ୍ରୀ ପାଢୀ ଲୋକାୟୁକ୍ତଙ୍କ ପାଖରେ ମାମଲା ରୁଜୁ କରିବା ପରେ ଶ୍ରମ ବିଭାଗକୁ ପୁଣି ଭିଜିଲାନ୍ସ ପାଖକୁ ଟାଣିବା ଆଲୋଚନାନର ବିଷୟ ହୋଇଛି । ଶ୍ରୀ ପାଢୀ କହିଛନ୍ତି ଯେ,ଜିଲ୍ଲାରେ ଜାଲ୍ କାର୍ଡ ପ୍ରସ୍ତୁତ କରାଯାଇ ଏଭଳି ଲୁଟ୍ କରାଯାଇଛି । ଏହାର ପ୍ରମାଣ ଏକ ପ୍ରକାର ତାଙ୍କ ପାଖରେ ପହଁଚିଛି ଯାହାକୁ ତଦନ୍ତ କରିବାକୁ ସେ ଭିଜିଲାନ୍ସକୁ ଦେଇଛନ୍ତି । ସେ କହିବା କଥା କୋଭିଡ୍ ମହାମାରୀ ସମୟରେ ସରକାର ନିର୍ମାଣ ଶ୍ରମିକ ମାନଙ୍କୁ ୧୫୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ଲାଗି ଯେଉଁ ଘୋଷଣା କଲେ ସେଥିରେ ପାଖା ପାଖି ୧୫ ହଜାର କାର୍ଡଧାରୀ ଏହି ଅର୍ଥ ନେଇ ନାହାନ୍ତି, ସେହି କାର୍ଡଧାରୀ ମାନେ ଏହା ପୂର୍ବରୁ ୪୦୦୦ ଟଙ୍କା ନିର୍ମାଣ ସାମଗ୍ରୀ ଉପକରଣ ନେଇଥିବା ବେଳେ, ସାଇକେଲ ବାବଦକୁ ୪୦୦୦ଟଙ୍କା ଓ ସେମାନଙ୍କ ସୁରକ୍ଷା ଲାଗି ୧୦୦୦ ଟଙ୍କାର ସୁରକ୍ଷା ଉପକରଣ ଲାଗି ଏମାନଙ୍କ ପଛରେ ଖର୍ଚ୍ଚ କରାଯାଇଛି । ଯଦି ୧୫୦୦ ଟଙ୍କା ସହାୟତା ଏମାନେ ନେଲେ ନାହିଁ ତେବେ ସେମାନଙ୍କ ଲାଗି ଖର୍ଚ୍ଚ ହୋଇଥିବା ମୁଣ୍ଡ ପିଛା ଏହି ୯ ହଜାର ଟଙ୍କାର ସହାୟତା ନେଲା କିଏ ବୋଲି ସେ ପ୍ରଶ୍ନ କରିବା ସହ ଏହିଭଳି ଭାବେ ୧୫ ହଜାର ଶ୍ରମିକଙ୍କ ନାମରେ ମିଳି ମିଶି ୧୩ ରୁ ୧୪ କୋଟି ଟଙ୍କା ହରିଲୁଟ କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ମୋଟ ଉପରେ ସରକାରଙ୍କର ଏହି ୧୫୦୦ଟଙ୍କାର ସହାୟତା ରାଶି ସବୁ ଗୁମର ଫିଟାଇଦେଇଛି । ଜିଲ୍ଲାରେ ମୋଟ୧,୧୨,୨୨୦ ଟି ନିର୍ମାଣ ଶ୍ରମିକ କାର୍ଡ ହିସାବରେ ରାଜ୍ୟ ସରକାର କୋଭିଡ ସମୟରେ ୧୬ କୋଟି ୮୩ ଲକ୍ଷ ୩୦ ହଜାର ଟଙ୍କା ଯୋଗାଇଦେଇଥିଲେ ।ଏଥିଲାଗି ରାଉରକେଲା ମହାନଗର ନିଗମର ୨୪,୨୮୧, କୁଆଁରମୁଣ୍ଡା ବ୍ଲକର ୭,୬୫୧, ଗୁରୁଣ୍ଡିଆ।୩,୧୬୦, ବୀରମିତ୍ରପୁର ପୌରପାଳିକା ୧,୬୩୫, କୋଇଡା ବ୍ଲକ ୧,୫୩୦, ନୂଆଗାଁ୯,୨୨୨, ରାଜଗାଙ୍ଗପୁର୫, ୪୯୯, ବଡଗାଁ।୫, ୫୧୧, ସବଡେଗା।୩, ୩୨୪, କୁତ୍ରା।୫, ୨୫୧, ହେମଗିରୀ୨,୨୫୦, ସୁନ୍ଦରଗଡ ସଦର ୩,୪୬୪, ରାଜଗାଙ୍ଗପୁର ପୌରପାଳିକା ୪୪୨, ସୁନ୍ଦରଗଡ ପୌରପାଳିକା।୧,୬୬୪, ବାଲିଶଙ୍କରା।୪, ୪୦୨, ବିଶ୍ରା ୮୭୮୮, ବଣାଇଗଡ ୩,୯୦୨, ଲହୁଣୀ ପଡା।୫,୨୭୯, ଲାଠିକଟା।୧, ୦୨୦୮, ଲେଫ୍ରିପଡା।୨, ୫୭୩, ଟାଙ୍ଗରପାଲ୍ଲୀ ୨, ୧୪୪ ଜଣଙ୍କର ତାଲିକା ପ୍ରସ୍ତୁତ ହୋଇ ଅର୍ଥ ବଂଟନ ଲାଗି କୁହାଯାଇଥିଲା । ତେବେ ଏହା ଭିତରୁ ରାଉରକେଲାରୁ ୪୧୨୩, କୁଆଁରମୁଣ୍ଡାରୁ ୧୯୩୮ ରାଜଗାଙ୍ଗପୁରରୁ ୨୦୧, ସବଡେଗାରୁ ୧୫୧ ,କୁତ୍ରାରୁ ୩୧୮, ରାଜଗାଙ୍ଗପୁରରୁ ୧୪୩, ବାଲିଶଙ୍କରାରୁ ୪୦୮, ଟାଙ୍ଗରପାଲ୍ଲୀରୁ ୧୬୪, ଗୁରୁଣ୍ଡିଆରୁ ୪୬୪, ବଣେଇରୁ ୭୦୭, ଲହୁଣୀପଡାରୁ ୪୮୪ଜଣ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇ ମଧ୍ୟ ଏହି ୧୫୦୦ ଟଙ୍କା ସହାୟତା ରାଶୀ ନେଇ ନାହାନ୍ତି । ଏହି ଭଳି ସଂପୁର୍ଣ ଜିଲ୍ଲାକୁ ଯଦି ଆକଳନ କରାଯାଏ ତେବେ ମୋଟ ଉପରେ ଜିଲ୍ଲାରେ ୧୫୦୦୦ ନିର୍ମାଣ ଶ୍ରମିକ ଏହି ରାଶି ଗ୍ରହଣ କରିନଥିବା ଧାରାଯାଇପାରେ ବୋଲି ସେ ପ୍ରକାଶ କରିଛନ୍ତି । ଏପଟେ ୧୫୦୦ ସେପଟେ ୯୦୦୦ଟଙ୍କାର ସହାୟତା ସାମଗ୍ରୀ କୁ ମିଶାଇ ଦେଲେ ଏହି ୧୫ହଜାର ଶ୍ରମିକଙ୍କ ବାବଦରେ ୧୩ରୁ ୧୪କୋଟି ଟଙ୍କା ହରିଲୁଟ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି । ବଡ କଥା ସେ କହୁଛନ୍ତି ଯଦି ୯ହଜାର ଟଙ୍କାର ସାମଗ୍ରୀ ଜଣେ ଶ୍ରମିକ ନେଲା ତେବେ ଏହି ୧୫୦୦ କାହିଁକି ନେଲା ନାହିଁ ? ତେଣୁ ଏସବୁ ଜାଲ କାର୍ଡ , ଏଥିରେ ବହୁ ଦଲାଲ ସଂପୃକ୍ତ ଥିବା ନେଇ ମଧ ସେ ଅଭିଯୋଗ କରିଛନ୍ତି ।

# ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଉଛରପଡା ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡା,୦୧।୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ବାରୋ ଗ୍ରାମ ପଂଚାୟତର ଉଛରପଡା ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଦେଖା ଦେଇଛି । ଏହି ଗ୍ରାମରେ ଥିବା ଏକମାତ୍ର ନଳକୂପ ପାଣିରେ ପ୍ରଚୁର ପରିମାଣର ଲୌହଅଂଶ ଥିବାରୁ ଏହା ପିଇବା ପାଇଁ ଅନୁପଯୁକ୍ତ ଓ କେତେକଙ୍କ ଠାରେ ଏହାର ପ୍ରତିକ୍ରିୟା ଦେଖା ଦେଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରା ଯାଉଥିବାରୁ ଉଛରପଡା ଗ୍ରାମକୁ ସେହି ଯୋଜନାରେ ସାମିଲ୍ କରି ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଗ୍ରାମର ସଂଜୁକ୍ତା ବିଶ୍ୱାଳ, କବିତା ମହାନ୍ତି, ସସ୍ମିତା ମହାନ୍ତି, ନିର୍ମଳା ବିଶ୍ୱାଳ, କ୍ଷିରୋଦିନୀ ବିଶ୍ୱାଳ, କୁଳମଣି ବିଶ୍ୱାଳ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ନୂତନ ନଳକୂପ ବସାଇବା ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି ।

# ଭିଜିଲାନ୍ସ ଜାଲରେ କାଶିପୁର ବ୍ଲକ କିରାଣୀ ପ୍ରକାଶ ସାହୁ, ଲାଞ୍ଚ ନେବା ମହଙ୍ଗା ପଡିଲା

ରାୟଗଡ଼ା,୦୧।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ କାର୍ଯ୍ୟାଳୟ କିରାଣି ପ୍ରକାଶ ସାହୁ ଗତ କାଲି ଭିଜିଲାନ୍ସ ଜାଲରେ ଫସିଲେ । କିରାଣି ପ୍ରକାଶ ସାହୁ ୪ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଲେ । ଠିକାଦାରଙ୍କ ଠାରୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ କିରାଣି ପ୍ରକାଶ ଚନ୍ଦ୍ର ସାହୁ । ଡଙ୍ଗାସିଲ ଗାଁରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଠିକାଦାର ବିଳାସ କୁମାର ନାୟକଙ୍କୁ କିରାଣି ପ୍ରକାଶ ସାହୁ ୪ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ବିଳାସ ଭିଜିଲାନ୍‌ସକୁ ଜଣାଇବା ପରେ ଭିଜିଲାନ୍ସ ଜାଲ ବିଛାଇଥିଲା । ଯୋଜନା ମୁତାବକ ଆଜି ଟଙ୍କା ଦେବା ପାଇଁ ସ୍ଥିର ହୋଇଥିଲା । ବିଳାସ କାର୍ଯ୍ୟାଳୟ ଭିତରେ ଟଙ୍କା ଦେବା ବେଳେ ପୂର୍ବରୁ ଛପି ରହିଥିବା ରାୟଗଡା ଓ ଭବାନୀପାଟଣା ଭିଜିଲାନ୍ସ ଟିମ୍ ଚଢାଉ କରିଥିଲେ । ୪ ହଜାର ଟଙ୍କା ହାତରେ ଧରିଥିବା ଅବସ୍ଥାରେ କିରାଣି ପ୍ରକାଶ ଚନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି । କାଶୀପୁର ବ୍ଲକରେ ମଧ ଏହା ପୂର୍ବରୁ ଅନେକବାର ସେ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଛି । କିନ୍ତୁ ଉକ୍ତ କିରାଣିଙ୍କ ନାମରେ କୌଣସି ପ୍ରମାଣ ନଥିଲା । କିନ୍ତୁ ବର୍ତ୍ତମାନ ପ୍ରମାଣ ମିଳିବା ପରେ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି ।

# ନିଜ ଦେହରେ ନିଆଁ ଲଗାଇ ମହିଳାଙ୍କ ଆତ୍ମହତ୍ୟା



ବାରିପଦା,୦୧।୧୦ (ନି.ପ୍ର): ଜନୈକ ମହିଳା ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବାର ଖବର ମିଳିଛି । ଏମିତି ଦୁଃଖଦ ଘଟଣା ମୟୂରଭଞ୍ଜ ଜିଲ୍ଲାର ବାମନଘାଟୀ ଉପଖଣ୍ଡ ହାଟବାଦଡା ଅଂଚଳରେ ଘଟିଯାଇଛି । ମଙ୍ଗଳବାର ଅପରାହ୍ନ ସମୟରେ ଘରେ କେହି ନଥିବା ବେଳେ ଗାଧୁଆ ଘରେ ନିଜକୁ କିରୋସିନ ଢାଳି ନିଆଁ ଲଗାଇ ମହିଳା ଜଣକ ପୋଡ଼ି ହୋଇ ମୃତ୍ୟବରଣ କରିଛନ୍ତି ବୋଲି କୁହାଯାଉଛି । ସୂଚନା ଅନୁଯାୟୀ, ହାଟବାଦଡା ଅଂଚଳର ଚନ୍ଦନ ସାହୁ ୧୧ ବର୍ଷ ପୂର୍ବେ ପଡୋଶୀ ଝାଡଖଣ୍ଡ ରାଜ୍ୟର ପଦ୍ମିନୀ ସାହୁଙ୍କୁ ବିବାହ କରିଥିଲେ । ତାଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛି । କୌଣସି ପାରିବାରିକ କନ୍ଦଳ କାରଣରୁ ପଦ୍ମିନୀ ନିଜର ଭାରସାମ୍ୟ ହରାଇ କିରୋସିନ ଢାଳି ପୋଡ଼ି ହୋଇଥିବା ଭଳି ଘଟଣା ଘଟିଥାଇ ପାରେ ବୋଲି ପୋଲିସ ପକ୍ଷରୁ ପ୍ରଥମିକ ତଦନ୍ତରୁ ଅନୁମାନ କରାଯାଉଛି । ପୋଲିସ ବୁଧବାର ଦିନ ଅର୍ଦ୍ଧ ଦଗ୍ଧ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି । ରାଇରଙ୍ଗପୁର ପୋଲିସ ସହିତ ସାଇଂଟିଫିକ ଟିମ୍ ଆସି ଘଟଣାସ୍ଥଳରେ ଯାଂଚ କରିଥିଲେ । ଏଥି ସହିତ ପୋଲିସ ୨୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଘଟଣାର ସବିଶେଷ ତଦନ୍ତ ଜାରି ରହିଛି ।

# ଟ୍ରକ୍-ବାଇକ ମୁହାଁମୁହଁ ଧକ୍କା : ଜଣେ ମୃତ, ୨ ଗୁରୁତର

କନ୍ଧମାଳ,୦୧।୧୦ (ନି.ପ୍ର): କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ରାମପୁର ଛକରେ ଏକ ଟ୍ରକ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାହେବା ଫଳରେ ଜଣକର ମୃତ୍ୟୁ ଘଟିଛି । ଅନ୍ୟ ୨ ଜଣ ଗୁରୁତର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣକୁ ଅଧିକ ଚିକିତ୍ସାପାଇଁ ବ୍ରହ୍ମପୁର ପଠାଇ ଦିଆଯାଇଛି । ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନରେ ଏକ ଟ୍ରକ୍ ରାୟଗଡ଼ାରୁ ବଲାଙ୍ଗିର ଅଭିମୁଖେ ଯାଉଥିବା ବେଳେ ହଠାତ୍ ଏକ ବାଇକ୍ ଆସି ଗାଡ଼ିର ସମ୍ମୁଖରେ ଧକ୍କା ହୋଇଥିଲା । ଫଳରେ ବାଇକ୍ ରେ ବସିଥିବା ତିନିଜଣ ଯାକ ଆହତ ହୋଇଥିଲେ । ଆହତ ମାନଙ୍କୁ ପ୍ରଥମେ ତୁମୁଡ଼ିବନ୍ଧ ଓ ପରେ ଅଧିକ ଚିକିତ୍ସା ପାଇଁ ବାଲିଗୁଡ଼ା ନିଆଯାଇଥିଲେ ମଧ ଗୁରୁତର ଥିବା ବ୍ୟକ୍ତିଙ୍କର ବାଟରେ ମୃତ୍ୟୁ ଘଟିଥିଲା । ଅନ୍ୟ ୨ ଜଣ ବାଲିଗୁଡ଼ାରେ ଚିକିତ୍ସା ପରେ ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ଜଣକୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ବାଇକ୍ ଆରୋହୀମାନେ ଏକ ଶୁଦ୍ଧିକ୍ରିୟା କାମରେ ଯୋଗଦେବା ପାଇଁ ଲଙ୍କାଗଡ଼ରୁ ତୁମୁଡ଼ିବନ୍ଧ ପଂଚାୟତ ଅନ୍ତର୍ଗତ ବନବନ୍ଧ ସାହିକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି । । ଖବର ପାଇ ତୁମୁଡିବନ୍ଧ ଥାନା ପୁଲିସ୍ ଘଟଣାସ୍ଥଳରେ ପହଂଚି ଟ୍ରକଟିକୁ ଜବତ କରିବା ସହିତ ଗାଡ଼ି ଚାଳକକୁ ଅଟକ ରଖିଛି । ଏନେଇ ତୁମୁଡିବନ୍ଧ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ତଦନ୍ତ ଅଧିକାରୀ ତ୍ରିଲୋଚନ ପ୍ରଧାନ ସୂଚନା ଦେଇଛନ୍ତି ।

## ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଏଏସପି, ଦୁଇ ଡ଼ିଏସପି ସମେତ ୧୯ କୋଭିଡ୍ ଯୋଦ୍ଧାଙ୍କୁ କରୋନା

ଗଞ୍ଜାମ,୦୧।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ପୋଲିସ ଜିଲ୍ଲାର ଏସପି କାର୍ଯ୍ୟାଳୟରେ କାର୍ଯ୍ୟରତ ଏଏସପି ପ୍ରଭାତ ରାଉତରାୟ, ଡ଼ିଏସପି ପ୍ରକାଶ ଜେନା ଓ ଡ଼ିଏସପି ନିରଞ୍ଜନ କୁମାର ଧରଙ୍କ ସମେତ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ୧୯ ଜଣ କୋଭିଡ଼୍ ଯୋଦ୍ଧା କରୋନା ସଂକ୍ରମିତ ହୋଇଛନ୍ତି । ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଏ ପର୍ଯ୍ୟନ୍ତ ୧୪୫ ଜଣ ବିଭିନ୍ନ ଶ୍ରେଣୀର କର୍ମଚାରୀ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଦ୍ୟାବଧି ୧୨୬ ଜଣ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଅନ୍ୟ ୧୯ ଜଣ ଅନ୍ୟାନ୍ୟ କୋଭିଡ଼୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

# ଅନୁଗୁଳରେ ଆଦିବାସୀ ଜମି ହଡପରେ ସମ୍ପୃକ୍ତ ଜିଲ୍ଲାପାଳ ଓ ରାଜସ୍ୱ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୦୧।୧୦ (ନି.ପ୍ର): ଅନୁଗୁଳ ଜିଲ୍ଲାରେ ଗତ ୧୦ ବର୍ଷ ଭିତରେ ଆଦିବାସୀ ଏବଂ ତଫସିଲଭୁକ୍ତ ଜାତି ଲୋକମାନଙ୍କର ୭୦୦ ଏକରରୁ ଉର୍ଦ୍ଧ୍ୱ ଜମି ହଡପ କରାଯାଇଛି । ଏଥିରେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ରାଜସ୍ୱ ଅଧିକାରୀମାନେ ସଂପୃକ୍ତ ରହିଛନ୍ତି । ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପିସିସି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ ଦାବି କରିଛନ୍ତି । ଦାବି ପୂରଣ ନହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ସହ ଆଇନ୍ ର ଆଶ୍ରୟ ନେବୁ । ଆବଶ୍ୟକ ହେଲେ ସିବିଆଇ ତଦନ୍ତ ଦାବିରେ କୋର୍ଟର ଦ୍ୱାରସ୍ଥ ହେବୁ ବୋଲି ସେ କହିଛନ୍ତି । ଶ୍ରୀ ମାଝୀ କହିଛନ୍ତି ଯେ ଶ୍ରୀ ସୁଶିଲ୍ କୁମାର ଅଗ୍ରୱାଲଙ୍କ ପରିବାରର ବିଭିନ୍ନ ସଦସ୍ୟଙ୍କ ନାମରେ ୭୦୦ ଏକର ଜମି କିଣା ଯାଇଛି । ଶ୍ରୀ ଅଗ୍ରୱାଲଙ୍କ ୨୦୧୦ ମସିହାରେ କୌଣସି ଆର୍ଥିକ ସ୍ୱଚ୍ଛଳତା ନଥିଲା ।ସୁଶିଲଙ୍କ ସମ୍ପର୍କୀୟ ଅରବିନ୍ଦ ଅଗ୍ରୱାଲ୍ ଅନୁଗୁଳ ଜିଲ୍ଲାପାଳ ଥିବା ସମୟରେ ଯୋଗାଣ ବିଭାଗ ଅଧିନରେ ଜଣେ ପରିବହନ ଏଜେଂଟ ଭାବରେ ବ୍ୟବସାୟ ଆରମ୍ଭ କରିଥିଲେ ଶ୍ରୀ ସୁଶିଲ ଅଗ୍ରୱାଲ । ଏହି ୧୦ ବର୍ଷ ଭିତରେ ସେ ୨୫୦ କୋଟି ଟଙ୍କାର ସଂପତି କେମିତି କିଣିଲେ ତାହା ଏକ ଆଶ୍ଚର୍ଯ୍ୟର ବିଷୟ । ଏହି ସୁଶିଲ ଅଗ୍ରୱାଲ ମାଲକାନଗିରି ଜିଲ୍ଲା ସମେତ କଟକ, ଅନୁଗୁଳ ଇତ୍ୟାଦି ଜିଲ୍ଲାମାନଙ୍କୁ ନିମ୍ନମାନର ଲେବର କିଟ୍ ଯୋଗାଣ କରି କୋଟି କୋଟି ଟଙ୍କା ଆତ୍ମସାତ୍ କରିଥିଲେ । ଏଥିରେ ସେହି ସମୟରେ ଅନୁଗୁଳର ୬ ଜଣ ଉପଜିଲ୍ଲାପାଳ ଯଥା ସୁଦର୍ଶନ ପରିଡା, ଅଭୟ ନାୟକ, ଏ. କେର୍କେଟା, ପ୍ରସନ୍ନ ଦାସ, ସରୋଜ ମହାନ୍ତି, ବାସୁଦେବ ଶତପଥି ପ୍ରମୁଖ ଏଥିରେ ସଂପୃକ୍ତ ଥିବାର ପ୍ରମାଣ ମିଳେ । ଆଦିବାସୀ ଏବଂ ଦଳିତମାନଙ୍କ ଜମି କିଣିଲା ବେଳେ ଯେଉଁ ଡାକ୍ତରୀ ସାର୍ଟିଫିକେଟ୍ ଗୁଡିକୁ ବ୍ୟବହାର କରାଯାଇଛି ତାହା ମିଥ୍ୟା ଦସ୍ତାବିଜ ଉପରେ ଆଧାରିତ । ପଞ୍ଜିକରଣ ମାଧ୍ୟମରେ ଯେଉଁ ଜମି କିଣାଯାଇଛି ତାକୁ ତୁରନ୍ତ ବାତିଲ କରି ସେମାନଙ୍କ ଜମି ଫେରାଇବା ସହିତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀକୁ କଠୋର ଦଣ୍ଡ ବିଧାନ କରିବା ପାଇଁ ଦାବି କରାଯାଇଛି । ରାଜସ୍ୱ ମନ୍ତ୍ରୀ ହିସାବରେ ଶ୍ରୀ ସୁଦାମ ମାର୍ଣ୍ଡି ଏହାର ସ୍ୱଷ୍ଟୀକରଣ ଦିଅନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ସରକାର ଯଦି ଏ ଦିଗରେ ଦୃଢ଼ ପଦକ୍ଷେପ ନ ନିଅନ୍ତି ତେବେ ନ୍ୟାୟିକ ରାସ୍ତାରେ ଯିବା ପାଇଁ ମଧ ଶ୍ରୀ ମାଝୀ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ, ପୂର୍ବତନ ସାଂସଦ ନକୁଳ ନାୟକ, ସନ୍ତୋଷ ପଟ୍ଟନାୟକ, ଟିକନ ବେହେରା, ଜୟନ୍ତ ସାହୁ, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଧାନସଭାର ଦ୍ୱିତୀୟ ଦିନରେ ଉଠିଲା କରୋନା ପ୍ରସଙ୍ଗ

ଭୁବନେଶ୍ୱର,୦୧।୧୦ (ନି.ପ୍ର): ବିଧାନସଭା ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନର ବୈଠକ ଆରମ୍ଭରୁ ସ୍ୱାଭାବିକ ରହିଥିଲା । ତେବେ ଗୃହ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ଅନ୍ୟ ଏକ ବ୍ୟତିକ୍ରମ ସ୍ୱରୂପ ଆଜି ଗୃହର କାର୍ଯ୍ୟ ଆରମ୍ଭରେ ଶୂନ୍ୟକାଳ ଏକ ଘଂଟା ପାଇଁ ଚାଲିଥିଲା । ବିରୋଧି ଦଳ ନେତା ପ୍ରଦୀପ୍ତ କୁମାର ନାୟକ କହିଥିଲେ ଯେ, ଓଡ଼ିଶା ରାଜ୍ୟ ଏହି ସରକାର ଅମଳରେ ଉତ୍ପାଦନ ଶୂନ୍ୟ ରାଜ୍ୟ ହୋଇଛି । କରୋନାରେ ପ୍ରଭାବିତ ହୋଇ ରାଜ୍ୟକୁ ଫେରୁଥିବା ଶ୍ରମିକ ମାନଙ୍କୁ ଥଇଥାନ କରାଯାଇ ପାରିଲା ନାହିଁ । ଏବେ ରାଜ୍ୟ ସରକାରଙ୍କ ଦୂର ଦୃଷ୍ଟି ଅଭାବ ଯୋଗୁଁ ୧୬ ଲକ୍ଷ ଶ୍ରମିକ ବେକାର ହେଲେଣି । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଥିଲେ ଯେ, କରୋନା ସମୟରେ ସରକାରୀ ଶାସନ ନାହିଁ କିମ୍ବା ନୀତି ନିୟମ ନାହିଁ । ବଲାଙ୍ଗୀରରେ ଜଣେ ମହିଳାଙ୍କୁ ଡାକ୍ତରଙ୍କ ଅସଦାଚରଣ ଏବଂ ସମ୍ପୃକ୍ତ ଡାକ୍ତରଙ୍କୁ ନିସ୍ଥୁକ ମାଡ଼ ଘଟଣାକୁ ଚାପି ଦିଆଗଲା । କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ । ଏହା ଛଡ଼ା ଲୋୟର ଶୁକ୍ ତେଲ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଥିଲେ । ବିଜେଡ଼ି ବିଧାୟକ ଅମର ପ୍ରସାଦ ଶତପଥି କହିଥିଲେ ଯେ, ବଡ଼ଚଣା ବ୍ଲକରେ ବନ୍ଦୋବସ୍ତ ଏବଂ ଚକବନ୍ଦୀ କାର୍ଯ୍ୟ ଅସମାପ୍ତ ଥିବାରୁ ଚାଷୀମାନେ ସରକାରୀ ସୁବିଧା ପାଉ ନାହାନ୍ତି । ଏହି ଦୂରାବସ୍ଥା ତୁରନ୍ତ ହଟାଯାଉ । କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ ଯେ, କରୋନାରେ ପୀଡ଼ିତ ହୋଇ ବହୁ ଲୋକ ରାଜ୍ୟ ବାହାରକୁ ଯାଉଛନ୍ତି ଏବଂ ମୃତ୍ୟୁ ମୁଖରେ ପଡୁଛନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଉ । କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଥିଲେ ଯେ, ରାଜ୍ୟ ସରକାରଙ୍କ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଏକ ନିର୍ବାଚନୀ ଚାଲ୍ ଥିଲା । ଏହା କାର୍ଯ୍ୟକାରୀ ହେଲେ ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାରେ ବନ୍ୟା ହେବ ନାହିଁ । ତୁରନ୍ତ ଏହା କାର୍ଯ୍ୟକାରୀ କରାଯାଉ । ବିଜେଡ଼ି ସଭ୍ୟ ଭୂପିନ୍ଦର ସିଂ କହିଥିଲେ ଯେ, କରୋନା ମୁକାବିଲାରେ ରାଜ୍ୟ ସରକାରଙ୍କ ଭୂମିକା ଅତ୍ୟନ୍ତ ଫଳପ୍ରଦ । ଏଣିକି ବିରୋଧି ଦଳମାନେ ସମାଲୋଚନା ନ କରି ସ୍ୱାଗତ କରନ୍ତୁ ବୋଲି ସେ କହିଥିଲେ । ଅପରାହ୍ନରେ ଅଧିବେଶନର ତିନୋଟି ବିଧେୟକ ଉପରେ ଆଲୋଚନା, ବିଚାର ଏବଂ ପାରିତ କାର୍ଯ୍ୟ ସଂପାଦନ ହୋଇଥିଲା ।

## ପବ୍‌ଜି ସେନା..

ପୃଷ୍ଠା ୪ର ଅବଶିଷ୍ଟାଂଶ....

'ଖାରବେଳ ନଗର ଦିମାକିଆ ପେଟୁଆ ପୋଲିସ ନାକତଳେ ମୋଟାମାଗୁର ନିଶକୁ ମୋଡି ମାଇକ ନେଇ ନେତାଳିଆ ଢଙ୍ଗରେ ତାଙ୍କର ଭାଷଣ ଆରମ୍ଭ କଲେ। ଦେଖ ଛୁଆମାନେ! ତୁମର ବୁଦ୍ଧି ପାକଳ ହୋଇନି। ଆମେ ବୁଝିପାରୁଛୁ ଯେ ତୁମମାନଙ୍କର ଏହି ବିଶୃଙ୍ଖଳ ଆଚରଣର ମୁଖ୍ୟ କାରଣ ହେଲା ତୁମର ଅନିଶ୍ଚିତ ଭବିଷ୍ୟତ। ତୁମେମାନେ ଭାବୁଛ ଯେ ଏ ଶିକ୍ଷାଲାଭରେ କିଛି ଲାଭ ନାହିଁ। ହଜାରହଜାର ଶିକ୍ଷିତ ବେକାର ହୋଇ ବୁଲୁଛନ୍ତି। ଏହି ମାନସିକ ଅଶାନ୍ତି ବେଳକୁ ଚାଇନା ତୁମମାନଙ୍କୁ ବ୍ୟସ୍ତ ରଖିବା ପାଇଁ ଏହି ପବ୍‌ଜି ଖେଳକୁ ଲଂଚ୍ କରିଛି। ତୁମମାନଙ୍କୁ ଏବେ ଏହି ମସ୍ତଖେଳଟି ବ୍ୟସ୍ତ ରଖୁଥିଲେ ମଧ ଏହା ଆମର ଯୁବପିଢିକୁ ବିପଥଗାମୀ କରାଇବା ଦିଗରେ ଚାଇନାର ଏକ ବିରାଟ ଷଡଯନ୍ତ୍ର। ଛାତ୍ରସମାଜ ହିମାଳୟରୁ ବାହାରୁଥିବା ଏକ ପବିତ୍ର ଗଙ୍ଗାନଦୀ ପରି। ବାଟଅବାଟ ଖାଲଢିପ ନମାନି ସମୁଦ୍ର ଦିଗରେ ଦୌଡିବା ହେଲା ଏକମାତ୍ର ଲକ୍ଷ। ସେହିପରି ଛାତ୍ରସମାଜର ବ୍ୟସ୍ତ ଭିତରେ ମସ୍ତ ରହିବା ଉଦ୍ଦେଶ୍ୟରେ ଧାବମାନ ହେବାଟା ଆଜିର ଦିନରେ ତୁମ ସମସ୍ତଙ୍କର ପ୍ରାକୃତିକ ଧର୍ମ। ଛାତ୍ର ସମାଜର ଅବକ୍ଷୟ ହେତୁ ସାମାଜିକ ଶୃଙ୍ଖଳା ବଜାୟ ରଖିବା ଆମପାଇଁ ଆଜି ଦିନରେ ଏକ ବଡ ଆହ୍ୱାନ। ତୁମମାନଙ୍କର ବୁଝିବା ବୟସ ହେଲାଣି, ତେଣୁ ମୁଁ ଆଉ ବିଶେଷ କିଛି କହିବାକୁ ଯାଉନି। ଅନ୍ତରରେ ଆଶା କରୁଛି ଆପଣମାନଙ୍କର ସଦ୍‌ବୁଦ୍ଧି ଉଦୟ ହେଉ। ଏହି ପବ୍‌ଜି ଖେଳକୁ ଆଜିଠାରୁ କେହି ନଖେଳ ଏବଂ ଏହି ଚାଇନା ଆପ୍‌କୁ ବ୍ୟାନ୍ କରିଥିବା ହେତୁ ସମସ୍ତେ ଆମ ସରକାରଙ୍କୁ ଧନ୍ୟବାଦ ଦିଅ।'ଛୁଆମାନେ ଦିନ ଦଶଟାରେ ଘରୁ ବାହାରି ଦିପ୍ରହର ଖରାରେ ଚ୍ବରି କିଲୋମିଟର୍ ଚ୍ବଲିଚ୍ବଲି ଆସିଥିବାରୁ ସବୁ ଝାଁଉଳି ବ୍ରୟେଲର୍ କୁକୁଡା ପରି ଧକେଇଲେଣି। ଆଉ କାହାରି ସେ ଅଲଣା ଭାଷଣ ଶୁଣିବାକୁ ଧୈର୍ଯ୍ୟ ନାହିଁ। ତେଣୁ ତାଙ୍କଭିତରୁ ବରିଷ୍ଠ ପବ୍‌ଜି ଖେଳାଳି ଜଣେ ଅତିଥିମାନଙ୍କ ପାଖକୁ ଝପଟି ଯାଇ ମାଇକ୍ ହାତକୁ ନେଲା। ସମସ୍ତଙ୍କ ଉଦ୍ଦେଶ୍ୟରେ ନମ୍ରତାର ସହ ଘୋଷଣା କଲା ଯେ ଆମର ଶତ୍ରୁଦେଶ ଚାଇନା ଏହି ପବ୍‌ଜି ଖେଳରୁ କୋଟିକୋଟି ଟଙ୍କା ରୋଜଗାର କରି ଆମପାଇଁ ଆମ ପଇସାରେ ଯୁଦ୍ଧାସ୍ତ୍ର ତିଆରି କରୁଛି। ଆମ କିଶୋର ଜୀବନକୁ ନଷ୍ଟ କରିବା ସଙ୍ଗେସଙ୍ଗେ ଆମର ଭବିଷ୍ୟତ ସାଙ୍ଗରେ ଖେଳୁଛି। ତେଣୁ ଆମେ ସମସ୍ତେ ଆଜିଠାରୁ ନିୟମ କରିବା ଯେ ଆଉକେବେ ଆମର ଏ ପବ୍‌ଜି ସେନା ଏମିତି ପବ୍‌ଜି ଖେଳ ସପକ୍ଷରେ ଆନ୍ଦୋଳନ ନକରି ଏହାର ବିପକ୍ଷରେ ଜନ ଆନ୍ଦୋଳନ ସୃଷ୍ଟିକରି ସମସ୍ତ ଚାଇନା ଆପ୍ ଏବଂ ପଦାର୍ଥ ବର୍ଜନପାଇଁ ଦେଶ ସାରା ବୁଲି ଲୋକମାନଙ୍କୁ ବୁଝେଇବା। ଆଜିଠାରୁ ଏହାର ନାଁ ପବ୍‌ଜି ବିରୋଦ୍ଧି ସେନା। ସମସ୍ତ ଅଭିଭାବକମାନଙ୍କୁ ଧନ୍ୟବାଦ୍ ସହ ସଭା ସାଙ୍ଗ କରିବାକୁ ଅନୁମତି ମାଗୁଛି। ପବ୍‌ଜି ଆପ୍ ମୁର୍ଦ୍ଦାବାଦ୍। ହିନ୍ଦୁସ୍ଥାନ୍ ଜିନ୍ଦାବାଦ୍। ଜୟ ହିନ୍ଦ୍। ଜୟ ଜଗନ୍ନାଥ। (ସମାପ୍ତ)

ପ୍ଲଟ-୧୭/୧୫,ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯
ମୋ- ୯୪୩୯୧୨୮୦୫୦

## ବରିଷ୍ଠ ଆନ୍ତର୍ଜାତିକ ଦିବସକୁ କରୋନା ସଚେତନତା ଦିବସ ରୂପେ ପାଳନ କଲେ ବରିଷ୍ଠ ନାଗରିକ

ଜଲେଶ୍ୱର,୧।୧୦ (ନି.ପ୍ର): ଆଜି ବରିଷ୍ଠ ଆନ୍ତର୍ଜାତୀକ ଦିବସ ପାଳିତ ହେଉଛି। ଜଲେଶ୍ୱରର ବରିଷ୍ଠ ନିଗରିକମାନେ ମଧ୍ୟ ଅନ୍ୟବର୍ଷରେ ପାଳନ କରିଆସୁଥିବା ବେଳେ ଚଳିତବର୍ଷ କରୋନା ସଚେତନତା ଦିବସରୂପେ ପାଳନ କରିଛନ୍ତି। ଦିଗମ୍ବରୀଦେବୀ ଶିଳ୍ପ ତାଲିମ କେନ୍ଦ୍ରରେ ଆୟୋଜିତ କରୋନା ସଚେତନତା ଦିବସ ଦିଲ୍ଲିପ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ବରିଷ୍ଠ ନିଗରିକ ସମାଜର ମେରୁଦଣ୍ଡ ହୋଇଥିବା ବେଳେ ଆଜି ଅଲୋଡା ଓ ଅସହାୟଭାବେ ଜୀବନ ଅତିବାହିତ କରୁଛନ୍ତି। ସେମାନଙ୍କ ପ୍ରତି ସରକାରୀଭାବେ ଥିବା ସୁବିଧା ସୁଯୋଗ କେଉଁଠିବି ମିଳୁନାହିଁ। ଅନ୍ୟପକ୍ଷରେ କରୋନା ମହାମାରୀରେ ବିଶ୍ୱ ଥରହର ହେଉଥିବା ବେଳେ ଲକ୍‌ଡାଉନ୍, ସଟ୍ ଡାଉନ, କଣ୍ଟେନ୍‌ମେଣ୍ଟ ଇତ୍ୟାଦି ଘୋଷଣା ପରେ ମଧ୍ୟ କରୋନା କାୟାବିସ୍ତାର କରିଚାଲିଛି। ଗୋଟିଏ ପରିବାରରେ ଜଣେ ବରିଷ୍ଠ ନାଗରିକ ସଚେତନ ହେଲେ ସେ ପରିବାର ମଧ୍ୟ ସଚେତନତା ଶିକ୍ଷା କରିପାରେ। ଆଜିର ବୈଠକରେ ଉପସ୍ଥିତ ପ୍ରତ୍ୟେକେ କିପରି କରୋନା ସଚେତନତାର ହାତ ବଢାଇ ଆସିଛନ୍ତି ସେ ସଂପର୍କରେ ପ୍ରକାଶ କରିବା ସହିତ ଆଗାମୀ ଦିନରେ ମଧ୍ୟ ସଚେତନତା ଜାରି ରଖିବେ ବୋଲି କହିଛନ୍ତି। ରାଜାରାମ କରସର୍ମା, ଲିଆପିର ସଭାପତି ଭାସ୍କର ମିଶ୍ର, ସୀତାଂଶୁ ସେନପତି, ଜିତାଂଶୁ ନନ୍ଦୀ, ସୁମନ୍ତ ଘୋଷ, ସୁନିଲ ଗିରି, ନିଳମଣି ପ୍ରଧାନ, ରାମଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅଜିତ୍ କୁମାର ମହାନ୍ତି ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଲେକ୍ଟ୍ରୋନିକ୍ ମିଡିଆ କ୍ଲବ ପକ୍ଷରୁ ଦିବଂଗତ ସାମ୍ବାଦିକଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୧।୧୦ (ନି.ପ୍ର): କରୋନାରେ ପୀଡ଼ିତ ହୋଇ ଇହଧାମ ପରିତ୍ୟାଗ କରିଥିବା ପ୍ରମେୟ ସାମ୍ବାଦିକ ତାରିଣୀ ପାଢ଼ୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲା ଇଲେକ୍ଟ୍ରୋନିକ ମିଡିଆ କ୍ଲବ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଉଦ୍ୟୋଗ ଭବନରେ ଆଜି ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ରଶ୍ମିରଂଜନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ବ୍ରହ୍ମନାଥ ରଥ, ଅଧୀପ ଜେନା, ବ୍ୟୋମନାଥ ରଥ, ଆଜିତ୍ କୁମାର ମହାନ୍ତିଙ୍କ ସମେତ ପ୍ରକାଶ ମହାନ୍ତି, ମାନ ସ ବିଶ୍ୱାଳ, ଅଜିମ୍ ବାଲେଶ୍ୱରୀ, ରଞ୍ଜିତ୍ ପୃଷ୍ଟି, ଶେଖ୍ ମୋଜାମିଲ୍, ଚିତ୍ତରଂଜନ ନାୟକ, ଅବିନାଶ ଠାକୁର୍, ଜ୍ଞାନ ରଂଜନ ବେହେରା, ଗୋକୁଳାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଢ଼ୀଙ୍କ ଜୀବନାଦର୍ଶ ଓ ଅତୀତରେ ତାଙ୍କ ସହ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜଣେ ଉତ୍ତମ ସାମ୍ବାଦିକ ଭାବେ ବାଲେଶ୍ୱରରେ କାର୍ଯ୍ୟ କରୁଥିବା ବେଳେ ସ୍ୱର୍ଗତ ପାଢ଼ୀ ନିଜର ମାନବିକତାପୂର୍ଣ୍ଣ ବ୍ୟବହାର ପାଇଁ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ତାଙ୍କର ବିୟୋଗ ବାଲେଶ୍ୱରର ସାମ୍ବାଦିକ ମହଲ ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ମତ ପ୍ରକାଶ କରିଥିଲେ। ଜଣେ କରୋନା ଯୋଦ୍ଧାର ବିୟୋଗ ଭାବେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଆନୁସାରେ ତାଙ୍କର ପରିବାରକୁ ଧାର୍ଯ୍ୟ ସରକାରୀ ସହାୟତା ତୁରନ୍ତ ପ୍ରଦାନ ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ୨ ମିନିଟ୍ ନିରବ ପ୍ରାର୍ଥନା ସମସ୍ତେ ଦିବଂଗତ ଆତ୍ମାପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।

## ଦିନକରେ ୯୬ ପଜିଟିଭ୍ ଚିହ୍ନଟ : ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୭୬୯୪କୁ ବୃଦ୍ଧି

ବାଲେଶ୍ୱର,୧।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୧ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି୯୬,୩୫୧ରେ ପହଞ୍ଚିଛି। ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୩୬୧୫ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଆଜି ସୁଦ୍ଧା ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୨୨ ହଜାର ଟପିଛି। ଅନ୍ୟପକ୍ଷରେ ଆଜି ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୮୫୯ ଛୁଇଁଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି। ଅନ୍ୟ ଦିନ ତୁଳନାରେ ଆଜି ଶହେରୁ କମ୍ ଅର୍ଥାତ ୯୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୭୬୯୪ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୬୩୧୧ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୩୫୦ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ବାଲେଶ୍ୱର ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୮ରେ ସ୍ଥିର ରହିଛି। ତେବେ ଦିନକୁ ଦିନ ଜିଲ୍ଲାରେ ବଢୁଥିବା କନୋନା ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତା ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି।

GOVERNMENT OF ODISHA
DEPARTMENT OF WATER RESOURCES
Office of the Executive Engineer,
Jambhira Canal Division, Morada

Mail ID- eejcdivisionmorada@gmail.com

Bid Identification No.– 2 / 20-21 of EE, J. C. Division, Morada

| | | |
|---|---|---|
| i | Name of Work | Detail Topographical Survey for OFD works in the command area of Palasbadha Minor off-taking from RD59894m of Jambhira Left Main Canal (By GPS method/Total Station method/Zeodo metre or by any other method) and providing detail ayacut planning up to Chaka boundary in Survey of India maps, transfer of planning in village maps at contour interval of 0.30M, conducting strip survey and fixing alignment of Water courses, preparation of Land schedule with ROR for formation of WUA as per present generology and design of Micro Irrigation and OFD works such as outlets , field channels, field drains, Turn outs, Division Boxes, Fall , VRB, Foot bridge, Cross Drainage work etc including preparation of canal section, drawing and draft reports in one ha block as per instruction and specification provided in the bid document including formation of Pani Panchayat & all taxes, labour charges, cost of all materials, including Survey of India maps and ORSAC Cadestral village maps , conveyance and all other charges required for completion of the work as per specifications and direction of the Engineer-in-Charge |
| ii | Tender Value | Rs.6.60 Lakhs |
| iii | Period of Completion | 3 (Three) Calendar Months |
| iv | Availability of bid documents & dropping the same in single cover in specified box kept in **the O/O the Executive Engineer, Jambhira Canal Division, Morada** | **05.102020** at 10 A.M. to 14.10.2020 up to 5.00 PM. |
| v | Date & time of opening of bid | 15.102020 at 11.00 AM |
| vi | Name & Address of the O.I.T | Executive Engineer, O/O the EE, Jambhira Canal Division, Morada, Mayurbhanj |

**Executive Engineer**
**Jambhira Canal Division,**
**Morada**

OIPR: 32200/11/0003/2021

## ଜଲେଶ୍ୱରରେ ଜାତୀୟ ରକ୍ତଦାନ ଦିବସ ପାଳିତ

ଜଲେଶ୍ୱର,୧।୧୦ (ନି.ପ୍ର): ଆଜି ଜାତୀୟ ରକ୍ତଦାନ ଦିବସରେ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଜଲେଶ୍ୱର ବ୍ଲକ ରକ୍ତଦାତା ସଂଘ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ସଂଘର ସଭାପତି ଡ. ଅଜିତ୍ କୁମାର ମହାନ୍ତି ପୌରହିତ୍ୱ କରି ଜଲେଶ୍ୱର ବ୍ଲକରୁ ଚଳିତବର୍ଷ କୋଭିଦ୍-୧୯କୁ ଆଖିରେ ରଖି ଥାଲାସେମିଆ, ଦୁର୍ଘଟଣା ଜନିତ ବ୍ୟକ୍ତି ଓ ପ୍ରସୂତୀ ମାନଙ୍କ ଲାଗି ଆବଶ୍ୟକତା ହେଉଥିବା ରକ୍ତ ସଂଗ୍ରହରେ ଉଚିତ୍ ପଦକ୍ଷେପ ନେଇଥିବା ସଂପର୍କରେ କହିଥିଲେ। ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଜିଲାର ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ରକ୍ତଦାନକୁ ଉଚ୍ଚ ପ୍ରଶଂସା କରି ରକ୍ତଦାନ ଏକ ମହାପୂର୍ଣ୍ଣ ବୋଲି କହିଥିଲେ। କୋଭିଦ୍-୧୯ ସମୟରେ ରକ୍ତଦାତା ଓ ରକ୍ତାଦନ ଶିବିରର ଆୟୋଜକ ତଥା ବିଭିନ୍ନ ସଂଗଠନ ଯେପରି ଏପରି ଏକ ମହତ୍ କାର୍ଯ୍ୟକୁ ଆପଣେଇ ନେଇଥିଲେ ସେଥିପାଇଁ ମୁଖ୍ୟ ଅତିଥି ତଥା ବାଲେଶ୍ୱର ଦାତା ସଂଘ ସଭାପତି ଶ୍ରୀ ଚକ୍ରବର୍ତ୍ତୀ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତାଭାବେ ଜିଲା ସଂଘ ଉପସଭାପତି ସୁକୁମାର ରଣା ଜଲେଶ୍ୱରର ୩୫ଟି ପଂଚାୟତର ଓ ମ୍ୟୁନିସିପାଲଟିର ୧୭ଟି ୱାର୍ଡରେ ବର୍ଷକୁ ଥରେ ଲେଖାଏଁ ରକ୍ତଦାନ ଶିବିର ଆୟୋଜନ କରିପାରିଲେ ସମସ୍ତ ହୃଦୟକୁ ସଚେତନତା ଛୁଇଁପାରିଲେ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ମନୋରଂଜନ ଦାସ, ଅଶୋକ ଦାସ, ଶରତ ଚନ୍ଦ୍ର ପରିଡା, ବିରଞ୍ଚି ଭୂୟାଁ, ଆଶିଷ କୁମାର ଗିରି, ସୌମ୍ୟସାଗର କାମିଲା, ସୁବିର ସେନାପତି, ଚନ୍ଦ୍ର ମୋହନ ରରଉଳ, ଜଗଦୀଶ ବେହେରା, ହରେକୃଷ୍ଣ ଜେନା, ରବିନ୍ଦ୍ର ବାରିକ, ରବିନ୍ଦ୍ର ସେନାପତି, ସତ୍ୟବ୍ରତ ସୋମ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବ୍ଲକ ସଂପାଦକ ସୁବ୍ରତ କୁମାର ରଣା ମଂଚ ଆହ୍ୱାନ, ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅକ୍ଟୋବର ୩୧...

ସଭାଗୃହ ଆଦିକୁ ବନ୍ଦ ରହିବ। ତେବେ ମୁକ୍ତାକାଶ ଥିଏଟରଗୁଡ଼ିକୁ ସର୍ତମୂଳକ ଭାବେ ଖୋଲିବା ଅନୁମତି ଦିଆଯାଇଛି। ବାଧ୍ୟତାମୂଳକ ଭାବେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ଓ ସାନିଟାଇଜେସନ୍ ଆଦି କୋଭିଡ କଟକଣା ସହିତ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି । ସେହିପରି ସେଲୁନ, ସ୍ପା, ବ୍ୟୁଟି ପାର୍ଲର ଓ ଦୋକାନଗୁଡ଼ିକ ସମସ୍ତ ପ୍ରକାରର ନିରାପତା ଅବଲମ୍ବ ନ କରିବେ । ପ୍ରତ୍ୟେକ ଗ୍ରାହକଙ୍କୁ ସେବା ଯୋଗାଇବା ପରେ ସାନିଟାଇଜ୍ କରିବେ। ଏହାର ଖିଲାପ କଲେ ଦୋକାନ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ। ରାଜ୍ୟ ଭିତରେ ଓ ରାଜ୍ୟ ବାହାରକୁ ଯାତ୍ରୀବାହୀ ବସ୍ ଚଳାଚଳ କରିପାରିବ। ତା'ଛଡ଼ା ରାଜ୍ୟ ଭିତରେ ଯିବାଆସିବା ପାଇଁ କୌଣସି ପ୍ରକାରର ଅନୁମତି ଆବଶ୍ୟକ ପଡ଼ିବ ନାହିଁ। ତେବେ ଟ୍ରେନ ଓ ଘରୋଇ ବିମାନ ଯାତ୍ରାବେଳେ ଯାତ୍ରୀଙ୍କୁ ଆବଶ୍ୟକ ଗାଇଡଲାଇନ୍ ପାଳନ କରିବାକୁ ହେବ ଏସବୁ ବ୍ୟତୀତ ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ ୬୫ ବର୍ଷ ବୟସରୁ ଅଧିକ ବ୍ୟକ୍ତି, ୧୦ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ, ଗର୍ଭବତୀ ମହିଳା ଓ ବହୁବିଧ ରୋଗରେ ପୀଡ଼ିତ ଲୋକମାନଙ୍କୁ ଘରୁ ବାହାରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି।ମହାମାରୀ ପରିଚାଳନା ଆଇନ-୨୦୦୫ ଅନ୍ତର୍ଗତ ଜାରି ଏହି ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲ୍ଲାପାଳ, ମହାନଗର କମିଶନର ଓ ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବଙ୍ଗୋପସାଗରରେ...

ଅନୁଗୁଳ, କଟକ, ପୁରୀ, ନୟାଗଡ଼, ଢ଼େଙ୍କାନାଳ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର, ଏବଂ ସମ୍ବଲପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୩ ତାରିଖ ମଧ୍ୟାହ୍ନ ମଧରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ, ସୁନ୍ଦରଗଡ, ସମ୍ବଲପୁର ଏବଂ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୪ ତାରିଖ ମଧ୍ୟାହ୍ନ ମଧରେ କେନ୍ଦୁଝର, ଅନୁଗୁଳ, ବୌଦ୍ଧ, ସମ୍ବଲପୁର, ସୋନପୁର, ଢ଼ଙ୍କୋନାଳ ଏବଂ କଟକ ଜିଲ୍ଲାରେ ପ୍ରବଳରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ସମସ୍ତ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧରେ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ଯାଜପୁର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା, ନୟାଗଡ଼, ଖୋର୍ଦ୍ଧା, ଏବଂ ପୁରୀର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୫ ତାରିଖ ମଧ୍ୟାହ୍ନ ମଧରେ କାଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ନବରଙ୍ଗପୁର ଏବଂ ରାୟଗଡା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ସମସ୍ତ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧରେ ସୋନପୁର, ସମ୍ବଲପୁର, ନୂଆପଡା, ଗଞ୍ଜାମ, ବୌଦ୍ଧ, ଅନୁଗୁଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହ। ବ୍ୟତୀତ ୬ ତାରିଖ ମଧ୍ୟାହ୍ନ ମଧରେ ବରଗଡ, ନୂଆପଡା, ନବରଙ୍ଗପୁର, ବଲାଙ୍ଗୀର, ଏବଂ କଳାହାଣ୍ଡି ଜିଲ୍ଲା ଉପରେ ଏକ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

### ବିଧାନସଭା ବାହାରେ...

ବେଳେ ବାହାରେ ଜଣେ ଯୁବକ ହଠାତ୍ ସେଠାରେ ନିଜ ମା'ଙ୍କ ସହ ପହଂଚିଥିଲେ। ଏହାପରେ ନିଜ ମା'ଙ୍କ ବେକରେ ଛୁରି ଲଗାଇ ଧମକ ଦେଲେ। ବେକରେ ଛୁରି ଲଗାଇ ଦୁଇ ମନ୍ତ୍ରୀଙ୍କ ନାଁ ନେଇଥିଲେ। ଓଡିଶାରେ ବହୁ ଦୁର୍ନୀତି ହେଉଥିବା କହିଥିଲେ। ପାଗଳ ଭଳି ପ୍ରଳାପ କରିବା ସହ ଛୁରି ଲଗାଇ ତଂଟି କାଟିଦେବି, ପିଚ୍ ପିଚ୍ ରକ୍ତ ବାହାରିବ ବୋଲି ଧମକ ଦେଇଥିଲେ। ସେ କୌଣସି କାଗଜ ଦେଖାଇବା କଥା କହୁଥିବା ବେଳେ କୌଶଳକ୍ରମେ ପୋଲିସ୍ ତାଙ୍କୁ କାବୁ କରିବା ସହ ମହିଳାଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ପରେ ମହିଳା ଜଣକ କହିଛନ୍ତି ଯେ ଚିକିତ୍ସା ପାଇଁ ମେଡିକାଲ ଯିବାକୁ କହି ଉଭୟ ଆସିଥିଲେ। ତେବେ ରାସ୍ତାରେ ହଠାତ୍ ଏଭଳି କାହିଁକି କଲେ ତାହା ଜଣାପଡିନାହିଁ। ଅପରପକ୍ଷରେ ବିଧାନସଭା ଚାଲିଥିବା ବେଳେ ଯୁବକଙ୍କ ଏପରି ଉନ୍ମତ କାଣ୍ଡକୁ ନେଇ ଚର୍ଚ୍ଚା ଜୋର ଧରିଛି। କ'ଣ ପାଇଁ ସେ ଏପରି ପଦକ୍ଷେପ ନେଲେ, ବିଧାନସଭା ସମୟରେ ପୟାୟ ୨୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ , ଗୁଇନ୍ଦା ବିଭାଗ ସମସ୍ତେ ଆଲର୍ଟ ଥିବା ବେଳେ ହାଇ ସିକ୍ୟୁରିଟି ଜୋନ୍‌କୁ ଛୁରି ନେଇ କିଭଳି ଗଲେ ତାକୁ ନେଇ ପ୍ରଶ୍ନ ଉଠିଛି।

### ରାଜ୍ୟରେ ଆଉ ୧୭...

ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ସେହିପରି ଭଦ୍ରକ ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ପୁରଷ ମୃତ୍ୟୁବରଣ କରିଛନ୍ତି। ସେ କ୍ରନିକ କିଡନୀ ରୋଗ, ମଧୁମେହରେ ପୀଡିତ ଥିଲେ। ଭୁବନେଶ୍ୱରର ଜଣେ ୮୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ଭୁବନେଶ୍ୱରର ଜଣେ ୬୨ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ଭୁବନେଶ୍ୱରର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଇଲାଙ୍ଗୀର ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। କଟକ ଜିଲ୍ଲାର ଜଣେ ୮୩ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁ ଘଟିଛି। ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। କଟକ ଜିଲ୍ଲାର ଜଣେ ୬୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ।ସେହିପରି ଜଗତସିଂହପୁର ଜିଲ୍ଲାର ଜଣେ ୬୪ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହରେ ପୀଡିତ ଥିଲେ। ଢେଙ୍କାନାଳ ଜିଲ୍ଲାରେ ଜଣେ ୫୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। କଳାହାଣ୍ଡି ଜିଲ୍ଲାର ଜଣେ ୪୩ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ରେ ପୀଡିତ ଥିଲେ। କେନ୍ଦ୍ରାପଡା ଜିଲ୍ଲାର ଜଣେ ୪୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହ , ଉଚ୍ଚ ରକ୍ତଚାପ ଓ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ। ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ନୟାଗଡ ଜିଲ୍ଲାର ଜଣେ ୭୧ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ନୟାଗଡ ଜିଲ୍ଲାର ଜଣେ ୮୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ରାୟଗଡା ଜିଲ୍ଲାର ଜଣେ ୮୦ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି।

### ବିଧାନସଭାରେ ବିଜୁଳି ...

ଚରଣ ମାଝୀ କହିଛନ୍ତି ଯେ ମୁଷ୍ଟିମେୟ ଓ ବଡ କମ୍ପାନୀ କୁ ଖସେଇବାକୁ ବାଟ ଖୋଲିଛନ୍ତି। କରୋନା ମହାମାରୀ ସମୟରେ ଲୋକେ ଜୀବନ ଜୀବିକା ହରାଉଛନ୍ତି। ଏଭଳି ସ୍ଥିତିରେ ବିଜୁଳି ଦର ବୃଦ୍ଧି ଲୋକ ଙ୍କ ମେରୁଦଣ୍ଡ ଭାଙ୍ଗିଛି। ଚାରୋଟି ବିଦ୍ୟୁତ ବଂଟନ କାରୀ କମ୍ପାନୀ ଉପରେ ୫ ହଜାର ୯ ସହ ୬୩ କୋଟ ୨୧ ଲକ୍ଷ ବାକି ପଡିଛି। ୨୬ ଟି ଶିଳ୍ପସଂସ୍ଥାରେ ପ୍ରାୟ ୩ ହଜାର କୋଟି ବକେୟା ଗଡୁଛି। ୩୦୩୨ଟି କମ୍ପାନୀ ଉପରେ ୫୧୫ କୋଟି ଟଙ୍କାର ଜଳ କର ବକେୟା ପଡିଛି। ସେଗୁଡା ସରକାର ଏଯାଏ ଆଦାୟ କରିପାରୁନାହାନ୍ତି। କରୋନା ମହାମାରୀ କୁ ଦୃଷ୍ଟିରେ ରଖି ବିଦ୍ୟୁତ ବଂଟନକାରୀ କମ୍ପାନୀ ଜରିଆରେ କେନ୍ଦ୍ର ୮୬ କୋଟି ଟଙ୍କାର ରିହାତି ଦେଇଛନ୍ତି। ବାହାର ରାଜ୍ୟକୁ ରାଜ୍ୟ ସରକାର ୟୁନିଟ ପିଛା ୩ ଟଙ୍କା ୨୧ ପଇସାରେ ବିଦ୍ୟୁତ ବିକ୍ରି କରୁଛନ୍ତି। ଅପରପକ୍ଷରେ ବାହାର ରାଜ୍ୟରୁ ୟୁନିଟ ପିଛା ୩ ଟଙ୍କା ୮୧ ପଇସାରେ କିଣୁଛନ୍ତି। କମ ପଇସାରେ ବିକିବା ଓ ଅଧିକ ପଇସାରେ କିଣିବା ଏହା କାହା ସ୍ୱାର୍ଥରେ ବୋଲି ସେ କହିଛନ୍ତି। ବିଦ୍ୟୁତ ବିଲ ବଢାଇବା ନିଷ୍ପତି କୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି।

### ରାଜନୈତିକ ଦଳ...

ପିନ୍ଧିବାକୁ କୁହାଯିବ। ଦିବ୍ୟାଙ୍ଗ, ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ କୋଭିଡ ପଜିଟିଭ ବ୍ୟକ୍ତି ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିପାରିବେ। ଏଥି ପାଇଁ ସେମାନେ ରିଟର୍ଣ୍ଣିଂ ଅଫିସରମାନଙ୍କ ନିକଟରେ ଆବେଦନ କରିପାରିବେ। ନିର୍ବାଚନୀ ଖର୍ଚ୍ଚ ଉପରେ କମିଶନଙ୍କ ମାର୍ଗଦର୍ଶିକା ଅନୁଯାୟୀ କିପରି ଅଙ୍କୁଶ ଲଗାଯାଇପାରିବ ସେ ନେଇ ଆଲୋଚନା ହୋଇଛି। ଏଥି ସହିତ ବିଭିନ୍ନ ଟିମ ତାଙ୍କର କାର୍ଯ୍ୟକ୍ରମର ପ୍ରତିଦିନ ରିପୋର୍ଟ ପ୍ରଦାନ, ସମସ୍ତ କାର୍ଯ୍ୟକ୍ରମରେ ତୀକ୍ଷଣ ନଜର ରଖିବା, ଅନ୍ୟ ଟିମ୍ ଗୁଡିକ ସହ ସମନ୍ୱୟ ରକ୍ଷା କରିବା, ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଟିକିନିଖି ଭିଡିଓ ରେକର୍ଡ଼ିଂ କରିବା, ସମ୍ମିଳିତ ଲୋକଙ୍କ ସଂଖ୍ୟା, ବ୍ୟବହୃତ ଯାନ, ସାଜସଜ୍ଜା, ଡାକବାଜି ଯନ୍ତ୍ର ବ୍ୟବହାର ଇତ୍ୟାଦିର ବିବରଣୀ ରେକର୍ଡ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି।

### ଉନ୍ମୋଚିତ ହେଲା ...

ପ୍ରାଧ୍ୟାପକ ଭଗବାନ ବିଶ୍ୱାଳ, ଜଗଦୀଶ୍ୱର ପଣ୍ଡା, ହରିହର ଦାସ, ରଘୁନାଥ ବେହେରା, ଅମରେନ୍ଦ୍ର ନାୟକଙ୍କ ସମେତ ୰ ନାୟକଙ୍କ ସାନ ଭାଇ ନିରଞ୍ଜନ ନାୟକ ଓ ସୁଦର୍ଶନ ନାୟକ ପ୍ରମୁଖ ସନାତନ ସାରଙ୍କ ମହନୀୟ ଗୁଣାବଳୀର ଆଲୋକପାତ କରିଥିଲେ । ୰ ନାୟକ ଥିଲେ ଏକାଧାରରେ ଜଣେ କୃତି ଆଦର୍ଶ ଶିକ୍ଷକ, ଜଣେ ନିଷ୍ଠାପର ଶିକ୍ଷା ପ୍ରଶାସକ ତଥା ପ୍ରବୀଣ ସମାଜସେବୀ । ଦୀର୍ଘ ୨୮ବର୍ଷ ଧରି ନୀଳଗିରି ଉପଖଣ୍ଡ ଛତ୍ରପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ ଆଦିବାସୀ ଓ ମାଙ୍କଡ଼ିଆ ଜାତିର ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରାଇବାରେ ତାଙ୍କର ଯେଉଁ ଅବଦାନ ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇରହିଛି । ଅବସର ପରେ ବାଲେଶ୍ୱର ସହର ଉପକଣ୍ଠ କାସିମାବାଦ ବସ୍ତି ଅଞ୍ଚଳରେ ଶ୍ରୀମା ଶ୍ରୀଅରବିନ୍ଦ ବସ୍ତି ଉନ୍ନୟନ ପରିଷଦ ଗଠନକରି ଦୀର୍ଘ ୩ବର୍ଷକାଳ ବସ୍ତିର ପୁଅଝିଅମାନଙ୍କୁ ପାଠପଢ଼ାଇବା ସହ ସେମାନଙ୍କର ବିବିଧ ଉନ୍ନତି କଳ୍ପେ ଚେଷ୍ଟିତ ରହିଥିଲେ । ବାଲେଶ୍ୱର ସହରର ବହୁ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ସହିତ ତାଙ୍କର ଥିଲା ସକ୍ରିୟ ଯୋଗଦାନ । ଜଣେ ସ୍ଥିତପ୍ରଜ୍ଞ ମଣିଷ ଭଳି ସ୍ୱଳ୍ପ କଥା କହୁଥିଲେବି ସଦାବେଳେ ଥିଲେ ପଠନ ପ୍ରିୟ । ସାଧ୍ୟ ମତେ ବହୁ ଅନୁଷ୍ଠାନକୁ ମଧ ଆର୍ଥିକ ସହାୟତା ଯୋଗାଇ ଆସୁଥିଲେ । ତାଙ୍କ ସମୟରେ ଶିକ୍ଷାକ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାରେ ଅନେକ ସଂସ୍କାର ଆସିଥିଲା । ତାଙ୍କ ଭଳି ନିରହଂଙ୍କାରୀ, ନିର୍ଲୋଭୀ, ନିରାଶକ୍ତ ବ୍ୟକ୍ତି ଆମ ସମାଜରେ ବିରଳ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା । ତାଙ୍କର କର୍ମକ୍ଷେତ୍ର ଛତ୍ରପୁର ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ପକ୍ଷରୁ ଏକ ସ୍ମୃତିଫଳକ ପୁରାତନ ଛାତ୍ର ଅମରେନ୍ଦ୍ର ନାୟକଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ଶ୍ରୀମତୀ ନାୟକଙ୍କୁ ପ୍ରଦାନ କରିଥିଲେ । ନାତୁଣୀ ଦିବ୍ୟଙ୍କା ନାୟକ ଉପସ୍ଥିତ ରହିଥିବାବେଳେ ପରିଶେଷରେ ବାଳକୃଷ୍ଣ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଶୁକ୍ରବାର, ୨ ଅକ୍ଟୋବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## କେନ୍ଦ୍ର ସରକାର ଦୂରନିରନ୍ତର ଶିକ୍ଷାରେ ନାମ ଲେଖାଇବା ପାଇଁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ତୁରନ୍ତ ଅନୁମତି ଦେବାକୁ ଦାବି

ବାରିପଦା ,୧।୧୦ (ନି.ପ୍ର): ମୟୂରଭଞ୍ଜ ଏବଂ କେନ୍ଦୁଝର ଦୁଇଟି ଆଦିବାସୀ ବହୁଳ ଜିଲ୍ଲାକୁ ନେଇ ୧୯୯୮ ମସିହାରେ ଓଡ଼ିଶା ସରକାର ସ୍ଥାପନ କରିଛନ୍ତି ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ । ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନିୟମିତ ଏବଂ ଦୂରନିରନ୍ତର ପି.ଜି. ସହିତ ଏମ.ବି.ଏ, ଏମ.ସି.ଏ, ଏମ.ଏସ.ଡବ୍ଲ୍ୟୁ ଓ ଅନ୍ୟାନ୍ୟ ବିଷୟରେ ଶିକ୍ଷାଦାନ କରାଯାଉଅଛି । ସେହିପରି ଦୂରନିରନ୍ତର ଶିକ୍ଷା ମାଧ୍ୟମରେ ଏମ.ବି.ଏ, ଏମ.ସି.ଏ, ଏମ.ଏସ.ଡବ୍ଲ୍ୟୁ ସହି ବିଭିନ୍ନ ପି.ଜି. ବିଷୟରେ ଶିକ୍ଷାଦାନ କରାଯାଉଥିଲା । ଗତ ବର୍ଷ କେନ୍ଦ୍ରସରକାରଙ୍କର ନିର୍ଦ୍ଦେଶ ମୁତାବକ ବିଶ୍ୱବିଦ୍ୟାଳୟ ଦୂରନିରନ୍ତର ମାଧ୍ୟମରେ ଶିକ୍ଷାଦାନ କରାଯାଉଥିବା ପ୍ରତ୍ୟେକ ବିଷୟରେ ଅଧ୍ୟାପକ ନିଯୁକ୍ତି କରିବା ସହିତ ପାଠ୍ୟ ଉପକରଣ ମୁଦ୍ରଣ କରି ପ୍ରସ୍ତୁତ କରିସାରିଛନ୍ତି । କୋଭିଡ କଟକଣା ଯୋଗୁଁ ନିୟମିତ କ୍ଲାସ ହୋଇ ପାରୁ ନ ଥିବାରୁ ପ୍ରାୟ ଛାତ୍ରଛାତ୍ରୀ ଦୂରନିରନ୍ତର ଶିକ୍ଷାରେ ନାମ ଲେଖାଇବା ପାଇଁ ଚାହୁଁଛନ୍ତି । ଏପରି ବ୍ୟବସ୍ଥା ଭିତରେ ବିଶ୍ୱବିଦ୍ୟାଳୟ ଆୟୋଗ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଦୂରନିରନ୍ତର ଶିକ୍ଷାରେ ନାମ ଲେଖା ପାଇଁ ଅନୁମତି ନ ଦେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବାରିପଦା ପୂର୍ବତନ ବିଧାୟକ ତଥା ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଏବଂ ସିଣ୍ଡିକେଟ ସଦସ୍ୟ ଶ୍ରୀଯୁକ୍ତ କିଶୋର ଦାଶ ପ୍ରକାଶ କରିଛନ୍ତି । କୋଭିଡ କଟକଣା ଦୃଷ୍ଟିରୁ ଆଦିବାସୀମାନଙ୍କର ଶିକ୍ଷାର ପ୍ରସାର ନିମନ୍ତେ ବିଶ୍ୱବିଦ୍ୟାଳୟର ଦୂରନିରନ୍ତର ଶିକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତା ଛଡା ବିଶ୍ୱବିଦ୍ୟାଳୟ ପାଠ୍ୟ ଉପକରଣ ମୁଦ୍ରଣ କରିବା ସହିତ ଅଧ୍ୟାପକ ମଧ୍ୟ ନିଯୁକ୍ତି କରିସାରିଥିବାରୁ ବିଶ୍ୱବିଦ୍ୟାଳୟ ଆୟୋଗ ତୁରନ୍ତ ଅନୁମତି ପ୍ରଦାନ କରିବାକୁ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଏବଂ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ କୁମାର ନାୟକ ଦାବୀ କରିଛନ୍ତି । ଓଡ଼ିଶାର ସାଂସଦମାନେ ଏହି ପ୍ରସଙ୍ଗକୁ ନେଇ ସଂସଦର ଉପସ୍ଥାପନ କରିବାକୁ ପୂର୍ବତନ ବିଧାୟକ କିଶୋର ଦାଶ, ପୂର୍ବତନ ସିନେଟ ଏବଂ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ ନାୟକ ଅନୁରୋଧ କରିଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୯,୬୪୫ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୧।୧୦ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୯ ହଜାର ୬୪୫ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୪୧,୪୫୯ ଆରଟିପିସିଆରରେ ୮,୦୭୫ ଓ ଟ୍ରୁନଟ୍‌ରେ ୧୧୧ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୩୦୦୬୪୪ ନମୁନାର ପରୀକ୍ଷା କରା ଯାଇଛି ।

### ଜିଲ୍ଲା ପ୍ରଶାସନର ସଦର ଉପ-ନିର୍ବାଚନ ପ୍ରସ୍ତୁତି

## ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଜିଲ୍ଲାପାଳଙ୍କ ବୈଠକ

ବାଲେଶ୍ୱର,୧।୧୦ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଉପ-ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ସହ ଏବେ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ଏହି ଆଦର୍ଶ ଆଚରଣ ବିଧି ପାଳନ ସଂକ୍ରାନ୍ତରେ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି । ଆଦର୍ଶ ଆଚରଣ ବିଧି କେବଳ ୩୮ ନଂ ଆସନ ଅର୍ଥାତ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ପାଇଁ ନୁହେଁ ବରଂ ସମଗ୍ର ଜିଲ୍ଲା ପାଇଁ ବୋଲି ଜିଲ୍ଲାପାଳ ସମସ୍ତଙ୍କୁ ସୂଚିତ କରିଛନ୍ତି । ସେହିପରି ରାଜନୈତିକ ଦଳମାନେ ସେମାନଙ୍କର ପୋଲିଂ ଏଜେଂଟ ଏବଂ କାଉଂଟିଂ ଏଜେଂଟମାନଙ୍କୁ ନିର୍ବାଚନ ଆଚରଣ ବିଧି ଏବଂ ଅନ୍ୟାନ୍ୟ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକୀୟ ପ୍ରଶିକ୍ଷଣ ଦେବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପରାମର୍ଶ ଦେଇଛନ୍ତି । ଏଥି ସହିତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଜିଲ୍ଲାପାଳ ସଂଶୟ/ଚିନ୍ତା ସୂଚୀ ବାବଦରେ ବୁଝାଇଥିଲେ । ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ କୌଣସି ପାର୍ଟି କିମ୍ବା ପ୍ରାର୍ଥୀ ସରକାରୀ ସମ୍ପତିର ବିକୃତିକରଣ କିମ୍ବା ନଷ୍ଟ କରିପାରିବେ ନାହିଁ । କୌଣସି ଘରୋଇ ବା ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନରେ ପ୍ରାଚୀରପତ୍ର/ବ୍ୟାନର ଇତ୍ୟାଦି ଲଗାଇବା ପୂର୍ବରୁ ସମ୍ପୃକ୍ତ ଘର ମାଲିକଙ୍କ ଅନୁମତି ନେବାକୁ ପଡିବ । ଅନୁମତି ପତ୍ରର ଏକ ନକଲ ରିଟର୍ଣ୍ଣିଂ ଅଫିସରଙ୍କ ଗୋଚରାର୍ଥେ ତାଙ୍କ ନିକଟରେ ଦାଖଲ କରିବା ପାଇଁ ଜିଲ୍ଲାପାଳ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏ ସମ୍ପର୍କିତ ଆଚରଣ ବିଧି ଉଲ୍ଲଙ୍ଘନ ସ୍ଥଳେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିନିଧିମାନଙ୍କୁ କୁହାଯାଇଥିଲା । ଗୋଟିଏ ଥରରେ ୫ରୁ ଉର୍ଦ୍ଧ୍ୱ ଗାଡି "ରୋଡ ସୋ" ବା ନିର୍ବାଚନ ପ୍ରଚାରରେ ବାହାରିପାରିବେ ନାହିଁ । ସିଙ୍ଗଲ ଓ୍ୱିଣ୍ଡୋ ମାଧ୍ୟମରେ ରାଜନୈତିକ ଦଳମାନଙ୍କୁ ବିଭିନ୍ନ ଅନୁମତି ପତ୍ର ପ୍ରଦାନ କରାଯିବ । ସମସ୍ତ ପଞ୍ଜୀକୃତ ରାଜନୈତିକ ଦଳ, ଯେଉଁମାନେ ସେମାନଙ୍କର ରାଜନୈତିକ ବିଜ୍ଞାପନର ପ୍ରଚାର ଓ ପ୍ରସାର ଚାହାଁନ୍ତି ସେମାନେ ଜିଲ୍ଲାସ୍ତରରେ ଥିବା ମିଡିଆ ସାର୍ଟିଫିକେସନ ଏଣ୍ଡ ମନିଟରିଂ କମିଟି- "ଏମ.ସି.ଏମ.ସି." (ଗଣମାଧ୍ୟମ ପ୍ରମାଣୀକରଣ ଓ ତଦାରଖ କମିଟି) ସହିତ ଯୋଗାଯୋଗ କରି ଆଗୁଆ ଆବଶ୍ୟକୀୟ ପ୍ରମାଣପତ୍ର ହାସଲ କରିବେ । ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ଆସନ୍ତା ଅକ୍ଟୋବର ୯ତାରିଖ ଦିନ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବା ବେଳେ ଅକ୍ଟୋବର ୧୬ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିପାରିବେ । ୧୭ ତାରିଖ ଦିନ ପ୍ରାର୍ଥୀପତ୍ରର ଯାଂଚ କରାଯିବା କାର୍ଯ୍ୟକ୍ରମ ରହିଛି । ଅକ୍ଟୋବର ୧୯ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଦିଆଯାଇଥିବା ବେଳେ ନଭେମ୍ବର ୩ତାରିଖ ଦିନ ମତଦାନ ହେବ ଏବଂ ନଭେମ୍ବର ୧୦ତାରିଖ ଦିନ ଭୋଟ ଗଣତି ହେବ । ରାଜନୈତିକ ଦଳର ପ୍ରତିନିଧିମାନଙ୍କ ବ୍ୟତୀତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ଆଦର୍ଶ ଆଚରଣ ବିଧି ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟଧାରାରେ ନିରପେକ୍ଷତା ଅବଲମ୍ବନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । କୋଭିଡ ନିୟମାବଳୀ ଅନୁଯାୟୀ ମତଦାନ କେନ୍ଦ୍ରରେ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବ । ସେଠାରେ ସାନିଟାଇଜର, ସାବୁନ ଇତ୍ୟାଦି ରଖାଯିବ । ମତଦାତାମାନେ ମତଦାନ କରିବାକୁ ଗଲା ବେଳେ ମାସ୍କ ପିନ୍ଧି ଯିବେ ଏବଂ ଭୋଟ ଦେବା ପୂର୍ବରୁ ସେମାନଙ୍କ ଶରୀରର ତାପମାତ୍ର ଯାଂଚ କରାଯିବ । ସେହିପରି ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଭୋଟଦାନ କକ୍ଷରେ ଅତି ଅଳ୍ପ ସମୟ ପାଇଁ ସେମାନଙ୍କୁ ମାସ୍କ କାଢିବାକୁ ଏବଂ ଚିହ୍ନଟ ପରେ ତୁରନ୍ତ ▶▶ପୃଷ୍ଠା ୭

## ଗୁଡୁଦା ସରପଞ୍ଚଙ୍କ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ

ବାଲେଶ୍ୱର,୧।୧୦ (ନି.ପ୍ର): ରେମୁଣା ବ୍ଲକ ଅନ୍ତର୍ଗତ ଗୁଡୁଦା ପଞ୍ଚାୟତରେ ସରକାରୀ ଯୋଜନା କାର୍ଯ୍ୟକାରୀରେ ଅନିୟମିତତା ଓ ଯୋଜନା ଅର୍ଥ ଆତ୍ମସାତ୍ ହୋଇଥିବା ଅଭିଯୋଗ କରି ଗ୍ରାମବାସୀମାନେ ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ଗୁଡୁଦା ସରପଞ୍ଚ ବସନ୍ତ କୁମାର ପ୍ରଧାନ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପ୍ରଭାବିତ ସହ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରି ଚାଲିଥିବା ସେମାନେ କହିଛନ୍ତି । ବିଭିନ୍ନ ଯୋଜନାରେ ହେଉଥିବା ପ୍ରକଳ୍ପ କାର୍ଯ୍ୟ ଅତିନିମ୍ନମାନରେ ହେଉଥିବା ବେଳେ ବହୁ ପ୍ରକଳ୍ପରେ ଅଧା କାର୍ଯ୍ୟ କରି ସମ୍ପୂର୍ଣ୍ଣ ବିଲ୍ ଉଠାଇବା, ଆଦୌ କାର୍ଯ୍ୟ ନକରି ପୁରୁଣା କାର୍ଯ୍ୟକୁ ଦେଖାଇ ବିଲ୍ କରିବା ପ୍ରଭୃତି ବେଆଇନ୍ କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ନେଇ ଗ୍ରାମବାସୀମାନେ ଆରୋପ ଉଠାଇଛନ୍ତି । ସବୁଠାରୁ ବଡ଼କଥା ହେଲା ପଞ୍ଚାୟତ ବୈଠକ ନ ଡକାଇ କିମ୍ବା ବୈଠକରେ ପ୍ରକଳ୍ପ ଗୃହୀତ ନକରି ସମସ୍ତ କାର୍ଯ୍ୟ କରାଯାଉଥିବା ବେଳେ ଓ୍ୱାର୍ଡ଼ ସଭ୍ୟମାନଙ୍କୁ ବି ଅଣଦେଖା କରାଯାଉଥିବା ସେମାନେ କହିଛନ୍ତି । ଏନେଇ ସୂଚନା ଅଧିକାର ଆଇନ୍ ବଳରେ ତଥ୍ୟ ମାଗିଲେ ବି ମିଳୁ ନାହିଁ । ତୁରନ୍ତ ଏହି ଅଭିଯୋଗକୁ ଗୁରୁତ୍ୱ ଦେଇ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି । ଏନେଇ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ ।

## ପାରିବାରିକ କଳହରୁ ସ୍ତ୍ରୀକୁ କଟୁରୀରେ ହାଣିଲା ସ୍ୱାମୀ





ପାରାଦୀପ,୧।୧୦ (ନି.ପ୍ର): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ନିକଟସ୍ଥ ହସିଣା ଗ୍ରାମରେ ପାରିବାରିକ କଳହକୁ ନେଇ ସ୍ୱାମୀର କଟୁରୀ ଚୋଟରେ ସ୍ତ୍ରୀର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଯେ, କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ନିକଟସ୍ଥ ହସିଣା ଗ୍ରାମର ଶ୍ରୀଧର ତରାଇଙ୍କ ସାନପୁଅ ମେଘନାଦ ତରାଇଙ୍କ ସ୍ତ୍ରୀ ପାର୍ବତୀ ତରାଇଙ୍କର ଘରୋଇ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ୱାମୀ ମେଘନାଦ ସ୍ତ୍ରୀ ପାର୍ବତୀଙ୍କ ମୁଣ୍ଡକୁ ଏକ କଟୁରୀରେ ଆକ୍ରମଣ କରିବା ଫଳରେ ଘଟଣା ସ୍ଥଳରେ ହିଁ ପାର୍ବତୀଙ୍କର ମୃତ୍ୟୁ ଘଟିଥିଲା । ଗାଁ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଁଚି ମୃତ ଦେହ ଜବତ କରିବା ସହ ସ୍ୱାମୀ ମେଘନାଦକୁ ଗିରଫ କରିଛି । ଏଥିସହ ଅଭିଯୁକ୍ତ ବ୍ୟବହାର କରିଥିବା କଟୁରୀ ମଧ ଜବତ ହୋଇଥିବା ପୋଲିସ୍ ସୂତ୍ରରୁ ପ୍ରକାଶ ।

## କୃଷି ଆଇନ୍‌ର ଉପାଦେୟତା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ସୂଚନା




ବାଲେଶ୍ୱର,୧।୧୦ (ନି.ପ୍ର): ଦେଶର କୃଷି ଓ କୃଷକଙ୍କ ବିକାଶରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାରିତ ନୂତନ କୃଷି ଆଇନ୍ ଉପାଦୟେତା ସମ୍ପର୍କରେ ନ ଜାଣି ଏହାକୁ ବିରୋଧ କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଜିଲ୍ଲା ବିଜେପି ପକ୍ଷରୁ ସ୍ଥାନୀୟ ରୟାଲ କୁଇନ୍ କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଯୋଗଦେଇ ନୂତନ କୃଷି ଆଇନ୍ 'ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଏଣ୍ଡ କମର୍ସ'-ପ୍ରୋମୋସନ ଏଣ୍ଡ ଫେସିଲିଟିସନ୍ ଆକ୍ଟ-୨୦୨୦ର ସକାରାତ୍ମକ ଦିଗ ଓ ବିଭିନ୍ନ ଉପାଦେୟତା ଉପରେ ଆଲୋକପାତ କରିଛନ୍ତି । ଏହି କୃଷି ଆଇନ୍ ଦ୍ୱାରା କୃଷକମାନେ ସେମାନଙ୍କ ଉତ୍ପାଦିତ ଫସଲକୁ ନିୟନ୍ତ୍ରିତ ମାର୍କେଟ କମିଟି ଦ୍ୱାରା ବିକ୍ରି କରି ଉଚିତ ମୂଲ୍ୟ ପାଇପାରିବାର ବ୍ୟବସ୍ଥା ରହିଛି । ରେଗୁଲେଟେଡ୍ ମାର୍କେଟ କମିଟି କେବେ କୃଷକର ସ୍ୱାର୍ଥରକ୍ଷାରେ କେବେ ବାଧା ସୃଷ୍ଟି କରିପାରିବ ନାହିଁ । ଏହି ଆଇନ୍ ଦ୍ୱାରା ଦେଶର ଏକକ କୃଷି ବଜାର ପ୍ରଚଳନ କରାଯାଇ ପାରିବ, ମାତ୍ର ଜଣେ କୃଷକ ଇଚ୍ଛାକଲେ ତାର ଉତ୍ପାଦ ସାମଗ୍ରୀକୁ ସେ ଯେ କୌଣସି ସ୍ଥାନରେ ବିକ୍ରି କରିପାରିବ । ଏଥିରେ କୃଷକଙ୍କ ପାଇଁ ଅଙ୍କୁଶ ନାହିଁ । ଏହି ଆଇନ୍ କୃଷକ, କୃଷି ଉତ୍ପାଦକ ସଂଘ ଓ ବ୍ୟବସାୟୀ ସଂଘକୁ ମୂଲ୍ୟ ନିର୍ଦ୍ଧାରଣ, ରପ୍ତାନୀ ଏବଂ ପ୍ରକ୍ରିୟାକରଣ ତଥା ବ୍ୟବସାୟିକ ଅନୁମତି ପ୍ରଦାନ କରିଛି । କୌଣସି ବ୍ୟବସାୟୀ ଏଥିରେ ସାମିଲ ହୋଇ କୃଷି ଉତ୍ପାଦନ ଫସଲ କ୍ରୟବେଳେ ଆଇନ୍ ଉଲ୍ଲଂଘନ କରେ ତାହାଲେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି । ସବୁଠାରୁ ବଡ଼କଥା ହେଲା ବ୍ୟବସାୟୀମାନେ ଚାଷୀଙ୍କଠାରୁ ସେମାନଙ୍କ ଉତ୍ପାଦ କ୍ରୟର ସର୍ବାଧିକ ୩ ଦିନ ମଧ୍ୟରେ ଉଚିତ ପ୍ରାପ୍ୟ ପ୍ରଦାନ ନକଲେ ସେମାନେ ବି ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି । ଏମିତିକି ଚାଷୀଙ୍କ ଆପତ୍ତି ଅଭିଯୋଗର ବିଚାର ପାଇଁ ଏସଡିଜେଏମଙ୍କୁ କ୍ଷମତା ଦିଆଯାଇଛି । ଚାଷୀଙ୍କ ଉନ୍ନତି ପାଇଁ ଏହି ଅଇନ୍‌ରେ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ବିରୋଧୀ ରାଜନୈତିକ ଦଳ ପକ୍ଷରୁ ଏହାକୁ ବିରୋଧ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ସେମାନେ ଏହି ଆଇନ୍ ବିଷୟରେ ସମ୍ପୂର୍ଣ୍ଣ ନ ଜାଣି ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାର ମିଥ୍ୟାକଥା କହୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଆରୋପ ଉଠାଇଛନ୍ତି । ସେମାନଙ୍କ ମିଥ୍ୟା ଅଭିଯୋଗରେ ନ ଭୁଲି ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ପାରିତ ନୂତନ କୃଷି ଆଇନ୍ ପ୍ରତି ସମ୍ବେଦନଶୀଳ ରହିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜେପି କୃଷକ ମୋର୍ଚ୍ଚା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଂଶୁମାନ ମହାନ୍ତି, କୃଷକମୋର୍ଚ୍ଚା ଜିଲ୍ଲା ସଂଯୋଜକ ଶୁଭଙ୍କର ମହାପାତ୍ର, ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ବିଧାନସଭାରେ ଉଠିଲା ଦିଗପହଣ୍ଡି ଓ କୋରାପୁଟ ଆରଏମସି ଦୁର୍ନୀତି ପ୍ରସଙ୍ଗ

ଭୁବନେଶ୍ୱର,୧।୧୦ (ନି.ପ୍ର): ଗଂଜାମ ଦିଗପହଣ୍ଡି ଓ କୋରାପୁଟ ଆର ଏମ ସି ରେ ବ୍ୟାପକ ଦୁର୍ନୀତିର ଅଭିଯୋଗ ଆଣିଲେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି । ଆଜି ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ଏହି ମାମଲାରେ ରୁଲିଂ ଦାବି କରିଥିଲେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ୧୦୦ କୋଟି ଟଙ୍କାର ସମ୍ପତିକୁ ଆର ଏମ ସି କମିଟି ବିକ୍ରି କରିଦେଇଥିବା ଅଭିଯୋଗ କରିବା ସହ ଏହାର ତଦନ୍ତ କରିବାକୁ ବାଚସ୍ପତିଙ୍କ ରୁଲିଂଗ ଦାବି କରିଥିଲେ । ଅନ୍ୟ ପକ୍ଷରେ ଏହି ଘଟଣାରେ ବିଭାଗୀୟ ମନ୍ତ୍ରୀ ଏକ କମିଟି ଗଠନ କରି ନିଜେ ତଦନ୍ତ କରିବେ ଓ ଆବଶ୍ୟକ ପଡ଼ିଲେ ଭିଜିଲାନ୍ସ ତଦନ୍ତ କରାଇବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ ।

### ଦାରିଦ୍ର୍ୟତାକୁ ଉପହାସ

## ୪୦ ବର୍ଷଧରି ପଲିଥିନ ତଳେ ଜୀବନ ମିଳୁନି ଆବାସ ଯୋଜନା



ଜଳେଶ୍ୱର, ୧/୧୦ (ନି.ପ୍ର) : ଗରିବଙ୍କ ଲାଗି ହେଉଛି ସରକାରୀ ଯୋଜନା । କିନ୍ତୁ ବହୁ ବ୍ୟକ୍ତିଙ୍କୁ ଏପରି ଯୋଜନାରେ ସାମିଲ କରାଯାଉନାହିଁ । ବ୍ୟକ୍ତି ଜଣକ ସ୍ଥାନୀୟ ଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦୌଡି ଦୌଡି ନୟାନ୍ତ । ତାଙ୍କୁ ମିଳିପାରୁନାହିଁ ଆବଶ୍ୟକ ସରକାରୀ ସୁବିଧା ସୁଯୋଗ । ବାଲେଶ୍ୱର ଜିଲାର ପାଇକସୀଦା ପଂଚାୟତର କେଶପୁ ର ଗାଁରେ ବାସନ୍ତୀ ଭୋଳ ୬ ପ୍ରାଣି କୁଟୁମ୍ବକୁ ଧରି ଏପରି ପଲିଥିନତଳେ ବାସ କରିଆସୁଥିଲେ ହେଁ ତାଙ୍କୁ ଆବାସ ଯୋଜନାରେ ଗୃହ ଅଦ୍ୟାବଧି ମିଳିପାରି ନାହିଁ । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀକୂଳ କେଶପୁରା ଗାଁର ଶ୍ରୀହରୀ ଦାସଙ୍କର ଏକମାତ୍ର ଝିଅ ବାସନ୍ତୀକୁ ଉଦୟ ଭୋଳଙ୍କ ସହିତ ବିବାହ କରାଇ ଘର ଜ୍ୱାଇଁ କରି ରଖିଛନ୍ତି । ବାସନ୍ତୀ ନାମରେ ଶ୍ରୀହରୀ ମଧ୍ୟ ଘରଡିହ କବଲା କରିଛନ୍ତି । ଏବେ ବାସନ୍ତୀଙ୍କର ୬ ପରିବାର ସେହି ବାପାଙ୍କ ଦାନ ସ୍ଥାନରେ ରହି ଆସୁଛନ୍ତି । ବାସନ୍ତୀଙ୍କୁ ମଧ୍ୟ ଭୋଟ ପରିଚୟ ପତ୍ର, ଆଧାରକାର୍ଡ ଓ ରେସନ୍‌କାର୍ଡ ମଧ୍ୟ ମିଳିଛି । ସ୍ୱାମୀ ଅସୁସ୍ଥ ରହୁଥିବାରୁ ନିଜେ ଅନ୍ୟଘରେ କାମ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି । ମୁଣ୍ଡଗୁଂଜିବାକୁ ଭଲ ଘରଟିଏ ନ ଥିବାରୁ ନିଜ ଭଂଗାଘରେ ପଲିଥିନ ପକାଇ ରହିଆସୁଛନ୍ତି । କିନ୍ତୁ ଏହି ଆବସ ଯୋଜନାରେ ଘରଟିଏ ପାଇଁ ସେ ବାରମ୍ବାର ସରପଂଚ, ପିଇଓ, ବିଡିଓଙ୍କ ନିକଟକୁ ଦୌଡି ଦୌଡି ନୟାନ୍ତ ହେଲେଣି । ମିଳିପାରିନି ଏକ ଆବାସ ଯୋଜନା । ଏହି ଯୋଜନାରେ ସରକାରୀ ଘରଟିଏ ପାଇଁ ଗାଁ ଦଲାଲ ୨୦ହଜାର ଟଙ୍କା ମାଗୁଛନ୍ତି । ଏପରିକି ଜିଲାପାଳଙ୍କ ଜନଶୁଣାଣୀ ତାରିଖ ସେ ଜାଣି ପାରୁନଥିବାରୁ ସାକ୍ଷାତ ମଧ୍ୟ କରିପାରିନାହାନ୍ତି । କିନ୍ତୁ ୨ ଦିନ ତଳେ ତାଙ୍କର ଦାରିଦ୍ରତା ସଂପର୍କରେ ଜିଲାପାଳଙ୍କୁ ଲେଖିବା ସହିତ ଏକ ଆବସ ଯୋଜନାରେ ଘର ଯୋଗାଇବାକୁ ନିବେଦନ କରିଛନ୍ତି ।

## ଉନ୍ମୋଚିତ ହେଲା ଶିକ୍ଷାବିତ ସନାତନ ନାୟକଙ୍କ ଏକାଦଶାହ ସ୍ମୃତି ସଭାରେ ତାଙ୍କ ଲିଖିତ 'ନିର୍ବାଣ ନୁହେଁ ଜୀବନ' କବିତାଗ୍ରନ୍ଥ



ବାଲେଶ୍ୱର ,୧।୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଅତି ଜଣାଶୁଣା ଶିକ୍ଷାବିତ୍, ଅବସରପ୍ରାପ୍ତ ପ୍ରାଶାସନିକ ଅଧିକାରୀ, ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ସନାତନ ନାୟକଙ୍କ ଏକାଦଶାହ ତିଥିରେ ତାଙ୍କ ଜନ୍ମଭୂମି ଅଭଣା ଗ୍ରାମରେ ତାଙ୍କ ଲିଖିତ କବିତାଗ୍ରନ୍ଥ 'ନିର୍ବାଣ ନୁହେଁ ଜୀବନ'ର ଉନ୍ମୋଚନ ସହ ସ୍ମୃତିଚାରଣ ସଭା ସାମାଜିକ ଦୂରତା ରକ୍ଷାକରି ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଗତ ୨୦ ତାରିଖ ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ହୃଦଘାତ ଜନିତ ଆକସ୍ମିକ ମୃତ୍ୟୁପରେ ତାଙ୍କର ହଜାରହଜାର ଛାତ୍ରଛାତ୍ରୀ ତଥା ଶିକ୍ଷକସମାଜରେ ଶୋକରଛାୟା ଖେଳି ଯାଇଥିଲା । ୩୦ତାରିଖ ସନ୍ଧ୍ୟାରେ ତାଙ୍କ ଅଭଣାସ୍ଥିତ ବାସଭବନରେ ତାଙ୍କର ଶିକ୍ଷାଗୁରୁ ତଥା ଲେଖକ ଭାସ୍କରଚନ୍ଦ୍ର ଅଗସ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ୰ ନାୟକଙ୍କ ବହୁ ଗୁଣମୁଗ୍ଧ ଛାତ୍ର, ଶିକ୍ଷକ, ସହକର୍ମୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଭାବଗମ୍ଭୀର ପରିବେଶ ମଧରେ ସ୍ୱର୍ଗତ ନାୟକଙ୍କ ଗୁଣାବଳୀର ସ୍ମୃତିଚାରଣ କରିଥିଲେ । ୰ ନାୟକ ତାଙ୍କ ଜୀବଦ୍ଦଶାରେ ଲେଖିଥିବା କବିତାଗୁଡ଼ିକୁ ନେଇ ଯେଉଁ କବିତା ଗ୍ରନ୍ଥଟି କୋଭିଡ ମହାମାରୀର ପ୍ରାରମ୍ଭକାଳରେ ମୁଦ୍ରିତ ହୋଇଥିଲା ତାହା ତାଙ୍କ ଅବର୍ତ୍ତମାନରେ ତାଙ୍କ ପ୍ରିୟ ଜନ୍ମଭୂମିରେ ଜନ୍ମଦାତ୍ରୀ ମା' .ପଦ୍ମାବତୀ ନାୟକ, ବଡ଼ଭାଇ ଜନାର୍ଦ୍ଦନ ନାୟକ, ସହଧର୍ମିଣୀ ଶିକ୍ଷୟିତ୍ରୀ ଜୟନ୍ତୀ ନାୟକ, ପୁତ୍ର ଦେବାଶିଷ ନାୟକ, ପୁତ୍ରବଧୂ ଅର୍ପିତା ଆଚାର୍ଯ୍ୟ ପ୍ରଭୃତିଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ପୁସ୍ତକର ପ୍ରକାଶକ ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ଉନ୍ମୋଚନ କରିଥିଲେ । ଧିରେନ୍ଦ୍ର ପତିଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅଭଣା ପଞ୍ଚାୟତର ସରପଞ୍ଚ ଦୟାନିଧି ମାଝୀ, ଖରାସାହାପୁର ପଞ୍ଚାୟତର ସରପଞ୍ଚ ଶ୍ୟାମସୁନ୍ଦର ଜେନା, କୁଚିଆକୋଇଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ▶▶ପୃଷ୍ଠା ୭

## ଆହତ ନାଗସାପର ଚିକିତ୍ସା କରାଇଲେ ପ୍ରଦୀପ

ରାୟଗଡ଼ା,୧।୧୦ (ନି.ପ୍ର): ଜୀବ ଓ ସରୀସୃପଙ୍କ ପ୍ରତି ମାନବିକତା ପ୍ରଦର୍ଶନ କରି ଏବେ ଚର୍ଚ୍ଚାରେ ରାୟଗଡ଼ା ସହରର ସାପଧରାଳି ପ୍ରଦୀପ ସେନାପତି । ଏକ ଆହତ ନାଗ ସାପକୁ ଉଦ୍ଧାର କରି ଚିକିତ୍ସା କରାଇବା ପରେ ତାକୁ ଘରେ ନେଇ ସୁରକ୍ଷିତ ରଖିଛନ୍ତି । ସୁସ୍ଥ ହେବାପରେ ସାପକୁ ଜଙ୍ଗଲରେ ଛାଡ଼ି ଦେବେ ବୋଲି କହିଛନ୍ତି ପ୍ରଦୀପ । ଘଟଣାରୁ ପ୍ରକାଶ ଯେ, ସ୍ଥାନୀୟ ମୁଖ୍ୟ ଡାକଘର ନିକଟ ସନ୍ତୋଷୀ ମା' ମନ୍ଦିର ନିକଟରେ ନାଗ ସାପ ରହିଥିବା ସୂଚନା ପାଇଥିଲେ ସାପଧରାଳି ପ୍ରଦୀପ ସେନାପତି । ମନ୍ଦିର ନିକଟରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ । ଉଦ୍ଧାର ପୂର୍ବରୁ କେହି ସାପକୁ ପଥରମାରି କ୍ଷତାକ୍ତ କରି ଦେଇଥିଲେ । ସାପର ଲାରେ ଗଭୀର କ୍ଷତ ଥିବା ପ୍ରଦୀପଙ୍କ ନଜରକୁ ଆସିଥିଲା । ତୁରନ୍ତ ସାପକୁ ଉଦ୍ଧାର କରି ଏକ ପ୍ଲାଷ୍ଟିକ୍ ବାକ୍ସରେ ପୂରାଇ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ନିଜେ ଉପସ୍ଥିତ ରହି ସାପର ଲାରେ ଔଷଧ ଓ ଇଞ୍ଜେକସନ୍ ଦେଇ ବ୍ୟାଣ୍ଡେଜ ମଧ କରାଇଥିଲେ । ଦୁଇ ଦିନ ସାପର ଚିକିତ୍ସା କରାଇବା ପାଇଁ ପ୍ରାଣୀଧନ ଡାକ୍ତର ପରାମର୍ଶ ଦେବା ପରେ ଆହତ ନାଗ ସାପକୁ ପୁଣି ବାକ୍ସରେ ପୂରାଇ ପ୍ରଦୀପ ନିଜ ଘରକୁ ନେଇଛନ୍ତି । ଆସନ୍ତାକାଲି ପୁଣି ଚିକିତ୍ସା କରିବା ପରେ ସାପକୁ ଜଙ୍ଗଲରେ ଛାଡ଼ି ଦେବେ ବୋଲି ସେ ସୂଚନା ଦେଇଛନ୍ତି । ପ୍ରଦୀପଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି । କାରଣ ସାପକୁ ଦେଖିଲେ ତାକୁ ମାରିବା ପାଇଁ ଲୋକଙ୍କ ମଧରେ ଏକ ହିଂସ୍ର ମାନସିକତା ରହିଥାଏ । ତେବେ ପ୍ରଦୀପଙ୍କ କ୍ଷେତ୍ରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି । ଉଦ୍ଧାର କରି ନାଗ ସାପକୁ ଚିକିତ୍ସା କରିବା ନିଶ୍ଚିତ ଭାବେ ଏକ ବିରଳ ଘଟଣା । ପେଶାରେ ଅଟୋ ଡ୍ରାଇଭର ହୋଇଥିଲେ ମଧ ସାପ ଧରିବା ପାଇଁ ସହରରେ ସେ ଲୋଡ଼ା ପଡୁଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo